
ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର ୧୧ ଅକ୍ଟୋବର ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 11 OCTOBER 2022
Vol.No. 33 ■ No. 263 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ପ୍ରକାଶ ପାଇଛି ପୂଜା ସଂଖ୍ୟା

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ଘନଘନ ମିଶାଇଲ ମାଡ଼ ପରେ ୟୁକ୍ରେନକୁ ବଡ଼ ହମଲାର ଧମକ ଦେଲେ ପୁଟିନ



ମସ୍କୋ, ୧୦/୧୦: ୟୁକ୍ରେନର ରାଜଧାନୀ କିଭ୍ ସମେତ ଏକାଧିକ ସ୍ଥାନରେ ଆଜି ରୁଷ ପକ୍ଷରୁ ପ୍ରଚଣ୍ଡ ହମଲା କରାଯାଇଛି । ୭୦ରୁ ଅଧିକ ମିଶାଇଲ ରୁଷ ମାଡ଼ କରିବା ପରେ ୟୁକ୍ରେନ ସ୍ଥିତି ବେହାଲ ହୋଇଛି । ଏଥିରେ ଏଯାଏ ୧୦ ଜଣଙ୍କ ଜୀବନ ଯାଇଥିବା ବେଳେ ୬୦ରୁ ଅଧିକ ଆହତ ହୋଇଛନ୍ତି । ଇରାନରୁ ଆଣିଥିବା ଡ୍ରୋନ ଠାରୁ ଆରମ୍ଭ ବିଭିନ୍ନ ଅତ୍ୟାଧୁନିକ ରକେଟ ଲଞ୍ଚର ଦ୍ୱାରା ରୁଷ ହମଲା କରିଛି । ଏହି ହମଲା ପରେ ବି ୟୁକ୍ରେନକୁ ଧମକ ଦେବା ପାଇଁ ଭୁଲି ନାହାନ୍ତି ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ । କ୍ରିମିଆ ବ୍ରିଜ୍ ଉପରେ ୟୁକ୍ରେନ ହମଲା କରି ଏହାକୁ ଉଡ଼ାଇ ଦେଇଥିବାରୁ ରୁଷ ଆଜି ପ୍ରତିଶୋଧ ନେଇଥିବା ପୁଟିନ କହିଛନ୍ତି । ସେହିପରି ଆଗକୁ ଯଦି ୟୁକ୍ରେନ କ୍ରିମିଆ ଭଳି ଆକ୍ରମଣ କରେ, ତା'ହେଲେ ଏହାର ଜବାବ ଆହୁରି ଭୟଙ୍କର ଢଙ୍ଗରେ ଦିଆଯିବ ବୋଲି ପୁଟିନ ଖୋଲାଖୋଲି କହିଛନ୍ତି । ରୁଷର ସୁରକ୍ଷା ପରିଷଦ ବୈଠକରେ ଯୋଗଦେଇଥିବା ପୁଟିନ କହିଛନ୍ତି, ଆଜି ସକାଳେ ପ୍ରତିରକ୍ଷା ମନ୍ତ୍ରଣାଳୟର ପ୍ରସ୍ତାବ ଓ ରୁଷିଆନ ଜେନେରାଲ ଷ୍ଟାଫଙ୍କ ଯୋଜନା ଅନୁସାରେ ପ୍ରଚଣ୍ଡ ହମଲା କରାଯାଇଛି । ଦୂରଗାମୀ ତଥା ଉଚ୍ଚ କ୍ଷମତା ସମ୍ପନ୍ନ ମିଶାଇଲ ଦ୍ୱାରା ବାୟୁ, ସମୁଦ୍ର ଓ ସ୍ଥଳ ଭାଗରୁ ୟୁକ୍ରେନକୁ ଟାର୍ଗେଟ କରାଯାଇଛି । ୟୁକ୍ରେନର ଶକ୍ତି, ମିଲିଟାରୀ କମାଣ୍ଡ ଓ ଯୋଗାଯୋଗ ବ୍ୟବସ୍ଥାକୁ ଧ୍ୱଂସ କରାଯାଇଛି । ଯଦି ଆଗକୁ ଆମ ସୀମାରେ ଆତଙ୍କୀ ହମଲା କରିବାକୁ ଚେଷ୍ଟା କରଯାଏ, ତା'ହେଲେ ରୁଷିଆ ଏହା ଠାରୁ ଆହୁରି ଭୟଙ୍କର ଢଙ୍ଗରେ ଜବାବ ଦେବାକୁ ପଛାଇବ ନେହିଁ । ଆମେ କୌଣସି ପ୍ରକାରର ବିପଦକୁ ଡରିବୁ ନାହିଁ । ଆମ ଚେତାବନୀକୁ ନେଇ କେହି ସନ୍ଦେହରେ ରହିବା ଠିକ୍ ନୁହେଁ । ଫରେନ୍ସିକ ଓ ଅନ୍ୟ ତଥ୍ୟରୁ ସ୍ପଷ୍ଟ ହୋଇଛି ଯେ କ୍ରିମିଆ ବ୍ରିଜ୍ ଉପରେ ହୋଇଥିବା ବିସ୍ଫୋରଣ ଗୋଟିଏ ଆତଙ୍କୀ କାର୍ଯ୍ୟକଳାପ । ରୁଷର ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମିକୁ ନଷ୍ଟ କରିବାକୁ ଏପରି ହମଲା କରାଯାଇଥିଲା । ୟୁକ୍ରେନର ଗୁଇନ୍ଦା ସର୍ଭିସ ହିଁ ଏଥିପାଇଁ ନିର୍ଦ୍ଦେଶ ଓ ଯୋଜନା କରିଥିଲା । ଏକାଧିକ ଆତଙ୍କୀ ହମଲା ଓ ହମଲା ଉଦ୍ୟମ ଆମ ବିଜୁଳି ବ୍ୟବସ୍ଥା ଓ ଗ୍ୟାସ ପରିବହନ ଭିତ୍ତିଭୂମିରେ କରାଯାଇଛି । ତୁର୍କଷ୍ଟ୍ରିମ ଗ୍ୟାସ ଟ୍ରାନ୍ସମିସନ ବ୍ୟବସ୍ଥାକୁ ମଧ୍ୟ ଧ୍ୱଂସ ପାଇଁ ଉଦ୍ୟମ ହୋଇଥିଲା । ଏହି ଘଟଣାରେ ଧରା ପଡ଼ିଥିବା ଆତଙ୍କବାଦୀମାନେ ସବୁ କଥା କହିଛନ୍ତି । ଆମେ ଜାଣିଛୁ ଏସବୁରୁ ଫାଇଦା କିଏ ପାଇଛି । କିଭ୍ ଶାସକ ଏପରି ଆଚରଣ କରି ନିଜକୁ ଅନ୍ତର୍ଜାତୀୟ ଆତଙ୍କବାଦୀ ଗ୍ରୁପ୍‌ରେ ସାମିଲ କରିଛନ୍ତି । ରୁଷ କେବେ ହେଲେ ଆତଙ୍କବାଦୀ କାର୍ଯ୍ୟକଳାପକୁ ଦେଖି ଚୁପ ରହିବ ନାହିଁ ବୋଲି ପୁଟିନ କହିଛନ୍ତି ।

## ଅର୍ଥନୀତିରେ ୩ ଜଣଙ୍କୁ ନୋବେଲ




ନୂଆଦିଲ୍ଲୀ, ୧୦/୧୦ : ଆଜି ଅର୍ଥନୀତି ପାଇଁ ନୋବେଲ ପୁରସ୍କାର ଘୋଷଣା ହୋଇଛି । ଏହି ଅବସରରେ ୩ ଅର୍ଥନୀତିଜ୍ଞଙ୍କୁ ମିଳିତ ଭାବେ ଏହି ନୋବେଲ ପୁରସ୍କାର ମିଳିବା ନେଇ ମୋହର ବାଜିଛି । ସେମାନେ ହେଲେ ବେନ୍ ବେର୍ଣ୍ଣାଙ୍କେ, ଡଗଲାସ୍ ଡାଇମଣ୍ଡ ଓ ଫିଲିପ୍ ଡିଭିଗ୍ । ବ୍ୟାଙ୍କ ଓ ଆର୍ଥିକ ସଂକଟ ବିଷୟରେ ଗବେଷଣା ପାଇଁ ଏହି ସମ୍ମାନଜନକ ପୁରସ୍କାର ମିଳିବ । ଚୟନ କମିଟି କହିଛି ଯେ, ବୁଡି ଯାଉଥିବା ଅର୍ଥନୀତିକୁ ଉତ୍ଥାନ ପାଇଁ ଏହି ତିନିଜଣ ବିଜେତାଙ୍କ ଗବେଷଣା ସାରା ବିଶ୍ୱକୁ ଏକ ନୂଆ ବାଟ ଦେଖାଇଛି । ବିଶେଷ କରି ଆର୍ଥିକ ସଙ୍କଟ ସମୟରେ ବ୍ୟାଙ୍କ ଗୁଡ଼ିକର ଭୂମିକା ଉପରେ ଏମାନେ ବାହାର କରିଥିବା ଉପାୟ ବେଶ ଉପାଦେୟ । ଯାହା ଦେବାଳିଆ ହୋଇ ଯାଉଥିବା ବ୍ୟାଙ୍କ ଗୁଡ଼ିକୁ ବଞ୍ଚାଇପାରିବ । ସେମାନଙ୍କ ଅନୁସନ୍ଧାନରେ ବ୍ୟାଙ୍କ ଭୁଶୁଡ଼ିବା ଠାରୁ ଦୂରେଇ ରହିବା ଅତ୍ୟନ୍ତ ଉପାୟ ରହିଛି । । ଆମ ପାଖରେ ଥିବା ବ୍ୟାଙ୍କ ଗୁଡ଼ିକର ସୁପରିଚାଳନା ପାଇଁ ଏହି ଗବେଷଣା ହିଁ ମାର୍ଗ ଦେଖାଇବ ବୋଲି କୁହାଯାଇଛି । ଆଲଫ୍ରେଡ ନୋବେଲଙ୍କ ସ୍ମୃତି ଉଦ୍ଦେଶ୍ୟରେ ଅର୍ଥନୀତିରେ ନୋବେଲ ପୁରସ୍କାର ଦିଆଯାଇ ଆସୁଛି ।

## ମୁଲାୟମ ସିଂହଙ୍କ ପରଲୋକ



ଲକ୍ଷ୍ନୌ, ୧୦/୧୦(ନି.ପ୍ର): ଆଉନାହାନ୍ତି ସମାଜବାଦୀ ପାର୍ଟି ସୁପ୍ରିମୋ ତଥା ଉତ୍ତରପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ମୁଲାୟମ ସିଂହ ଯାଦବ । ୮୨ ବର୍ଷ ବୟସରେ ତାଙ୍କ ପରଲୋକ ଘଟିଛି । କିଛି ଦିନ ହେବ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ନଥିଲା । ଗୁରୁଗ୍ରାମର ମେଦାନ୍ତ ହସ୍ପିଟାଲରେ ଗତ ସପ୍ତାହ ହେଲା ତାଙ୍କର ଚିକିତ୍ସା ଚାଲିଥିଲା । ଏପରିକି ଗତକାଲି ସେ ଗୁରୁତର ଅସୁସ୍ଥ ହୋଇ ପଡିଥିଲେ । ଆଜି ସକାଳେ ତାଙ୍କର ମୃତ୍ୟୁ ଘଟିଥିବା ପୁଅ ଅଖିଳେଶ ଯାଦବ ସୂଚନା ଦେଇଛନ୍ତି । ଅଖିଳେଶ ଯାଦବ ମୁଲାୟମଙ୍କ ଦେହାନ୍ତ ପରେ ଭାବୁକ ହୋଇ ପଡିଛନ୍ତି । ସେ ଟ୍ୱିଟ୍ କରି କହିଛନ୍ତି, 'ମୋ ବାପା ଓ ସମସ୍ତଙ୍କ ନେତାଜୀ ଆଉ ନାହାନ୍ତି ।' ଅସୁସ୍ଥତା କାରଣରୁ ଅଗଷ୍ଟ ୨୨ରେ ଉତ୍ତର ପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ମୁଲାୟମ ସିଂହ ଯାଦବଙ୍କୁ ମେଦାନ୍ତ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ସେଠାରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରୁ ଗତ ଅକ୍ଟୋବର ୧ରେ ତାଙ୍କୁ ସିସିୟୁକୁ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ଗୋଟିଏ ଦିନ ରହିବା ପରେ ଆଇସିୟୁରେ ଚିକିତ୍ସିତ ହେଉଥିଲେ । ଗତ ବର୍ଷ ମଧ୍ୟ ପେଟ ଯନ୍ତ୍ରଣା ହେତୁ ତାଙ୍କୁ ମେଦାନ୍ତ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ପେଟରେ ଯନ୍ତ୍ରଣା ହେବାରୁ ତାଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ପରେ ତାଙ୍କ ଅନ୍ତନଳୀରେ ସମସ୍ୟା ଥିବା ପରୀକ୍ଷାରୁ ଜଣାପଡିଥିଲା । ଏହାପରେ ତାଙ୍କ ଅନ୍ତନଳୀକୁ ସଫା କରିବା ପାଇଁ କଲୋନୋସ୍କୋପି କରାଯାଇଥିଲା । କଲୋନୋସ୍କୋପି ପରେ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସୁଧୁରିବାରୁ ଡାକ୍ତରମାନେ ତାଙ୍କୁ ଡାକ୍ତରଖାନାରୁ ଡିସଚାର୍ଜ କରିଥିଲେ ।

## ରବୀନ୍ଦ୍ର ସାହୁ ନୟାଗଡ଼ ଜିଲ୍ଲାପାଳ, ୬ ଟ୍ରେନି ଆଇଏଏସଙ୍କୁ ନୂଆ ଦାୟିତ୍ୱ

ଭୁବନେଶ୍ୱର, ୧୦/୧୦(ନି.ପ୍ର): ରାଜ୍ୟ ସରକାର ଆଜି ଆଇଏଏ ଅଫିସରସ୍ତରରେ ଅଦଳବଦଳ କରିଛନ୍ତି । ୨୦୧୨ ବ୍ୟାଚ୍ ଆଇଏଏସ୍ ତଥା ନୟାଗଡ଼ ଜିଲ୍ଲାପାଳ ପୋମା ଟୁଡୁଙ୍କୁ ବଦଳି କରି ତାଙ୍କ ସ୍ଥାନରେ ୨୦୦୯ ବ୍ୟାଚ୍ ଆଇଏଏସ୍ ରବୀନ୍ଦ୍ର ନାଥ ସାହୁଙ୍କୁ ନିଯୁକ୍ତି ଦିଆଯାଇଛି । ଶ୍ରୀ ସାହୁ ଦୀର୍ଘଦିନ ଧରି ରାଜ୍ୟ ନିର୍ବାଚନ କମିଶନଙ୍କ ସଚିବ ଭାବେ କାର୍ଯ୍ୟ କରୁଛନ୍ତି । ରାଜ୍ୟ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ନୟାଗଡ଼ ଜିଲ୍ଲାପାଳ ପୋମା ଟୁଡୁଙ୍କୁ ଓଡ଼ିଶା ରାଜ୍ୟ ଔଷଧ ନିଗମର ପରିଚାଳନା ନିର୍ଦ୍ଦେଶକ ଭାବେ ବଦଳି କରାଯାଇଛି । ସେ ରାଜ୍ୟ ସରକାରରେ ଯୁଗ୍ମ ସଚିବ ଭାବେ ସୁବିଧା ସୁଯୋଗ ପାଇବେ । ସେହିପରି ଓଏଏସରୁ ପଦୋନ୍ନତି ପାଇଥିବା ଆଇଏଏସ୍ ରବୀନ୍ଦ୍ର ସାହୁଙ୍କୁ ନୟାଗଡ଼ ଜିଲ୍ଲାପାଳ ଭାବେ ଅବସ୍ଥାପିତ କରାଯାଇଛି । ଶ୍ରୀ ସାହୁ ଦୀର୍ଘବର୍ଷ ଧରି ରାଜ୍ୟ ନିର୍ବାଚନ କମିଶନଙ୍କ ସଚିବ ଭାବେ କାର୍ଯ୍ୟ କରୁଛନ୍ତି । ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକା ଆଇଏଏସ୍ ବୃନ୍ଦା ଡି ଏବେ ▶▶ପୃଷ୍ଠା ୭

## ଉଦ୍ଧବ ଠାକେରଙ୍କୁ ମଶାଲ ଚିହ୍ନ, ପାର୍ଟିର ନାଁ ବି ବଦଳିଲା



ମୁମ୍ବାଇ, ୧୦/୧୦(ନି.ପ୍ର): ଉଦ୍ଧବ ଠାକରେ ଓ ଏକନାଥ ସିନ୍ଦେଙ୍କ ମଧ୍ୟରେ ଚାଲିଥିବା ବିବାଦରେ ନିର୍ବାଚନ କମିଶନ ବଡ଼ ନିଷ୍ପତ୍ତି ନେଇଛନ୍ତି । ଉଦ୍ଧବ ଠାକରେଙ୍କୁ ଆଜି ନିର୍ବାଚନ କମିଶନ ମଶାଲ ଚିହ୍ନ ଦେଇଛନ୍ତି । ଏଥିସହ ତାଙ୍କ ରାଜନୀତିକ ପାର୍ଟିର ନାଁ ମଧ୍ୟ ବଦଳିଛି । ଉଭୟ ଉଦ୍ଧବ ଓ ସିନ୍ଦେ ଗୋଷ୍ଠୀ ଶିବସେନା ଉପରେ ନିଜର ହକ ଜାହିର କରୁଥିଲେ । ହେଲେ ପ୍ରଥମେ ନିର୍ବାଚନ କମିଶନ ଶିବସେନାର ଦଳୀୟ ଚିହ୍ନ 'ଧନୁ ଓ ତୀର'ର ବ୍ୟବହାର ଉପରେ ରୋକ ଲଗାଇଥିଲେ ବା ଏହାକୁ ଅଚଳ କରିଥିଲେ । ଏହାପରେ ଦୁଇ ଗୋଷ୍ଠୀଙ୍କୁ ଉପଲବ୍ଧ ଥିବା ଦଳୀୟ ଚିହ୍ନ ପାଇଁ ଆବେଦନ କରିବାକୁ କହିଥିଲେ । ଉଦ୍ଧବ ଗୋଷ୍ଠୀ ତା'ର ଆବେଦନ ଅନୁସାରେ ଆଜି ମଶାଲ ଚିହ୍ନ ପାଇଛି । ହେଲେ ସିନ୍ଦେ ଗୋଷ୍ଠୀ ଚିହ୍ନ ପାଇଁ କରିଥିବା ଆବେଦନକୁ ଇସି ଅଗ୍ରାହ୍ୟ କରିଛନ୍ତି । ଏହି ଗୋଷ୍ଠୀଙ୍କୁ ପୁଣିଥରେ ଉପଲବ୍ଧ ଥିବା ଚିହ୍ନ ପାଇଁ ଆବେଦନ କରିବାକୁ କୁହାଯାଇଛି । ଉଦ୍ଧବ ଓ ସିନ୍ଦେ ଗୋଷ୍ଠୀଙ୍କୁ ଆଜି ନିର୍ବାଚନ କମିଶନ ନୂଆ ରାଜନୀତିକ ଦଳର ନାଁ ମଧ୍ୟ ଦେଇଛନ୍ତି । ଉଦ୍ଧବ ଠାକରେଙ୍କ ଦଳର ନାଁ ରହିଛି ଶିବସେନା ଉଦ୍ଧବ ବାଲାସାହେବ ଠାକରେ । ସେହିପରି ସିନ୍ଦେ ଗୋଷ୍ଠୀଙ୍କ ନାଁ ବାଲସାହେବଚି ଶିବସେନା ବା ବାଲାସାହେବଙ୍କ ଶିବସେନା ରଖାଯାଇଛି । ତାଲିକାରେ ନଥିବା ଚିହ୍ନ ସିନ୍ଦେ ଗୋଷ୍ଠୀ ମାଗିଥିବାରୁ ଇସି ଏହାକୁ ଅଗ୍ରାହ୍ୟ କରିଛନ୍ତି । ତ୍ରିଶୂଳ, ଉଦୟ ସୂର୍ଯ୍ୟ ଓ ଗଦା ଚିହ୍ନ ପାଇଁ ସିନ୍ଦେ ଗୋଷ୍ଠୀ ଆବେଦନ କରିଥିଲା । ହେଲେ ଏହା ତାଲିକାରେ ନଥିବାରୁ ଇସି କୌଣସି ଚିହ୍ନ ଦେଇ ନାହାନ୍ତି । ଏହି ଗୋଷ୍ଠୀଙ୍କୁ ପୁଣିଥରେ ଚିହ୍ନ ପାଇଁ ଆବେଦନ କରିବାକୁ କୁହାଯାଇଛି ।

## ମୁଲାୟମ ସିଂହଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀଙ୍କ ଶୋକ

ଭୁବନେଶ୍ୱର, ୧୦/୧୦(ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉତ୍ତର ପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ମୁଲାୟମ ସିଂହ ଯାଦବଙ୍କ ବିୟୋଗରେ ଗଭୀର ଶୋକ ପ୍ରକାଶ କରିଛନ୍ତି । ସେ କହିଛନ୍ତି ଯେ ମୁଲାୟମ ସିଂହ ଯାଦବଙ୍କ ବିୟୋଗରେ ସେ ଦୁଃଖୀ । ସେ ଜଣେ ସମାଜବାଦୀ ନେତା ଥିଲେ । ସବୁବେଳେ ବଂଚିତ ମାନଙ୍କର ଉତଥାନ ପାଇଁ ସେ କରିଥିବା ଯୋଗଦାନ ପାଇଁ ସେ ମନେ ରହିବେ ।

## ଭିଜିଲାନ୍ସ ଜାଲରେ ଲାଂଚୁଆ ଶ୍ରମ ନିୟୋଜନ ଅଧିକାରୀ

ଯାଜପୁର/ଭୁବନେଶ୍ୱର, ୧୦/୧୦(ନି.ପ୍ର): ୧୨ ହଜାର ୬୦୦ ଟଙ୍କା ଲାଂଚ ନେବା ଅଭିଯୋଗରେ ଭିଜିଲାନ୍ସ ଜାଲରେ ପଡିଛନ୍ତି ଯାଜପୁର ଶ୍ରମ ନିୟୋଜନ ଅଧିକାରୀ ଓ ମୁଖ୍ୟ କିରାଣୀ । ଯାଜପୁରର ଶ୍ରମ ନିୟୋଜନ ଅଧିକାରୀ ତାପସ କୁମାର ସ୍ୱାଇଁ ମୁଖ୍ୟ କିରାଣୀ ଜିତେନ୍ଦ୍ର କୁମାର ସେଠୀଙ୍କ ଜରିଆରେ ଲାଂଚ ଟଙ୍କା ନେଉଥିଲେ । ଖବର ଅନୁଯାୟୀ, ଅଫିସ୍‌ରେ ବ୍ୟବହାର ହେଉଥିବା ଗାଡ଼ି ଭଡ଼ା ଏବଂ ତେଲ ଟଙ୍କା ବାବଦକୁ ଗାଡ଼ି ମାଲିକ ବିବେକାନନ୍ଦ ମାହାପାତ୍ର ଠାରୁ ମୁଖ୍ୟ କିରାଣୀ ଜିତେନ୍ଦ୍ର ସେଠୀଙ୍କ ଦ୍ୱାରା ୧୨, ୬୦୦ ଟଙ୍କା ଲାଂଚ ନେଉଥିଲେ । ଲାଂଚ ନେବା ସମୟରେ ଶ୍ରମ ନିୟୋଜନ ଅଧିକାରୀ ଓ ମୁଖ୍ୟ କିରାଣୀକୁ ଗିରଫ କରିଛି କଟକ ଭିଜିଲାନ୍ସ ଟିମ୍ ।

## ଉତ୍ତର ପ୍ରଦେଶରେ ବନ୍ୟା ପରିସ୍ଥିତି, ଗଲାଣି ୩୪ ଜୀବନ

ଲକ୍ଷ୍ନୌ, ୧୦/୧୦(ନି.ପ୍ର): ଉତ୍ତରପ୍ରଦେଶରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ଲଗାଣ ବର୍ଷା ଯୋଗୁଁ ରାଜ୍ୟରେ ବନ୍ୟା ପରିସ୍ଥିତି ଉଦ୍‌ବେଗଜନକ ରହିଛି । ବନ୍ୟାରେ ପ୍ରାୟ ଏଯାବତ ୩୪ ଜଣଙ୍କର ମୃତ୍ୟୁ ଘଟିଥିବା ସୂଚନା ମିଳିଛି । ରାଜଧାନୀ ଲକ୍ଷ୍ନୌ ସମେତ ୪୫ ଜିଲ୍ଲାକୁ ପ୍ରବଳ ବର୍ଷା ଆଲର୍ଟ କରାଯାଇଛି । ବିଭିନ୍ନ ଜିଲ୍ଲାରେ ସ୍କୁଲ ବନ୍ଦ ରଖିବାକୁ ସ୍ଥାନୀୟ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି । ପାଣିପାଗ କେନ୍ଦ୍ର ପକ୍ଷରୁ ଲକ୍ଷ୍ନୌ, ମିରଠ, ଅଲିଗଡ଼, ହାଥରସ, ମଥୁରା, କାଂଶୀରମନଗର, ସମେତ ୪୦ରୁ ଅଧିକ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ସେହିପରି ଲଳିତପୁର, ବାରଣାସୀ, ପ୍ରୟାଗରାଜ, ସୋନଭଦ୍ର ଆଦି ଅଞ୍ଚଳରେ ବର୍ଷାର ପରିମାଣ କମ୍ ରହିଛି । ଅପର ପକ୍ଷରେ ମିରଠ ଏବଂ ଅଲିଗଡ଼ରେ ୪୮୮ ମି.ମି ବର୍ଷା ରେକର୍ଡ ହୋଇଛି । ସୋମବାର ପ୍ରବଳ ବର୍ଷା ହେବା ନେଇ ପାଣିପାଗ ▶▶ପୃଷ୍ଠା ୭

## କଳିଙ୍ଗ ଷ୍ଟାଡିୟମ୍‌ରେ କାଲିଠୁ ୧୭ ବର୍ଷରୁ କମ୍ ମହିଳା ଫୁଟବଲ୍ ବିଶ୍ୱକପ୍

ଭୁବନେଶ୍ୱର, ୧୦/୧୦(ନି.ପ୍ର): ଆସନ୍ତାକାଲି (ମଙ୍ଗଳବାର)ଠାରୁ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଆରମ୍ଭ ହେବାକୁ ଯାଉଛି ୧୭ ବର୍ଷରୁ କମ୍ ମହିଳା ଫୁଟବଲ୍ ବିଶ୍ୱକପ୍ । ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ କଳିଙ୍ଗ ଷ୍ଟାଡିୟମ୍ ରେ ବିଶ୍ୱକପ୍ ଉଦଘାଟନ ହେବ । ଏଥିପାଇଁ ପ୍ରସ୍ତୁତ ହୋଇ ରହିଛି ଷ୍ଟାଡିୟମ୍ । ଅନ୍ୟ ପକ୍ଷରେ ବିଭିନ୍ନ ଦେଶର ଖେଳାଳି ଭୁବନେଶ୍ୱରରେ ପହଂଚି ସାରିଛନ୍ତି । ଫୁଟବଲ୍ ବିଶ୍ୱକପ୍ ପାଇଁ ସୁରକ୍ଷା ବଳୟରେ ରହିବ କଳିଙ୍ଗ ଷ୍ଟାଡ଼ିୟମ । ଏନେଇ ଆଜି କଳିଙ୍ଗ ଷ୍ଟାଡ଼ିୟମ୍ ପହଂଚି ସୁରକ୍ଷା ସମୀକ୍ଷା କରିଛନ୍ତି ପୋଲିସ୍ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ । ସେ କହିଛନ୍ତି ଭୁବନେଶ୍ୱର ଡିସିପିଙ୍କ ନେତୃତ୍ୱରେ ୬ ଅତିରିକ୍ତ ଡିସିପି, ୧୪ ଏସିପି, ୩୦ ଇନସ୍ପେକ୍ଟର, ୧୦୦ ଅଧିକାରୀଙ୍କ ସହ ୧୫ ପ୍ଲାଟୁନ୍ ଫୋର୍ସ ମୁତୟନ ରହିବେ । ଷ୍ଟାଡିୟମ୍ ଭିତରେ ସାଧା ପୋଷାକରେ ପୋଲିସ୍ ମୁତୟନ ରହିବେ । ପାର୍କିଂ ଆଉ ଟ୍ରାଫିକକୁ ପରିଚାଳନା କରିବା ସହ ଖେଳାଳିଙ୍କ ସୁରକ୍ଷା ପାଇଁ ସମସ୍ତ ପଦକ୍ଷେପ ନିଆଯାଇଛି । ଆୟୋଜକ ଭାରତ ସମେତ ବ୍ରାଜିଲ, ମରୋକୋ ଏବଂ ଆମେରିକା ଟିମ୍ କଳିଙ୍ଗ ଷ୍ଟାଡିୟମରେ ଖେଳିବେ । ଆସନ୍ତାକାଲି ଉଦଘାଟନୀ ମ୍ୟାଚରେ ମରୋକୋ-ବ୍ରାଜିଲ୍, ସଂଧ୍ୟାରେ ଭାରତ ଓ ଆମେରିକା ମଧ୍ୟରେ ହେବ ହାଇଭୋଲଟେଜ୍ ଫାଇଟ୍ । ଚଳିତ ମାସ ୧୧, ୧୪ ଏବଂ ୧୭ ତାରିଖ ମୋଟ୍ ୬ଟି ମ୍ୟାଚ୍ କଳିଙ୍ଗ ଷ୍ଟାଡିୟମରେ ଖେଳାଯିବ । ଗୋଆ ଓ ମହାରାଷ୍ଟ୍ରରେ ବି ବିଶ୍ୱକପ୍ ର କିଛି ମ୍ୟାଚ୍ ଖେଳାଯିବ ।

## ଅର୍ଚ୍ଚନାଙ୍କ ଲିଙ୍କ ଥିବା ବ୍ୟବସାୟୀଙ୍କୁ ପଚରାଉଚରା



ଭୁବନେଶ୍ୱର, ୧୦/୧୦(ନି.ପ୍ର): ଲେଡି ବ୍ଲାକମେଲର୍ ଅର୍ଚ୍ଚନା ନାଗ ଲିଙ୍କରେ ଜଣେ ବ୍ୟବସାୟୀଙ୍କୁ ପଚରାଉଚରା କରୁଛି ପୁଲିସ । ବ୍ୟବସାୟୀଙ୍କ ବରମୁଣ୍ଡା ସ୍ଥିତ ଘରେ ପୁଲିସ ଯାଇ ପଚରାଉଚରା କରୁଛି । ମିଳିଥିବା ସୂଚନା ଅନୁଯାୟୀ, ପୂର୍ବରୁ ଏହି ବ୍ୟବସାୟୀ ଜଣକ ଫିଲ୍ମ ପ୍ରଯୋଜକ ଥିଲେ । ତାଙ୍କ ନାଁ ପ୍ରମୋଦ ସ୍ୱାଇଁ । ଅର୍ଚ୍ଚନା ପୂର୍ବରୁ ଅର୍ଥାତ ୨୦୧୬ରେ ପ୍ରମୋଦଙ୍କ ଘରେ ଭଡ଼ାରେ ରହୁଥିଲେ । ଘରଭଡ଼ାକୁ ନେଇ ବିବାଦ ଥିଲା ଏବଂ ମାମଲା ଥାନା ପର୍ଯ୍ୟନ୍ତ ଯାଇଥିଲା । ଅର୍ଚ୍ଚନା ସଂପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଥାନାରେ ପାଲଟା ଅଭିଯୋଗ କରିଥିଲେ । ଏହି ବିବାଦର ଖୋଳତାଡ଼ ପାଇଁ ଆଜି ଖଣ୍ଡଗିରି ଥାନା ଅଧିକାରୀ ତାଙ୍କ ବରମୁଣ୍ଡା ଘରକୁ ଯାଇ ପଚରାଉଚରା କରିଥିବା ଜଣାପଡ଼ିଛି । ସେପଟେ ଏଭଳି ନାନା ପ୍ରଶ୍ନ ଭିତରେ ଅର୍ଚ୍ଚନା ନାଗ ଭୁବନେଶ୍ୱର SDJMଙ୍କ କୋର୍ଟରେ ଜାମିନ ଆବେଦନ କରିଛନ୍ତି । କାଲି କୋର୍ଟରେ ଅର୍ଚ୍ଚନା ହାଜର ହୋଇପାରନ୍ତି । ତେବେ କ'ଣ ଅର୍ଚ୍ଚନା ▶▶ପୃଷ୍ଠା ୭

## ରାସ୍ତାରେ ଅଳିଆ ଫିଙ୍ଗିଲେ ୫ ହଜାର ଫାଇନ୍

ଭୁବନେଶ୍ୱର, ୧୦/୧୦(ନି.ପ୍ର): ଏଣିକି ପଚା ପରିବା ଓ ବର୍ଜ୍ୟବସ୍ତୁ ରାସ୍ତାକୁ ଫିଙ୍ଗିଲେ ୫ ହଜାର ଜରିମାନା । ଏହାସହ ଅଳିଆକୁ ଅଲଗା ଅଲଗା ନ ପକାଇଲେ ୫ ଶହ ଟଙ୍କା ଜରିମାନା ହେବ ବୋଲି କହିଛନ୍ତି ବିଏମସି କମିଶନର । ସୋମବାର ୟୁନିଟ୍ -୧ ହାଟ ପରିଦର୍ଶନ ବେଳେ ବ୍ୟବସାୟୀମାନେ ଡଷ୍ଟବିନର ବ୍ୟବହାର ନକରି ରାସ୍ତା ଉପରେ ପଚାସଢ଼ା ପରିବା ପକାଉଥିବା ଦେଖିଥିଲେ । ରାସ୍ତାରେ ଅଳିଆ ପଡିବା ପରେ ଆକ୍ସନ ମୋଡରେ ବିଏମସି କମିଶନର । ସମସ୍ୟାର ସମାଧାନ ପାଇଁ ବ୍ୟବସାୟୀ ସଂଘ ସହ ବୈଠକ ଡାକିଛନ୍ତି କମିଶନର ବିଜୟ ଅମୃତ କୁଲାଙ୍ଗେ । ଡଷ୍ଟବିନ ରଖିନଥିବା ବ୍ୟବସାୟୀଙ୍କୁ ୫ ହଜାର ଫାଇନ କାଟିବାକୁ ନିର୍ଦ୍ଦେଶ ଦେଇଛନ୍ତି ବିଏମସି କମିଶନର । ଏହାସହ ଅଳିଆ ପୃଥକୀକରଣ ନକଲେ ୫ ଶହ ଟଙ୍କା ଜରିମାନା ଗଣିବେ । ୧ ନମ୍ବର ହାଟ, ମାଷ୍ଟରକ୍ୟାଂଟିନ ଛକ, ଜନପଥ ରାସ୍ତା, ଅଶୋକନଗର ବୁଲିବା ପରେ ଏଭଳି କଡା ନିର୍ଦ୍ଦେଶ ଦେଇଛନ୍ତି ବିଏମସି କମିଶନର ।

# ଭାଗ୍ୟ ବଦଳାଇଲା ମାଛ: କେଜିଏର ଦାମ୍ ୧୪ ହଜାର ଟଙ୍କା



ମୋହନା ,୧୦/୧୦ (ନି.ପ୍ର): ରାଜ୍ୟରେ ଥିବା ପ୍ରଚୁର ଜଳସଂପଦରେ ମତ୍ସ୍ୟଚାଷର ବିପୁଳ ସମ୍ଭାବନାକୁ ଉପଯୋଗ କରି ମାଛ ଉତ୍ପାଦନ ବୃଦ୍ଧି କରାଯାଇପାରିଛି । ତେବେ ରାଜ୍ୟ ସରକାରଙ୍କ ଦ୍ୱାରା ମତ୍ସ୍ୟଚାଷ ଅନୁକୂଳ ନୀତି ପ୍ରଣୟନ, ଅତ୍ୟାଧୁନିକ ଜ୍ଞାନକୌଶଳର ବ୍ୟବହାର, ଉନ୍ନତ ପ୍ରଜାତିର ମାଛଚାଷ ଓ ମତ୍ସ୍ୟଖାଦ୍ୟ ପ୍ରୟୋଗ ଫଳରେ ଓଡିଶାରେ ମାଛଚାଷରେ ଉଲ୍ଲେଖନୀୟ ଅଭିବୃଦ୍ଧି ଘଟିଛି । ଯାହାଫଳରେ ଅନେକ ଲୋକେ ଏହି ମତ୍ସଚାଷ କରି ସ୍ୱାବଲମ୍ବୀ ହୋଇ ପାରିଛନ୍ତି ।ରାଜ୍ୟରେ ମତ୍ସ ଉତ୍ପାଦନ ବୃଦ୍ଧି ପାଇଥିବା ବେଳେ, ମତ୍ସଜୀବୀମାନେ ଏହାରି ମଧ୍ୟମରେ ନିଜର ଏବଂ ନିଜ ପରିବାରର ଗୁଜୁରାଣ ମେଣ୍ଟାଇଥାନ୍ତି । ତେବେ ଆଜି ଓଡିଶା ଓ ପଶ୍ଚିମବଙ୍ଗ ସୀମାନ୍ତରେ ଥିବା ଦିଘା ସମୁଦ୍ର ମୁହାଣରୁ ପ୍ରାୟ ୨୮ ଟି ବଡ ବଡ ତେଲିଆ ଭୋଳା ମାଛ ଧରାଯାଇ, ଏହାକୁ ଦିଘାର ମୋହନା ମାଛ ମାର୍କେଟରେ ବିକ୍ରି କରାଯାଇଛି । ତେବେ ଏହି ମାଛ କିଲୋ ପ୍ରତି ୧୪ ହଜାର ଟଙ୍କା ବିକ୍ରି ହୋଇଥିବା ଜଣାପଡିଛି । ଏହି ୨୮ ଟି ତୋଲିଆ ଭୋଳା ମାଛକୁ କୋଲକାତାର ଏକ ଫାର୍ମା କମ୍ପାନୀ କିଣିଥିବା ସୂଚନା ମିଳିଛି । ତେବେ ଗୋଟିଏ ତୋଲିଆ ଭୋଳା ମାଛ ପ୍ରାୟ ୮ ରୁ ୧୦ କେଜି ହେବ ବୋଲି ମତ୍ସ୍ୟ ବେପାରୀ କହୁଥିବା ବେଳେ, ୫୦କେଜି ମଚ୍ଛର ମୂଲ୍ୟ ୩୫ ଲକ୍ଷ ଟଙ୍କା ହେବ ବୋଲି ସେମାନେ ଆକଳନ କରିଛନ୍ତି । ତେବେ ଏହି ତେଲିଆ ଭୋଳା ମାଛରୁ ସାଧାରଣତଃ ବଡ଼ ବଡ଼ ରୋଗ ର ଔଷଧ ତିଆରି କରାଯାଇଥାଏ । ଏଥିସହିତ ଏହି ମାଛକୁ ପ୍ରାୟତଃ ବିଦେଶୀ ମଦ କମ୍ପାନୀ ମାନେ କିଣି ଥାନ୍ତି ବୋଲି କୁହାଯାଉଛି ।

# ହବିଷ୍ୟାଳୀମୟ ଶ୍ରୀକ୍ଷେତ୍ର: ୫ଟି ସରକାରୀ ଶିବିରରେ ୩ହଜାର ହବିଷ୍ୟାଳୀ

ପୁରୀ ,୧୦/୧୦ (ନି.ପ୍ର): ଶ୍ରୀକ୍ଷେତ୍ରକୁ ଛୁଟିଛି ହବିଷ୍ୟାଳୀଙ୍କ ସୁଅ । ରାତି ପାହିଲେ ହବିଷ୍ୟାଳୀମାନେ କାର୍ତ୍ତିକ ବ୍ରତ ଅନୁକୂଳ କରିବେ । ଏନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରଥମଥର ପାଇଁ ହବିଷ୍ୟାଳୀଙ୍କୁ ସ୍ଥାୟୀ ଆବାସିକ ଯୋଗାଇ ଦେଇଛି ପ୍ରଶାସନ । ୫ଟି ସ୍ଥାନରେ ୩ହଜାର ହବିଷ୍ୟାଳୀଙ୍କ ରହଣି ବ୍ୟବସ୍ଥା କରାଯାଇଥିଲେ ହେଁ ଆଶାୟୀଙ୍କ ସଂଖ୍ୟା ଦୁଇଗୁଣା ଟପିଛି । ତେଣୁ ହବିଷ୍ୟାଳୀ ଓ ପ୍ରଶାସନକୁ ହଟହଟା ହେବାକୁ ପଡ଼ିଛି । ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ରତଧାରୀ ୩ ହଜାର ହବିଷ୍ୟାଳୀଙ୍କ ପାଇଁ ଆବାସ ସହ ଖାଦ୍ୟପେୟର ବନ୍ଦୋବସ୍ତ କରାଯାଇଛି । ବୃନ୍ଦାବତୀ ନିବାସ, ବଗଲା ଧର୍ମଶାଳା, ବାଗେଡ଼ିଆ ଧର୍ମଶାଳା, ମୋଚିସାହିସ୍ଥିତ ପେ ?ରସଂସ୍ଥା କଲ୍ୟାଣ ମଣ୍ଡପ ଓ ଅକ୍ଷୟ ପାତ୍ର ଫାଉଣ୍ଡେସନ ମଧ୍ୟରେ ରହଣି ବ୍ୟବସ୍ଥା କରାଯାଇଛି । ମାତ୍ର ବହୁ ହବିଷ୍ୟାଳୀ ବିନା ପଞ୍ଜୀକରଣରେ ଆସି ରହିବା ପାଇଁ ଦାବି କରିବା ପରେ ପ୍ରଶାସନ ସମସ୍ୟାରେ ପଡ଼ିଛି । ଆଜି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫରେନ୍ସ ଜରିଆରେ ବୃନ୍ଦାବତୀ ନିବାସ ଓ ହବିଷ୍ୟାଳୀ ଯୋଜନାର ଶୁଭାରମ୍ଭ କରିବେ । ନୂତନ ଭାବେ ନିର୍ମିତ ବୃନ୍ଦାବତୀ ନିବାସରେ ପୁରୀ, ଗଞ୍ଜାମ ଓ ନୟାଗଡ଼ ଜିଲ୍ଲାର ୧୬୦୪ ଜଣ, ଅକ୍ଷୟ ପାତ୍ର ଫାଉଣ୍ଡେସନ, ବଗଲା ଧର୍ମଶାଳା ଓ ବାଗେଡିଆ ଧର୍ମଶାଳାରେ ଖୋର୍ଦ୍ଧା ଜିଲ୍ଲାର ୭୩୦ ଜଣ, ମୋଚିସାହି କଲ୍ୟାଣ ମଣ୍ଡପରେ ଅବଶିଷ୍ଟ ଜିଲ୍ଲାର ୬୦୧ ଜଣ ହବିଷ୍ୟାଳୀମାନଙ୍କର ରହଣିର ବ୍ୟବସ୍ଥା ହୋଇଛି । ତେବେ ଆଜି ବୃନ୍ଦାବତୀ ନିବାସରେ ୨ହଜାରରୁ ଅଧିକହବିଷ୍ୟାଳୀଙ୍କ ଭିଡ଼ ଦେଖିବାକୁ ମିଳିଥିଲା । କିଛି ହବିଷ୍ୟାଳୀ ନିଜ ସହ ଅନ୍ୟ କିଛି ହବିଷ୍ୟାଳୀଙ୍କୁ ନେଇ ଆସିଥିବାରୁ ସେମାନଙ୍କ ରହଣି ପାଇଁ ଦାବି କରିଥିଲେ । ଅନ୍ୟ ଜିଲ୍ଲାର କିଛି ପ୍ରଭାବଶାଳୀ ରାଜନେତାମାନେ ମଧ୍ୟ ନିଜ ଅଞ୍ଚଳର ହବିଷ୍ୟାଳୀମାନଙ୍କୁ ସରକାରଙ୍କ ଦ୍ୱାରା ହୋଇଥିବା ନିବାସରେ ସ୍ଥାନ ଦେବାକୁ ଦାବି କରିଥିଲେ । ତେଣୁ ସମସ୍ୟା ସୃଷ୍ଟି ହୋଇଥିଲା । ପ୍ରଥମ ଭୋଗ ମଣ୍ଡପ ପରେ ସଅଳ ମହାପ୍ରସାଦ ଯୋଗାଇବାକୁ ଗୁରୁତ୍ୱ ଜିଲ୍ଲାପାଳ ସମର୍ଥ ବର୍ମା କହିଛନ୍ତି, ପଞ୍ଜୀକରଣ କରିଥିବା ହବିଷ୍ୟାଳୀମାନଙ୍କୁ ଅଗ୍ରାଧିକାର ଦିଆଯାଉଛି । ଯଦି କେହି ଅନୁପସ୍ଥିତ ରୁହନ୍ତି ତାଙ୍କ ସ୍ଥାନରେ ଅଣପଞ୍ଜୀକୃତ ହବିଷ୍ୟାଳୀଙ୍କୁ ଆବାସ ଯୋଗାଇ ଦେବାର ବ୍ୟବସ୍ଥା କରାଯିବ ବୋଲି ସେ କହିଛନ୍ତି । ଏହାକୁ ନେଇ ହବିଷ୍ୟାଳୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । କିଛି ହବିଷ୍ୟାଳୀ କହିଛନ୍ତି ଯେ ସେମାନେ ପଞ୍ଜୀକରଣ କରିଥିଲେ ସୁଦ୍ଧା ସେମାନଙ୍କୁ ଆବାସ ମିଳିନାହିଁ । ବାସ୍ତବରେ ହବିଷ୍ୟାଳୀମାନେ ବୁଷ୍ଟର ଡୋଜ୍ ନେଇଥିବା ନିୟମ କରାଯାଇଥିବାରୁ ଏହି ଆଧାରରେ କିଛି ହବିଷ୍ୟାଳୀଙ୍କୁ ବାଦ୍ ଦିଆଯାଇଥିବାରୁ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି । ପଞ୍ଜିକୃତ କରିନଥିବା ବହୁ ହବିଷ୍ୟାଳୀ ସରକାରୀ ହବିଷ୍ୟାଳୀ ଶିବିରରେ ରହିବା ଆଶାରେ ବିଭିନ୍ନ ସ୍ଥାନରେ ହୋଇଥିବା ଶିବିର ବୁଲି ଦହଗଞ୍ଜ ହୋଇ ଶେଷରେ ନିଜନିଜ ବ୍ୟବସ୍ଥାରେ ମୁଣ୍ଡ ଗୁଞ୍ଜିବାକୁ ବାଧ୍ୟ ହୋଇଛନ୍ତି । ଏନେଇ ଶ୍ରୀମନ୍ଦିର ପରିଚାଳନା କମିଟିର ସଦସ୍ୟ ମାଧବ ମହାପାତ୍ର କହିଛନ୍ତି, ହବିଷ୍ୟାଳୀଙ୍କ ସୁବିଧା ଦୃଷ୍ଟିରୁ ସଅଳ ଓ ଶୃଙ୍ଖଳିତ ନୀତିକାନ୍ତିକୁ ଗୁରୁତ୍ୱ ଦିଆଯାଉଛି ବୋଲି କହିଛନ୍ତି । ଠିକ୍ ସମୟରେ ପ୍ରଥମ ଭୋଗ ମଣ୍ଡପ ଉଠିବା ସହ ହବିଷ୍ୟାଳୀମାନେ ଯେପରି ଉଚିତ୍ ସମୟରେ ମହାପ୍ରସାଦ ସେବନ କରିବେ ସେନେଇ ଗୁରୁତ୍ୱ ଦିଆଯାଉଛି ।

# ପୀଡ଼ିତାଙ୍କ ପରିବାରକୁ ଭେଟିଲେ ରାଜ୍ୟ ବିଜେପିର ମହିଳା ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍

କନ୍ଧମାଳ ,୧୦/୧୦ (ନି.ପ୍ର): କନ୍ଧମାଳ ଜିଲ୍ଲା ବେଲଘର ରାଙ୍ଗାପାରୁ ଆବାସିକ ବିଦ୍ୟାଳୟର ସପ୍ତମ ଶ୍ରେଣୀ ଛାତ୍ରୀର ସନ୍ତାନ ପ୍ରସବ ଏବଂ ପରେ ମା ଓ ନବଜାତ ଶିଶୁଙ୍କ ମୃତ୍ୟୁ ଘଟଣାର ଅନୁଧ୍ୟାନ କରିବା ପାଇଁ ରାଜ୍ୟ ବିଜେପି ମହିଳା ମୋର୍ଚ୍ଚାର ଫ୍ୟାକ୍ଟ ଫାଇଣ୍ଡିଙ୍ଗ୍ ଟିମ ଦିନିକିଆ ବେଲଘର ଗସ୍ତ କରି ଫେରିଛନ୍ତି । ରାଜ୍ୟ ବିଜେପି ମହିଳା ମୋର୍ଚ୍ଚାର ସଭାପତି ସ୍ମୃତିରେଖା ପଟ୍ଟନାୟକ ଓ ପୂର୍ବତନ ମନ୍ତ୍ରୀ ସୁରମା ପାଢୀଙ୍କ ନେତୃତ୍ୱରେ, ଭାରତୀୟ ଜନତା ପାର୍ଟି ର ଏକ ଟିମ୍ ଆଜି ଦିନିକିଆ ବେଲଘର ଗସ୍ତ କରିଥିଲେ । ଏହି ଟିମ୍ ଶନିବାର ଫୁଲବାଣୀ ରେ ପହଂଚି ଆଜି ସକାଳୁ ବେଲଘରର ରାଙ୍ଗାପାରୁ ଆବାସିକ ବିଦ୍ୟାଳୟ ପରିଦର୍ଶନ କରିବା ସହ ମୃତ ଛାତ୍ରୀଙ୍କ ପରିବାର ଲୋକଙ୍କୁ ଭେଟିଛନ୍ତି । ଏଥିସହିତ ବେଲଘର ଥାନାରେ ବାଲିଗୁଡ଼ା ଏସଡିପିଓ ଓ ଜଣେ ଅତିରିକ୍ତ ଏସପିଙ୍କ ସହ ଘଟଣା ସମ୍ପର୍କରେ ଆଲୋଚନା କରିଛନ୍ତି । ଏହାପରେ ଘୁ.ଉଦୟଗିରି ଗସ୍ତ କରି ଛାତ୍ରୀ ଜଣକ ରହିଥିବା ସୁଭଦ୍ରା ମହତାବ ସେବାସଦନ ଓ ଡାକ୍ତରଖାନା ଯାଇ ଘଟଣାର ଅନୁଧ୍ୟାନ କରିଛନ୍ତି । ଏହା ପରେ ଫୁଲବାଣୀ ଜିଲାପାଳଙ୍କ ସହ ଏନେଇ ଆଲୋଚନା କରିବା ପରେ ସେଠାରେ ଏକ ସାମ୍ବାଦିକ ସମ୍ମିଳନୀରେ, ଗଣମାଧ୍ୟମ କୁ ଘଟଣାକୁ ଅନ୍ୱେଷଣ ର ସାରାଂଶ ଓ ଏହାର ପ୍ରତିକ୍ରିୟା ବାବଦରେ ସୁଚନା ଦେବାର କାର୍ଯ୍ୟକ୍ରମ ରହିଛି । ଘଟଣାରେ ଜିଲ୍ଲା ପ୍ରଶାସନର ସମ୍ପୂର୍ଣ୍ଣ ଅବହେଳା କାରଣରୁ ଏଭଳି ଘଟଣା ଘଟିଛି । ଏହାକୁ ବିଜେପି ଦୃଢ଼ ନିନ୍ଦା କରୁଛି । ମୃତ ଛାତ୍ରୀଙ୍କୁ ନ୍ୟାୟ ଦେବାସହ ଘଟଣାର ସଠିକ୍ ତଦନ୍ତ ପାଇଁ ଦାବୀ କରିଛି ବିଜେପି । ଅନ୍ୟପଟେ ଘଟଣାରେ ପ୍ରଶାସନ ପକ୍ଷରୁ ରାଙ୍ଗାପାରୁ ଆବାସିକ ବିଦ୍ୟାଳୟରେ କାର୍ଯ୍ୟରତ ଜଣେ ମେଟ୍ରନଙ୍କୁ ନିଲମ୍ବନ କରାଯାଇଥିବା ବେଳେ ପ୍ରଧାନ ଶିକ୍ଷକ, ଆସିଷ୍ଟାଂଟ ସୁପରିଟେଣ୍ଡେଂଟ ଓ ଏଏନ୍‌ଏମ୍ କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଥିବା ଜଣାପଡ଼ିଛି ।

# ଖଣିରେ ଗଚ୍ଛିତ କମ୍ ମାନର ଲୁହାପଥର ଚୋରି: ଖଣି ନିର୍ଦ୍ଦେଶାଳୟର ତନାଘନା

କେନ୍ଦୁଝର : ଲୁହାପଥର ଖଣିର ଲିଜ୍ ଅବଧି ୨୦୨୦ ମାର୍ଚ୍ଚରେ ଶେଷ ହୋଇଥିଲା । ପୁରୁଣା ଲିଜ୍‌ଧାରୀଙ୍କ ଦ୍ୱାରା ଉତ୍ତୋଳନ ହୋଇ ଗଚ୍ଛିତ ଥିବା କମ୍ ମାନର ଲୁହାପଥର ଚୋରି ହେଉଥିବା ନେଇ ସୁରାକ ପାଇବା ପରେ ଏବେ ଖଣି ନିର୍ଦ୍ଦେଶାଳୟ ପକ୍ଷରୁ ତନାଘନା ଆରମ୍ଭ ହୋଇଛି । ଏଥିପାଇଁ ସ୍ୱତନ୍ତ୍ର ଭାବେ ଯୋଡ଼ା ଏବଂ କୋଇଡ଼ା ଖଣି ମଣ୍ଡଳର ଯୁଗ୍ମ ନିର୍ଦ୍ଦେଶକଙ୍କୁ ଅନୁସନ୍ଧାନ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି ।

ପୁରୁଣା ଲିଜ୍‌ଧାରୀମାନେ ପୂର୍ବରୁ ସାଧାରଣତଃ ଲୁହାପଥର ଖଣିରୁ ୬୫ ଗ୍ରେଡ୍‌ର ଲୁହାପଥର ବା ଅତ୍ୟନ୍ତ ଉନ୍ନତମାନର ଲୁହାପଥର ବିକ୍ରି କରିବା ପରେ କମ୍ ଗ୍ରେଡ୍‌ର ଲୁହାପଥରକୁ ଖଣି ପରିସରରେ ଗଦା କରିଥିଲେ । ପୁରୁଣା ଲିଜ୍‌ଧାରୀଙ୍କ ଦ୍ୱାରା ହୋଇଥିବା ଡମ୍ପରେ ୫୦ରୁ ୬୦ ଗ୍ରେଡ୍‌ର ଲୁହାପଥର ପଥର ଗଚ୍ଛିତ ରହିଥିଲା । ସେମାନେ ଲୁହାପଥର ଖଣି ଛାଡ଼ିବା ପରେ ଏବେ ତାହା ନୂଆ ଲିଜ୍‌ଧାରୀଙ୍କ ହାତକୁ ଯାଇଛି । ପୂର୍ବରୁ ଗଦା ହୋଇଥିବା କମ୍ ଗ୍ରେଡ୍‌ର ଲୁହାପଥର ହେଉଛି ସରକାରଙ୍କ ସମ୍ପତ୍ତି । କିନ୍ତୁ ଏହି ଗଚ୍ଛିତ ଲୁହାପଥରରୁ କିଛି ନୂଆ ଲିଜ୍‌ଧାରୀ ଲୁହାପଥର ନେଇ ଯାଉଥିବା ସନ୍ଦେହ କରାଯାଉଛି । ଏହାର ଅନୁସନ୍ଧାନ କରିବାକୁ ଖଣି ନିର୍ଦ୍ଦେଶକ କି. ରାଜେଶ ଯୋଡ଼ା ଏବଂ କୋଇଡ଼ାର ଖଣି ଯୁଗ୍ମ ନିର୍ଦ୍ଦେଶକଙ୍କୁ ଚିଠି କରିଛନ୍ତି ।

କିଛିଦିନ ତଳେ ଗୋଆ ସରକାର ଲୁହାପଥର ଖଣିର ପୁନଃନିଲାମ ପରେ ପୁରୁଣା ଲିଜ୍‌ଧାରୀଙ୍କ ଦ୍ୱାରା ଗଚ୍ଛିତ ଥିବା କମ୍ ଗ୍ରେଡ୍‌ର ଲୁହାପଥରକୁ ନିଲାମ କରିଥିଲେ । ଏବେ ଓଡ଼ିଶା ସରକାରଙ୍କ ଚେତା ପଶିଛି । ଦୀର୍ଘ ଅଢ଼େଇବର୍ଷ ପରେ ଏଠାରେ ପୁରୁଣା ଲିଜ୍‌ଧାରୀଙ୍କ ଦ୍ୱାରା ଗଚ୍ଛିତ ଥିବା କମ୍ ଗ୍ରେଡ୍‌ର ଲୁହାପଥରକୁ ନେଇ ତନାଘନା ଆରମ୍ଭ ହୋଇଛି । ପୂର୍ବରୁ ମଧ୍ୟ ସମାନ ଢ଼ଙ୍ଗରେ ସରକାର ଅଡୁଆ ପରିସ୍ଥିତିର ସମ୍ମୁଖୀନ ହୋଇଥିଲେ । ଖଣି ଲିଜ୍ ଅବଧି ଶେଷ ହେବା ସତ୍ତ୍ୱେ ପୁରୁଣା ଲିଜ୍‌ଧାରୀଙ୍କ ଦ୍ୱାରା ଖଣିରେ



ବିପୁଳ ପରିମାଣର ହାଇଗ୍ରେଡ୍ ଲୁହାପଥର ଉତ୍ତୋଳନ ହୋଇ ଗଚ୍ଛିତ ଥିଲା । ରାଜ୍ୟ ସରକାର ଅକ୍ସନ କରି ଏସବୁ ଖଣିକୁ ନୂଆ ଲିଜ୍‌ଧାରୀଙ୍କୁ ଦେଇସାରିବା ସତ୍ତ୍ୱେ ବି ଗଚ୍ଛିତ ଲୁହାପଥର ଉଠାଇବାକୁ ପୁରୁଣା ଲିଜ୍‌ଧାରୀଙ୍କୁ ୬ ମାସ ସମୟ ଦେଇଥିଲେ । ଏହି ସମୟ ମଧ୍ୟରେ ଗଚ୍ଛିତ ଲୁହାପଥରକୁ ଉଠାଇ ପାରିନଥିଲେ ପୁରୁଣା ଲିଜ୍‌ଧାରୀ । ପରେ ପୁଣି ସରକାରଙ୍କ ପକ୍ଷରୁ ଆଉ ମାସେ ସମୟ ଦିଆଯାଇଥିଲା ।

୨୦୨୦ ଅକ୍ଟୋବର ଶେଷ ସୁଦ୍ଧା ଗଚ୍ଛିତ ଲୁହାପଥର ଉଠାଇବାକୁ ନିର୍ଦ୍ଦେଶ ଥିଲା । ଏହାସତ୍ତ୍ୱେ ଲୁହାପଥର ଉଠାଇ ନଥିଲେ ପୁରୁଣା ଲିଜ୍‌ଧାରୀ । ଏହାପରେ ସରକାର ଆଉ ସମୟ ନଦେବାରୁ କିଛି ପୁରୁଣା ଲିଜ୍‌ଧାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ଏହି ମାମଲା ଏବେ ବି କୋର୍ଟରେ ବିଚାରାଧୀନ ରହିଛି । ଏ ସମ୍ପର୍କରେ ଖଣି ନିର୍ଦ୍ଦେଶାଳୟର ଅତିରିକ୍ତ ନିର୍ଦ୍ଦେଶକ ଉମେଶ ଚନ୍ଦ୍ର ଜେନାଙ୍କୁ ପଚାରିବାରୁ, ପୁରୁଣା ଲିଜ୍‌ଧାରୀଙ୍କ ଦ୍ୱାରା ଗଚ୍ଛିତ ଥିବା କମ୍ ମାନର ଲୁହାପଥର ସମ୍ପର୍କରେ ତଥ୍ୟ ଦେବାକୁ ଚିଠି ହୋଇଛି । ଏହି ଚିଠିର ଉତ୍ତର ପାଇବା ପରେ ସରକାର ପରବର୍ତ୍ତୀ ପଦକ୍ଷେପ ନେବେ ବୋଲି ସେ କହିଛନ୍ତି ।

## ଆଜି କାଳୁଆ ଯାତ୍ରା ଉଦ୍‌ଯାପନ ଉତ୍ସବ

ଗଞ୍ଜାମ ,୧୦/୧୦ (ନି.ପ୍ର): ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ସ୍ଥିତ ଗୋଷାଇଁ ନୂଆଗାଁର ପ୍ରସିଦ୍ଧ କାଳୁଆ ଯାତ୍ରା ଆଜି ବିଳମ୍ବିତ ରାତିରେ ଉଦଯାପିତ ହେବ । ଗତ ମହାଳୟା ଅମାବାସ୍ୟା ଠାରୁ ଏହି ଯାତ୍ରା ଆରମ୍ଭ ହୋଇଥିଲା । ୧୪ ଦିନ ଧରି ମା କାଳୁଆ ଏହି ଅସ୍ଥାୟୀ ମଣ୍ଡପରେ ପୂଜା ପାଇ ଆସୁଥିଲେ । ଆଜି ରାତିରେ ମା ନିଜ ମନ୍ଦିର ଅଭିମୁଖେ ଯାତ୍ରା କରିବେ ବୋଲି ପରିଚାଳନା କମିଟି ପକ୍ଷରୁ ସୂଚନା ମିଳିଛି । ବଡ଼ସାହି ସ୍ଥିତ ଅସ୍ଥାୟୀ ମଣ୍ଡପରେ ମାଙ୍କୁ ପ୍ରତିଦିନ ହଜାର ହଜାର ସଂଖ୍ୟାରେ ଭକ୍ତ ଦର୍ଶନ କରିବା ସହ ମାନସିକ ଭୋଗ ଆଣି ମାଙ୍କୁ ଅର୍ପଣ କରୁଥିଲେ । ପ୍ରତିଦିନ ସଂଧ୍ୟାରେ ୧୦୮ ଆଳତୀ ଦେଖିବାକୁ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ଜମୁଥିଲା । ଗତକାଲି ମଣ୍ଡପରେ ମା କାଳୁଆଙ୍କ ଶେଷ ସଂଧ୍ୟା ଆଳତୀ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ଜମିଥିଲା । ମାନସିକଧାରୀ ମାନେ ଦୀପ ଜାଳି ମାଙ୍କ କୃପାଭିକ୍ଷା କରୁଥିବା ଦେଖିବାକୁ ମିଳିଥିଲା । ମାଙ୍କୁ ବିଦାୟ ଦେବା ପାଇଁ ସମସ୍ତ ସାହିରେ ଆଜି ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିବା ଜଣାପଡିଛି ।

# ସେବା ଦିବସ ଅବସରରେ ରକ୍ତଦାନ ଶିବିର ଅନୁଷ୍ଠିତ

ଭୁବନେଶ୍ୱର ,୧୦/୧୦ (ନି.ପ୍ର): ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ 'ସେବା ଦିବସ' ଅବସରରେ, ଉତ୍କଳ ବିପନ୍ନ ସହାୟତା ସମିତ ଆନୁକୂଲ୍ୟରେ ସମିତିର ମଂଚେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟ "ସେବା" ପରିସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ କ୍ୟାପିଟାଲ ହସ୍ପିଟାଲ୍‌ର ବ୍ଲଡବ୍ୟାଙ୍କ ଅଫିସର ଡା. ଦେବାଶିଷ ମିଶ୍ର ସମ୍ମାନିତ ଅତିଥି ଭାବରେ ଏବଂ ଆଇ.ଏମ .ଏସ , ସମ ହସ୍ପିଟାଲ ୟୁରଲୋଜିର ବିଭାଗୀୟ ମୁଖ୍ୟ ଡା. ସୁରେନ କୁମାର ଦାସ, ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଡା. ଦେବାଶିଷ ମିଶ୍ର ରକ୍ତ ଦାନ କଲେ କେହି କେବେ ଦୂର୍ବଳ ହୋଇଯାଏ ନାହିଁ । ରକ୍ତ କେବଳ ମଣିଷ ଦାନ କରେ ଏବଂ ମଣିଷଙ୍କ ଦେହରେ ହିଁ ଲାଗେ । ଡା. ସୁରେନ କୁମାର ଦାସ କହିଥିଲେ ଯେ ବିଜ୍ଞାନାଗାରରେ ରକ୍ତ ତିଆରି କରି ହୁଏନା ଓ ଏହାର କୌଣସି ବିକଳ୍ପ ନାହିଁ । ମଣିଷଙ୍କ ଦେହରେ ଥିବା ଅସ୍ଥିମଜ୍ଜାରୁ ହିଁ ରକ୍ତ ତିଆରି ହୁଏ ଏବଂ ମଣିଷ ଦେହରେ ହିଁ ଲାଗେ । ଜଣେ ୧୮ ବର୍ଷରୁ ୬୫ ବର୍ଷ ବୟସ୍କ ସୁସ୍ଥ ପୁରୁଷ ବା ସ୍ତ୍ରୀ ୩ ମାସ ଅନ୍ତରରେ ରକ୍ତ ଦାନ ଦାନ କରି ପାରିବେ । ଏହା ଦ୍ୱାରା ଗୋଟିଏ ରକ୍ତ ବେଟ୍ଲରୁ ୩ ଜଣ ରୋଗୀ ଉପକୃତ ହେବା ସହ ରକ୍ତ ଦାତା ନିଜର ହୃଦଘାତ ପରି ମାରାତ୍ମକ ରୋଗରୁ ମୁକ୍ତି ପାଇ ପାରିବଗ । ଏହି ଶିବିରରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ପ୍ରାନ୍ତ ସଂଘଚାଳକ ମା. ସମୀର କୁମାର ମହାନ୍ତି ଉପସ୍ଥିତ ରିହି ମାର୍ଗ ଦର୍ଶନ କରିଥିଲେ । ଓ ସମିତିର ସଭାପତି ଇଂ.ଅକ୍ଷୟ କୁମାର ବିଟ୍ଟ ସଭାପତିତ୍ୱ କରିଥିଲେ ।

# ଓଡିଶା ପ୍ରଶାସନିକ ସେବାରେ କୃତକାର୍ଯ୍ୟ ହେଲେ ସୁବର୍ଣ୍ଣପୁରର ପାୟଲ ବାଗ

ସୁବର୍ଣ୍ଣପୁର ,୧୦/୧୦ (ନି.ପ୍ର): ସୁବର୍ଣ୍ଣପୁର ସହର ର ଟିକ୍ରୀପଡା ବାସିନ୍ଦା ତଥା ସର୍ବ ପୁରାତନ ସୋନପୁର କଲେଜ ର ମୁଖ୍ୟ କିରାଣୀ ପ୍ରମୋଦ ବାଗ ଓ ସୁ -ଗୃହିଣୀ ସସ୍ମିତା ବାଗ ଙ୍କ ଝିଅ ପାୟଲ ବାଗ ସମ୍ପ୍ରତି ପ୍ରକାଶ ପାଇଥିବା ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷା-୨୦୨୦ ରେ ୨୫୭ ନମ୍ବର ରେଙ୍କ୍ ରେ ଉତୀର୍ଣ୍ଣ ହୋଇ ଏହି ଅଂଚଳର ଗୌରବ ବୃଦ୍ଧି କରିଛନ୍ତି । ସୁଶ୍ରୀ ପାୟଲ ସେଂଟ ଆନି କନଭେଂଟ ସ୍କୁଲ ସୋନପୁରରେ ନିଜର ମାଧ୍ୟମିକ ଶିକ୍ଷା ସମାପ୍ତ କରିବା ପରେ +୨ ବିଜ୍ଞାନ ସୋନପୁର କଲେଜ, କଳାହାଣ୍ଡି ସରକାରୀ କଲେଜ ରେ ମେକାନିକାଲ ଇଞ୍ଜିନିଅରିଙ୍ଗ ଅଧ୍ୟୟନ ପରେ ସି ଟି ଟି ସି ଭୁବନେଶ୍ୱର ରେ କିଛି ବର୍ଷ ଅଧ୍ୟାପିକା ଭାବେ କାର୍ଯ୍ୟ କରିଥିଲେ । ଓ ୨୦୧୭ ରେ ଭୁବନେଶ୍ୱର ରେ ସିଭିଲ ସର୍ଭିସ ପରୀକ୍ଷା ପାଇଁ ପ୍ରସ୍ତୁତି କରିଥିଲେ । ସେ ଦ୍ୱିତୀୟ ଥର ର ପରୀକ୍ଷା ରେ ଏହି କୃତିତ୍ୱ ହାସଲ କରିଛନ୍ତି । ଏବଂ ଏହି ସଫଳତାର ଶ୍ରେୟ ସେ ନିଜର ସମସ୍ତ ସ୍କୁଲ କଲେଜ ଟିଚର ଓ ପିତାମାତା, ମଉସା ମାଉସୀ ଓ ପ୍ରେରଣା ଦାତା ସହର ର ସମସ୍ତ ମିଡ଼ିଆ, ବୁଦ୍ଧିଜୀବୀ ଙ୍କୁ ପ୍ରଦାନ କରିଛନ୍ତି । ତାଙ୍କର ଏହି ସଫଳତାରେ ସୋନପୁର ଅଂଚଳରେ ଖୁସିର ଲହରୀ ଖେଳି ଯାଇଥିବା ବେଳେ ଗତ କାଲି ଠାରୁ ସୁଶ୍ରୀ ପାୟଲ ଙ୍କ ପରିବାର ର ଅଗଣିତ ଶୁଭେଚ୍ଛୁ , ଓଏଏସ ପାୟଲ ଓ ତାଙ୍କର ପିତା ମାତା ଙ୍କୁ ଫୋନ ଯୋଗେ ଶୁଭେଚ୍ଛା ବାର୍ତ୍ତା ପ୍ରଦାନ କରିଛନ୍ତି ।

# ସଇଁତଳା ଥାନା ଚୋରୀ ମାମଲାରେ ପୁଲିସକୁ ସଫଳତା: ୪ ଅଭିଯୁକ୍ତ କୋର୍ଟ ଚାଲାଣ

ବଲାଙ୍ଗିର ,୧୦/୧୦ (ନି.ପ୍ର): ବଲାଙ୍ଗିର ଜିଲ୍ଲା ସଇଁନ୍ତଲା ଥାନା ଅନ୍ତର୍ଗତ ବଡ଼ମାଲ ଫାଣ୍ଡି ଅଧିନସ୍ଥ ଧରବଗଡ ଗାଁର ଲାଲୁ ଦାଣ୍ଡିଆଙ୍କ ପଂଚାୟତ ଛକ ଠାରେ ଏକ ସାଇକଲ ଦୋକାନ ରୁ ଗତ ୬ ତାରିଖ ବିଳମ୍ବିତ ରାତିରେ ଅନ୍ଧାର ଓ ନିଛାଟିଆ ଦେଖି କିଛି ଦୁର୍ବୃତ୍ତ ଲକ୍ଷାଧିକ ଟଙ୍କାର ସାଇକେଲ ତଥା ସାଇକେଲ ସାମଗ୍ରୀ ଚୋରି କରି ଫେରାର ମାରି ସଫଳତା ହାସଲ କରିଥିଲେ । ଏନେଇ ବଡ଼ମାଲ ଫାଣ୍ଡିରେ ଦୋକାନୀ ଲାଲୁ ଦାଣ୍ଡିଆ ଲିଖିତ ଭାବେ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତିକରି ଟିଟିଲାଗଡ଼ ଏସ୍‌ଡିପିଓ ଅଙ୍କିତା କୁମ୍ଭାର ଓ ସଇଁନ୍ତଲା ଥାନା ଅଧିକାରୀ ଅବନୀ ସାହୁ ଓ ବଡ଼ମାଳ ଫାଣ୍ଡି ଅଧିକାରୀ ହରେକୃଷ୍ଣ ମାଝୀ ଘଟଣାସ୍ଥଳକୁ ପହଂଚି ଘଟଣା ସମ୍ପର୍କରେ ତଦନ୍ତ ଆରମ୍ଭ କରିଥିଲେ । ପରେ ଅଭିଯୋଗକୁ ଭିତିକରି ବଲାଙ୍ଗିର ଏସପି ନୀତିନ କୁସଲକର, ଟିଟିଲାଗଡ ଏସ୍‌ଡିପିଓ, ସଇଁତଳା ଥାନା ଅଧିକାରୀ, ବଡ଼ମାଳ ଫାଣ୍ଡି ଅଧିକାରୀ ଓ କିଛି ପୁଲିସକୁ ନେଇ ଏକ ସ୍ୱନ୍ତତ ଟିମ୍ ଗଠନ କରିଥିଲେ । ଏମାନେ ଘଟଣାରେ ବିଭିନ୍ନ ଦିଗରୁ ତଦନ୍ତ କଲାପରେ ଘଟଣାରେ ସମ୍ପୃକ୍ତ ଥିବା ୪ ଜଣ ବ୍ୟକ୍ତିକୁ ୨୪ ଘଂଟା ଭିତରେ ପୁଲିସ ଧରିବାରେ ସଫଳତା ହାସଲ କରିଛି । ଅଭିଯୁକ୍ତନେ ହେଲେ ସଇଁନ୍ତଲା ଥାନା ଅନ୍ତର୍ଗତ ଧରବଗଡ ଗାଁର ବାଂଚନିଧି ବଗର୍ତି (୩୩), ମନବୋଧ ସେଲମା(୪୧) ଟିଟିଲାଗଡ ସ୍ୱାଧୀନ ପଡାର ଉଗ୍ରସେନ କତାଙ୍କ ପୁଅ ସମାରୁ କତା(୩୦) ଓ ଟିଟିଲାଗଡ ଥାନା ଅଧୀନସ୍ଥ ରେଙ୍ଗାଲବହାଲ (ରିଗଡୁଲ) ଗାଁର ପରମାନନ୍ଦ ପୋଡ (୨୬)କୁ ପୁଲିସ ଗିରଫ କରିଛି । ଏନେଇ ସାମ୍ବାଦିକ ସମ୍ମିଳନୀରେ ଟିଟିଲାଗଡ଼ ଏସଡିପିଓ ଅଙ୍କିତା କୁମ୍ଭାର ସୁଚନା ଦେଇଛନ୍ତି । ସାମ୍ବାଦିକ ସମ୍ମିଳନୀରେ ସଇଁନ୍ତଲା ଥାନା ଅଧିକାରୀ ଅବନୀ ସାହୁ ସମେତ ସଇଁନ୍ତଲା ପୁଲିସ ଉପସ୍ଥିତ ଥିଲ ସେମାନଙ୍କ ଠାରୁ ଏକ ବୋଲେରୋ ପିକ୍‌ଅପ୍ ଭେନ (ଓର୍ଆ-୨୬-୫୪୯୪), ଏକ କଟର ମେସିନ, ୪ଟି ସାଇକେଲ ଓ ୧ ଲକ୍ଷ ୪୦ ହଜାର ଟଙ୍କାର ସାଇକେଲ ସାମଗ୍ରୀ ଜବତ ହୋଇଥିଲେ । କେସ୍ ନମ୍ବର ୨୭୮ରେ ଏକ ମାମଲା ରୁଜୁ କରି ୪ ଜଣ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିବା ଜଣାପଡିଛି । ପରେ ସଇଁତଳା ଥାନା ଅଧିକାରୀ ଶ୍ରୀ ସାହୁ ସାଇକେଲ ଦୋକାନୀ ମାଲିକର ପୁଅ ଟୁନା ଦାଣ୍ଡିଆକୁ ଚୋରି ହୋଇଥିବା ସାମଗ୍ରୀ ସବୁକୁ ହସ୍ତାନ୍ତର କରିଛନ୍ତି ।

# ସମଗ୍ର ଓଡ଼ିଆଙ୍କ ସର୍ବକାଳୀନ ଆଦର୍ଶର ପ୍ରତୀକ 'ଉତ୍କଳମଣି ଗୋପବନ୍ଧୁ'

ଭୁବନେଶ୍ୱର ,୧୦/୧୦ (ନି.ପ୍ର): ପୂଜ୍ୟ ପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ଓ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ବିଭାଗ ପକ୍ଷରୁ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୧୪୫ତମ ଜୟନ୍ତୀ ସ୍ଥାନୀୟ ଗୋପବନ୍ଧୁଛକ ପ୍ରତିମୂର୍ତ୍ତିସ୍ଥଳରେ ପୁଷ୍ପମାଲ୍ୟ ଅର୍ପଣ ସହିତ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ସଂଯୋଜନା କରି ବରିଷ୍ଠ ସାମ୍ବାଦିକ, ଚିନ୍ତକ ତଥା ଅଧ୍ୟକ୍ଷ ପୂଜ୍ୟ ପୂଜା ସଂସ୍କୃତି ସୁରକ୍ଷା ଅଭିଯାନର ପ୍ରଦ୍ୟୁମ୍ନ ଶତପଥୀ ମତ ବ୍ୟକ୍ତ କରିଥିଲେ ଯେ, ଉତ୍କଳମଣି ଥିଲେ ବିଶ୍ୱର ମଉଡ଼ମଣି ତଥା ସମଗ୍ର ଓଡ଼ିଆଙ୍କ ସର୍ବକାଳୀନ ସ୍ୱାଭିମାନ, ଅସ୍ମିତାର ପ୍ରତୀକ । ଏହା ସହିତ ତାଙ୍କ ସମାଜସେବା, ସାମ୍ବାଦିକତା, ସଂଗ୍ରାମୀ ଜୀବନ ସହିତ ମାତୃଭାଷା, ସାହିତ୍ୟ ପ୍ରମୁଖର ସାରସ୍ୱତ ପ୍ରତିଭାଧାରୀ ବ୍ୟକ୍ତିତ୍ୱ ଆଜିର ଯୁବପିଢ଼ୀ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଅତିଥିମାନେ ମତବ୍ୟକ୍ତ କରିଥିଲେ । ଉତ୍କଳମଣିଙ୍କୁ 'ଭାରତରତ୍ନ' ପ୍ରଦାନ କରିବାର ସମୟ ଆସିଛି ବୋଲି ଶ୍ରୀଯୁକ୍ତ ଶତପଥୀ କହିବା ସହିତ ଯୁବ ସମାଜସେବୀ ସଞ୍ଜୟ ପରିଡ଼ାଙ୍କୁ 'ଉତ୍କଳମଣି ଗୋପବନ୍ଧୁ ସ୍ମୃତି ସମ୍ମାନ' ପ୍ରଦାନ କରାଯାଇଥିଲା । ଉକ୍ତ ସ୍ମୃତିଚାରଣ ସଭାରେ ଅନୁସଚିବ ଲକ୍ଷ୍ମୀଧର ବେହେରା, ସ୍ୱାଧୀନତା ସଂଗ୍ରାମୀ ପର୍ଶୁରାମ ଦ୍ୱିବେଦୀ, ସୀତାବଲ୍ଲଭ ମହାପାତ୍ର, ଅରବିନ୍ଦ ତ୍ରିପାଠୀ, ରୋହିତ କୁମାର, ଦିଲ୍ଲୀପ ଦାସଶର୍ମା, ବିଜୟ ପରିଡ଼ା ଯୋଗ ଦେଇଥିବା ବେଳେ ଧନ୍ୟବାଦ ଅର୍ପଣ କରିଥିଲେ ସଂଯୋଜକ ନାରାୟଣ ଓଝା ବୋଲି ମୁଖପାତ୍ର ଅରବିନ୍ଦ ତ୍ରିପାଠୀ ଜଣାଇଛନ୍ତି ।

# ଲାଠି ଓ ଭୀଷ୍ମଗିରି ଗ୍ରାମରେ ବ୍ୟାପିଲା ଝାଡ଼ାବାନ୍ତି : ସପ୍ତାହକ ମଧ୍ୟରେ ୫୦ରୁ ଉର୍ଦ୍ଧ୍ୱ ଆକ୍ରାନ୍ତ

ଗଞ୍ଜାମ ,୧୦/୧୦ (ନି.ପ୍ର): ଗଞ୍ଜାମ ଜିଲ୍ଲାରେ ଲଗାଣ ବର୍ଷା ସହ ବିଭିନ୍ନ ଅଂଚଳରେ ଝାଡ଼ାବାନ୍ତି ବ୍ୟାପୀଥିବା ଜଣାପଡିଛି । ଗତ ସପ୍ତାହକ ମଧ୍ୟରେ ବ୍ରହ୍ମପୁର ଉପକଣ୍ଠସ୍ଥ ଲାଠି ଗ୍ରାମରେ ଝାଡ଼ାବାନ୍ତିରେ ପ୍ରାୟ ୪୦ ରୁ ଉର୍ଦ୍ଧ୍ୱ ଲୋକ ଆକ୍ରାନ୍ତ ହୋଇଛନ୍ତି । ଏମାନେ ବ୍ରହ୍ମପୁର ବଡ ଡାକ୍ତରଖାନା ଏବଂ କୁକୁଡ଼ାଖଣ୍ଡି ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହୋଇଛନ୍ତି । ଆକ୍ରାନ୍ତଙ୍କ ମଧ୍ୟରୁ କେତେକ ସୁସ୍ଥ ହୋଇ ଘରକୁ ଫେରିଥିବା ବେଳେ ଅନ୍ୟ କେତେକ ଚିକିତ୍ସାଧିନ ଅଛନ୍ତି । ବ୍ରହ୍ମପୁର ସ୍ୱାସ୍ଥ୍ୟ ବିଭାଗର ଟିମ୍ ଏବଂ କୁକୁଡ଼ାଖଣ୍ଡି ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରର କର୍ମଚାରୀ ମାନେ ଏହି ଗ୍ରାମରେ ପହଂଚି ପରିସ୍ଥିତି ନିରୀକ୍ଷଣ କରିବା ସହ ଜଳନମୂନା ସଂଗ୍ରହ କରିଛନ୍ତି । ଏବଂ ସାଧାରଣରେ ଏନେଇ ସଚେତନତା ସୃଷ୍ଟି କରିଥିବା ଜଣାପଡିଛି । ସେହିପରି ଦିଗପହଣ୍ଡି ବ୍ଲକ ଅନ୍ତର୍ଗତ ଭୀଷ୍ମଗିରି ଗ୍ରାମରେ ଝାଡ଼ାବାନ୍ତି ରୋଗରେ ପ୍ରାୟ ୧୨ ଜଣ ଆକ୍ରାନ୍ତ ହୋଇ ଦିଗପହଣ୍ଡି ଡାକ୍ତରଖାନା ଓ ଭୀଷ୍ମଗିରି ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି । ଦୂଷିତ ଜଳ ବ୍ୟବହାର କରି ଗଞ୍ଜାମ ଜିଲ୍ଲାର ବିଭିନ୍ନ ଅଂଚଳରେ ଝାଡ଼ାବାନ୍ତି ରୋଗରେ ଲୋକେ ଆକ୍ରାନ୍ତ ହେଉଥିବା ଜଣାପଡିଛି ।

# ପରିବେଶକୁ ସୁହାଇଲା ପରି ଘର



ଶବ୍ଦ ପ୍ରଦୂଷଣ କାରଣରୁ ସମସ୍ତେ ବର୍ତ୍ତମାନ ଚିନ୍ତିତ । ରୋଗବ୍ୟାଧି ବଢ଼ିବା ସହ ପରିବେଶରେ ମଧ୍ୟ ଏକ ବିରାଟ ପରିବର୍ତ୍ତନ ଲକ୍ଷ୍ୟ କରାଯାଉଛି । ଏଣୁ ପ୍ରଦୂଷଣକୁ ଯଥାସମ୍ଭବ ରୋକିବା ନିମନ୍ତେ ସଂଖ୍ୟାଧିକ ପଦକ୍ଷେପ ନିଆଯାଉଛି । ଏଇ ୨ବର୍ଷ ତଳେ ଚୀନର ଏକ କମ୍ପାନୀ 'ଇକୋ - ଫ୍ରେଣ୍ଡଲି ଇଣ୍ଟେରିୟର' ପ୍ରଚଳନ କରାଇଛି । ସମସ୍ତ ପ୍ରକାର ବର୍ଜ୍ୟ ବସ୍ତୁର ବ୍ୟବହାର କରାଯାଇ ପରିବେଶକୁ ସୁହାଇଲା ଭଳି ସମାଗ୍ରୀମାନ କମ୍ପାନୀ ତିଆରି କରୁଛି । ଯେପରି ଘର ସାଜସଜ୍ଜା ଉପକରଣ, ଆଭ୍ୟନ୍ତରୀଣ ଓ ବାହାର ରଙ୍ଗ, ଆସବାପତ୍ର ଇତ୍ୟାଦି ତିଆରି କରୁଛି । ଯେପରି ଘର ସାଜସଜ୍ଜା ଉପକରଣ, ଆଭ୍ୟନ୍ତରୀଣ ଓ ବାହାର ରଙ୍ଗ, ଆସବାପତ୍ର ଇତ୍ୟାଦି ଇତ୍ୟାଦି । ପ୍ରାରମ୍ଭରୁ ଲୋକେ ଏହା ପ୍ରତି ସେଭଳି ଆଗ୍ରହ ପ୍ରକାଶ କରିନଥିଲେ । ତେବେ ଅଭିଜ୍ଞ ଲୋକେ ଏସବୁ ବ୍ୟବହାର କରିବା ପରେ ସେମାନଙ୍କ ମତାମତକୁ ବିଭିନ୍ନ ସୋସିଆଲ ସାଇଟରେ ଉଲ୍ଲେଖ କରିଥିଲେ । ପରେ ଅନ୍ୟ ବର୍ଗର ଲୋକେ ମଧ୍ୟ ଏଇ ଇକୋ-ଫ୍ରେଣ୍ଡଲି ସମଗ୍ରୀ ପ୍ରତି ଆଗ୍ରହ ପ୍ରକାଶ କରିଥିଲେ । କମ୍ପାନୀର ମୁଖ୍ୟଙ୍କ ମତରେ, ବିଭିନ୍ନ ଘରରର ଇକୋ- ଫ୍ରେଣ୍ଡଲି ସାଜସଜ୍ଜାର ଭିନ୍ନଭିନ୍ନ ବଜେଟ୍ ରହିଛି । ଏବେ ଚୀନର ଏହି କମ୍ପାନୀ ଆମେରିକା କାନାଡାରେ ବ୍ୟବସାୟ ଆରମ୍ଭ କରିବା ସହ ଦିଲ୍ଲୀର କେତେକ ପ୍ରାନ୍ତରେ ମଧ୍ୟ କାମ ଆରମ୍ଭ କରିଛି ।









## କାଠି ଚିକେନ



***ଆବଶ୍ୟକ ସାମଗ୍ରୀ:*** ବୋନଲେସ ଚିକେନ, ଦହି, ଲେମ୍ବୁରସ, ଲୁଣ, ଲଙ୍କାଗୁଣ୍ଡ, ଗରମ ମସଲା, ଅଦାରସୁଣ ବଟା, ହଳଦୀ ଗୁଣ୍ଡ, ରିଫାଇନ ତେଲ, ଶାଳପତ୍ର, ଆଲୁମିନିୟମ ଫଏଲ ଓ ଗୋଲ ମରିଚ ଗୁଣ୍ଡ।

***ପ୍ରସ୍ତୁତ ପ୍ରଣାଳୀ:*** ପ୍ରଥମେ ବଜାରରୁ ବୋନଲେସ ଚିକେନ ଆଣି ଭଲ ଭାବେ ଧୋଇ ଏକ ପାତ୍ରରେ ରଖନ୍ତୁ। ସେଥିରେ ଦହି, ଲେମ୍ବୁରସ ଓ ସ୍ୱାଦ ଅନୁସାରେ ଲୁଣ ପକାଇ ଗୋଳାଇ ଦିଅନ୍ତୁ। ୧୫ ମିନିଟ୍ ପରେ ସେଥିରେ ଲଙ୍କାଗୁଣ୍ଡ, ଗରମ ମସଲା, ଅଦାରସୁଣ ବଟା ଓ ହଳଦୀ ଗୁଣ୍ଡ ପକାଇ ଭଲ ଭାବରେ ଗୋଳାଇ ଦିଅନ୍ତୁ। ତା'ସହିତ କିଛି ରିଫାଇନ ତେଲ ଓ ଗୋଲମରିଚ ଗୁଣ୍ଡ ପକାଇ ଗୋଳାଇ ଦିଅନ୍ତୁ। ଏହା ପରେ ବାଉଁଶ କାଠିରେ ମସଲା ଗୋଳା ଚିକେନକୁ ପୂରାଇ ତାକୁ ଶାଳପତ୍ରରେ ଗୁଡାଇ ଦିଅନ୍ତୁ। ଚିକେନ ଯେମିତି ଅଧିକ ନ ପୋଡ଼ିଯିବ ସେଥିପାଇଁ ତା'ଉପରେ ଆଲମୁନିୟମ ଫଏଲର କଭର ଦେଇ ଦିଅନ୍ତୁ। ଏହା ପରେ ଧିମା ଆଞ୍ଚରେ ଗ୍ୟାସ ଚୁଲା ଉପରେ ଛାଞ୍ଚ ଦ୍ୱାରା ଏହାକୁ ପୋଡ଼ନ୍ତୁ। ମଝିରେ ମଝିରେ ଏହାକୁ ଲେଉଟାଇ ଦିଅନ୍ତୁ।୧୫ରୁ ୨୦ ମିନିଟ୍ ପରେ ଏହାକୁ ଗ୍ୟାସ ଚୁଲାରୁ ବାହାର କରି ଦିଅନ୍ତୁ। ପରେ ସେଥିରେ ରିଫାଇନ ତେଲ ମାରି ନିଆଁରେ ପୁଣି ଥରେ ପୋଡ଼ନ୍ତୁ। କିଛି ସମୟ ପରେ ପ୍ରସ୍ତୁତ ହୋଇଯିବ କାଠି ଚିକେନ।



# ଟିପ୍ସ: ମୁଡ୍ ବନାଇବା ପାଇଁ

ରିଲେସନ୍‌ସିପ୍‌ରେ ସେକ୍ସ ଏକ ପ୍ରମୁଖ ଭୂମିକା ନେଇଥାଏ । ପ୍ରାରମ୍ଭିକ ସମୟରେ ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଥାଏ ବଡ଼ ଉତ୍ସାହ । ହେଲେ ସମୟ କ୍ରମେ ବିଭିନ୍ନ ଦାୟିତ୍ୱ, କର୍ମ ବ୍ୟସ୍ତତା କାରଣରୁ ଶାରୀରିକ ସମ୍ପର୍କ ପ୍ରଭାବିତ ହୋଇଥାଏ । ଆଉ ଏହା ସମ୍ପର୍କ କ୍ଷେତ୍ରରେ ଠିକ୍ ନୁହେଁ । ଯଦି ଆପଣଙ୍କୁ ଲାଗୁଛି ଆପଣଙ୍କ ରିଲେସନ୍‌ସିପ୍ ଏହି ସମୟ ଦେଇ ଗତି କରୁଛି, ତେବେ ଏହାକୁ ଦୂର କରିବା ପାଇଁ, ଜୀବନକୁ ଉପଭୋଗ କରିବା ପାଇଁ ନିମ୍ନଲିଖିତ ଟିପ୍ସକୁ ଅନସରଣ କରିବା ନିହାତି ଆବଶ୍ୟକ ।

♦ ଆପଣ ଉଭୟେ କେତେ ବି କର୍ମଚାପରେ ରୁହନ୍ତୁ ନା କାହିଁକି, ଅତିକମ୍‌ରେ ଗୋଟିଏ ଦିନ ବାହାର କରି ଉଭୟେ ଏକତ୍ର ବିତାଇବା ଦରକାର । କିଛି ସ୍ଥାନ ବୁଲିବାର ଯୋଜନା ରଖିବା, ଖୋଲାଖୋଲି କଥାବାର୍ତ୍ତା ହେବା ଏହି ସମସ୍ୟାକୁ ଦୂର କରିବାରେ ସହାୟକ ହୋଇଥାଏ ।

♦ ଆପଣଙ୍କ ରିଲେସନ୍‌ସିପ୍ ଦୀର୍ଘଦୀନ ହୋଇଯିବା ଅର୍ଥ ଆପଣ ରୋମାଣ୍ଟିକ୍ କଥାବାର୍ତ୍ତା କରିବା ଛାଡ଼ିଦେବା ଠିକ୍ ନୁହେଁ । ରୋମାନ୍ସ ସବୁବେଳେ ରହିବା ଦରକାର । ପରସ୍ପର ମଧ୍ୟରେ ରୋମାଣ୍ଟିକ୍ କଥାବାର୍ତ୍ତା ଆପଣଙ୍କୁ ଆଗାମୀ ପଦକ୍ଷେପ ନେବାକୁ ଆହୁରି ସହଜ କରିବ ।

♦ ରୋମାଣ୍ଟିକ୍ ଡିନର୍ ଡେଟ୍ ମଧ୍ୟ ପ୍ରେମକୁ ମଜଭୁତ କରିବା ଓ ଆଗକୁ ନେବାରେ ବଡ଼ ସହଯୋଗ କରିଥାଏ । ଯଦି ଆପଣ କ୍ୟାଣ୍ଡେଲ୍ ଲାଇଟ୍ ଡିନର୍ କରୁଛନ୍ତି, ତେବେ ବହୁତ ଭଲ । ନଚେତ୍ ଖାଇବା ଦରକାର । ଏହା ଉଭୟେଙ୍କୁ ଆହୁରି ହୃଦୟର ପାଖକୁ ଆଣିଥାଏ ।

♦ ଉଭୟ ପତି-ପତ୍ନୀ ପରସ୍ପରକୁ ସେକ୍ସି ଗିଫ୍ଟ ଦେବାକୁ ଅସହଜ ମନେକରିଥାନ୍ତି । ହେଲେ ମନେ ରଖିବା ଦରକାର ଯେ, ଏହି ଉପହାର ମାଧ୍ୟମରେ ଆପଣ ନିଜର ମନର କଥା ଏବଂ ଶାରୀରିକ ସମ୍ପର୍କ ରକ୍ଷା କରିବାର ବିଷୟକୁ ଅବଗତ କରାଇ ପାରିବେ ।

♦ ସମ୍ପର୍କ ସମୟରେ ସବୁବେଳେ ମନେ ରଖିବା ଦରକାର ଯେ, ଆପଣ ରୋମାନ୍ସକୁ ଭୁଲି ନାହାନ୍ତି । ଯେତେ ବିଳମ୍ବ ହେଲେ ମଧ୍ୟ ରୋମାନ୍ସ କରିବା ଛାଡନ୍ତୁ ନାହିଁ । କାରଣ ଏହା ଶାରୀରିକ ଓ ମାନସିକ ସୁସ୍ଥତା ପାଇଁ ଅତି ଜରୁରୀ ।









# ଶୟନ କକ୍ଷରେ ଶାନ୍ତି ନିମନ୍ତେ ଆପଣାନ୍ତୁ ଉପାୟ

ଘରର ଏକ ପ୍ରମୁଖ ସ୍ଥାନ ଶୟନକକ୍ଷ । କାରଣ, ଏଠାରେ ସାରାଦିନର ବ୍ୟସ୍ତତା ପରେ ମଣିଷ ବିଶ୍ରାମ କରିଥାଏ । ଯେତେ ସୁନ୍ଦର କକ୍ଷ ଘର ଭିତରେ ଥିଲେ ମଧ୍ୟ ନିଜ ଶୟନକକ୍ଷ ଅତି ଆପଣାର ଲାଗେ । ହେଲେ ଅନେକ ଥର ଦେଖାଯାଏ, ଶୟନକକ୍ଷ ତଥା ପଲଙ୍କ ବାସ୍ତୁର ବିପରୀତ ଦିଗରେ ଥିଲେ ଏହାର ପ୍ରଭାବ ମଣିଷର କାର୍ଯ୍ୟକ୍ଷମତା ତଥା ଦାମ୍ପତ୍ୟ ଜୀବନ ଉପରେ ପଡ଼େ । ତେଣୁ ବାସ୍ତୁ ଅନୁସାରେ ଶୟନ କକ୍ଷରେ ସାମାନ୍ୟ ପରିବର୍ତ୍ତନ ଆଣିଲେ ଏହା ଜୀବନରେ ଶାନ୍ତି ଭରିଦେଇପାରେ । ଶୟନ କକ୍ଷରେ ଝରକା ତ ନିଶ୍ଚୟ ରହି ବା ଦରକାର । ସକାଳ ସୂର୍ଯ୍ୟକିରଣ ଶୟନକକ୍ଷରେ ପ୍ରବେଶ କରିବା ସ୍ୱାସ୍ଥ୍ୟ ପକ୍ଷେ ହିତକର । ତେବେ ମୁଖ୍ୟଦ୍ୱାର ଦିଗକୁ ଗୋଡ଼ କରି ଶୁଅନ୍ତୁ ନାହିଁ । ପଲଙ୍କ ସମ୍ମୁଖରେ ମଧ୍ୟ ଦର୍ପଣ ରଖିବା ମନା । ଏହା ମନ ବିଚଳିତ କରେ । ପତି-ପତ୍ନୀଙ୍କ ପ୍ରତୀକ ଭାବେ ଦୁଇଟି ସୁନ୍ଦର ଫୁଲଦାନି ଶୟନକକ୍ଷରେ ରଖନ୍ତୁ । ଏହାଦ୍ୱାରା ବୈବାହିକ ଜୀବନ ସୁଖମୟ ହେବ । ଯଦି ଆର୍ଥିକ ସ୍ଥିତି ଯୋଗୁ ଦାମ୍ପତ୍ୟରେ ସମସ୍ୟା ହେଉଛି ତେବେ ଏକ ସୁନ୍ଦର ପାତ୍ରରେ ଚାଉଳ ଦାନା ସହ ପବିତ୍ର କ୍ରିଷ୍ଟାଲ ରଖନ୍ତୁ । ପଲଙ୍କ ଦକ୍ଷିଣ ଦିଗକୁ ରଖନ୍ତୁ ଯେପରିକି ଶୋଇବା ସମୟରେ ମୁଣ୍ଡ ଉତ୍ତର ଦିଗକୁ ରହିବ । ଏପରି ହୋଇନପାରିଲେ ପଶ୍ଚିମ ଦିଗରେ ପଲଙ୍କ ରଖାଯାଇପାରେ ଏବଂ ଶୋଇଲା ବେଳେ ମୁଣ୍ଡ ପୂର୍ବଦିଗକୁ ରଖିବେ । ଘରର ମୁଖ୍ୟ ଶୟନ କକ୍ଷ ନୈରିତ (ଦକ୍ଷିଣ-ପଶ୍ଚିମ) କୋଣରେ ହେବା ଜରୁରୀ । ଶୟନକକ୍ଷର ଦକ୍ଷିଣ-ପଶ୍ଚିମ) କୋଣରେ ହେବା ଜରୁରୀ । ଶୟନକକ୍ଷର ଦକ୍ଷିଣ-ପଶ୍ଚିମ ଭାଗରେ କାଚ କିମ୍ବା ସେରାମିକ୍ ପାତ୍ରରେ ଛୋଟଛୋଟ ପଥର ବା କ୍ରିଷ୍ଟାଲ ପକାଇ ଲାଲ ରଙ୍ଗର ଦୁଇଟି ମହମବତି ଜଳାନ୍ତୁ । ଏହା ସକାରାତ୍ମକ ଶକ୍ତି ପ୍ରବାହରେ ସହାୟକ ହେବ । ସେରାମିକ୍ ୱିଣ୍ଡ ଚାଇମ୍ସ ବି ବ୍ୟବହାର କରିପାରିବେ । ତେବେ ଶୟନକକ୍ଷରେ ଯେପରି ଅଳିଆ ଜମା ନହୁଏ ଏବଂ କୌଣସି ଧୂଳି ଧୂସରିତ ବସ୍ତୁତ ନରହେ, ସେଥିପ୍ରତି ସତର୍କ ରହିବେ । ଝରକା ସାମ୍ନାରେ ଡ୍ରେସିଂ ଟେବୁଲ ରଖିବେନି କିମ୍ବା କୌଣସି ଫର୍ଣ୍ଣିଚର ଯେପରି ଧନୁ, ଅର୍ଦ୍ଧଚନ୍ଦ୍ର କିମ୍ବା ବୃତ୍ତାକାର ନହୁଏ- ସେଥିପ୍ରତି ଦୃଷ୍ଟି ଦେବେ । ଏପରି ହେଲେ ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟ ଭଲ ରହିବ ନାହିଁ । ଶୟନକକ୍ଷରେ ଲାଲ କିମ୍ବା ଗୋଲାପୀ ରଙ୍ଗର ବ୍ୟବହାରକୁ ଗୁରୁତ୍ୱ ଦେବେ । ସୁନ୍ଦର ପକ୍ଷୀମାନଙ୍କର ଛୋଟ ଯୋଡ଼ି ଶୟନକକ୍ଷରେ ରଖନ୍ତୁ । ଏଥିରେ ଦାମ୍ପତ୍ୟ ଜୀବନ ସୁଖଦ ରହିବ । ପାଣି ବା ଜଳପ୍ରପାତ ଥିବା ଫଟୋ ଆଦୌ ରଖନ୍ତୁ ନାହିଁ ।








# ଏ ପ୍ରବୃତ୍ତିରୁ ଦୂରେଇ ରହନ୍ତୁ

କେତେକ ବର୍ଗର ଲୋକଙ୍କ ସଂସ୍ପର୍ଶରେ ଆମ ଭିତରୁ ଅନେକ ଆସିଥିବେ, ଯେଉଁମାନେ କଥାକଥାରେ ଭୁଲ ମାଗିଥାନ୍ତି । ଏଭଳି କହିବା ପୂର୍ବରୁ ପ୍ରତି ନିଜ ଦୃଷ୍ଟି ଦେଇ ଚିନ୍ତା କରନ୍ତୁ ଯେ ଏପରି କି ଭୁଲ କଲେ ଯେ ସେଥିପାଇଁ ସାମାନ୍ୟସାମାନ୍ୟ କଥାରେ ମଧ୍ୟ ଭୁଲ ମାଗିବାକୁ ପଡୁଛି । ଦିଲ୍ଲୀର ନାମୀ ମନସ୍ତତ୍ତ୍ୱବିତ ଡାକ୍ତର ଆରତି ଆନନ୍ଦଙ୍କ ମତରେ, ପ୍ରାୟ ପ୍ରତି ୨୦ଜଣରେ ଏହି ବର୍ଗର ଲୋକଙ୍କ ସଂଖ୍ୟା ୯ଜଣ । କିଛି ମାସ ତଳେ ଭାରତର ମହାନଗରୀ ଲୋକଙ୍କୁ ନେଇ ଏକ ଗବେଷଣା କରାଯାଇଥିଲା । ଦେଢ଼ ଲକ୍ଷରୁ ଅଧିକ ଲୋକ ଏଥିରେ ସାମିଲ ହୋଇଥିଲେ । ପରୀକ୍ଷାରୁ ଏହା ମଧ୍ୟ ସ୍ପଷ୍ଟ ହୋଇଥିଲା ଯେ ସାମାନ୍ୟ କଥାରେ ଭୁଲ୍ ମାଗୁଥିବା ବ୍ୟକ୍ତିଙ୍କ ବ୍ୟବହାର ଅତ୍ୟନ୍ତ ଅମାୟିକ ଓ ଭଦ୍ର, କିନ୍ତୁ ସେମାନଙ୍କର ଏଇ ପ୍ରକୃତିକୁ ଦେଖି ଅନ୍ୟମାନେ ଖୁବ୍ ଫାଇଦା ନେବାକୁ ଚେଷ୍ଟା କରନ୍ତି । ସେହି ବର୍ଗର ଲୋକଙ୍କ ଏଭଳି ପ୍ରକୃତି ପଛର କାରଣ ମଧ୍ୟ ସ୍ପଷ୍ଟ ହୋଇଥିଲା । ପିଲାଦିନୁ ଘରଲୋକଙ୍କ ଶକ୍ତ କଟକଣା ସହ ଖୁବ୍ ଆଦବକାଇଦାରେ ବଢ଼ିଥିବା କାରଣରୁ ବଡ଼ ହେବା ପରେ ପ୍ରତି କାମ କରିବା ପୂର୍ବରୁ ସେମାନେ ସଚେତନ ହୋଇଯାନ୍ତି । ଫଳସ୍ୱରୂପ, କାର୍ଯ୍ୟାଳୟ ହେଉ ଅବା ଅନ୍ୟ ସ୍ଥାନ, ଯେ କୌଣସି କାମ କଲାବେଳେ ଏମାନଙ୍କ ଆତ୍ମବିଶ୍ୱାସ ଦୃଢ଼ ନଥାଏ ।

# ରୂପା ମୁଦି ପିନ୍ଧିଲେ ବଦଳିପାରେ ଭାଗ୍ୟ

***ମୁଦି ପିନ୍ଧିବାକୁ ପ୍ରାୟ ସମସ୍ତେ ଭଲ ପାଆନ୍ତି। ସୁନା, ରୁପା, ହୀରା ଓ ଅନ୍ୟ ଧାତୁନିର୍ମିତ ମୁଦି ସହ ଆଜିକାଲି ବହୁ ଷ୍ଟାଇଲିସ୍ ମୁଦି ମଧ୍ୟ ବଜାରରେ ମିଳୁଛି। ତେବେ ମୁଦି ପିନ୍ଧିବାବେଳେ କିଛି ଦିଗ ଉପରେ ନଜର ଦେଲେ, ଆପଣଙ୍କ ଭାଗ୍ୟ ବଦଳିଯିବାର ସମ୍ଭାବନା ମଧ୍ୟ ରହିଛି। ସବୁପ୍ରକାର ମୁଦିରୁ ଆପଣଙ୍କୁ ଶୁଭଫଳ ପ୍ରାପ୍ତି ହେବ ନାହିଁ। ଶାସ୍ତ୍ର ଅନୁସାରେ, ରୁପା ମୁଦି ପିନ୍ଧିବା ଦ୍ୱାରା ଆପଣଙ୍କୁ ସଫଳତା ମିଳିପାରିବ।*** ଆସନ୍ତୁ ଜାଣିବା, ରୁପା ମୁଦି ପିନ୍ଧିବା ଓ ରୁପା ପାତ୍ର ବ୍ୟବହାର ଦ୍ୱାରା କିପରି ଭାଗ୍ୟ ବଦଳିପାଏ।

♦ ଜ୍ୟୋତିଷ ଶାସ୍ତ୍ର ଅନୁସାରେ, ରୁପା'ର ସମ୍ପର୍କ ବୃହସ୍ପତି ଏବଂ ଚନ୍ଦ୍ରଙ୍କ ସହ ରହିଛି ।

♦ ଶାସ୍ତ୍ର ଅନୁସାରେ, ରୁପା ଧନବୃଦ୍ଧି ସହ ଭାଗ୍ୟ ପରିବର୍ତ୍ତନରେ ମଧ୍ୟ ସହାୟକ ହୋଇଥାଏ।

♦ କୁହାଯାଏ, ରୁପା ମୁଦି ପିନ୍ଧିଲେ,ଏହା ଆପଣଙ୍କ ଶରୀରରେ ଥିବା ବିଷାକ୍ତ ପଦାର୍ଥକୁ ନଷ୍ଟ କରିଦିଏ। ଏହାଦ୍ୱାରା ସ୍ୱାସ୍ଥ୍ୟାଗତ ସମସ୍ୟା ମଧ୍ୟ ଦୂର ହୋଇଥାଏ।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

# କଫ୍ ସିରଫ ଉପରେ ସନ୍ଦେହ...

ଏକ ଆପାତତଃ ଅନାମଧେୟ ଭାରତୀୟ ଔଷଧ ପ୍ରସ୍ତୁତକାରୀ କମ୍ପାନୀ ମେଡେନ୍ ଫାର୍ମାସ୍ୟୁଟିକାଲସ୍ ସମ୍ପ୍ରତି ଆନ୍ତର୍ଜାତିକ ସ୍ତରରେ ଝଡ଼ର କେନ୍ଦ୍ରବିନ୍ଦୁ ପାଲଟିଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ମହାନିର୍ଦ୍ଦେଶକ ଟେଡ୍ରୋସ ଆଧାନୋମ୍ ଘେବ୍ରିସସ୍ ଉପରୋକ୍ତ କମ୍ପାନୀ ଦ୍ୱାରା ପ୍ରସ୍ତୁତ କାଶ ଔଷଧ ବା କଫ୍ ସିରପ ଖାଇ ଜାମ୍ବିଆର ୬୬ଜଣ ଶିଶୁ କିଡନୀ ରୋଗରେ ମୃତ୍ୟୁବରଣ କରିଥିବା ସନ୍ଦେହରେ ଏହି ଏଜେନ୍ସି ତଦନ୍ତ କରୁଥିବା ସମ୍ପର୍କରେ ସୂଚନା ପ୍ରଦାନ କରିଛନ୍ତି । ଡବ୍ଲ୍ୟୁଏଚଓ ଆହୁରି ମଧ୍ୟ ସନ୍ଦେହ ପ୍ରକଟ କରିଛି ଯେ ଏହି ସିରପଗୁଡ଼ିକ ଡାଇଏଥିଲିନ୍ ଗ୍ଲାଇକଲ ବା ଏଥିଲିନ୍ ଗ୍ଲାଇକଲ ଦ୍ୱାରା ସଂକ୍ରମିତ ହୋଇଥିଲା । ଏହି ଉଭୟ ପଦାର୍ଥ ବିଷାକ୍ତ ଉପାଦାନ, ଯାହା ଶରୀରର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ କିଡନୀ ପ୍ରତି ହାନି ପହଂଚାଇବାର ସମ୍ଭାବନା ବହନ କରିଥାଏ । ତେଣୁ ବିଶ୍ୱ ସଂଗଠନ ହରିୟାନା-ଭିତ୍ତିକ ଉଲ୍ଲିଖିତ ଔଷଧ ପ୍ରସ୍ତୁତକାରୀ କମ୍ପାନୀ ଦ୍ୱାରା ପ୍ରସ୍ତୁତ ଚାରି ପ୍ରକାରର କାଶ ଔଷଧ ବ୍ୟବହାର ନକରିବାକୁ ସର୍ତକତା ଜାରି କରିଛି, ଆଉ ଏହାପରେ ଭାରତର କେନ୍ଦ୍ରୀୟ ଔଷଧ ମାନବ ମାନକ ନିୟନ୍ତ୍ରଣ ସଂଗଠନ ପ୍ରୋମେଥାଜାଇନ୍ ଓରାଲ ସଲ୍ୟୁସନ ବିପି, କୋଫେକ୍ସାନାଲିସ୍ ବେବି କଫ ସିରଫ୍, ମ୍ୟାକଅଫ୍ ବେବି କଫ୍ ସିରଫ୍ ଏବଂ ମାଗ୍ରିପ୍ ଏନ୍ କୋଲ୍ଡ ସିରପ ନାମରେ ବିକ୍ରି ହେଉଥିବା ଚାରିଗୋଟିଯାକ ଔଷଧର ନମୁନା ଚଣ୍ଡିଗଡ଼ସ୍ଥିତ ଆଂଚଳିକ ଔଷଧ ପରୀକ୍ଷଣ ଗବେଷଣାଗାର ଏବଂ କୋଲକାତାସ୍ଥିତ କେନ୍ଦ୍ରୀୟ ଔଷଧ ଗବେଷଣାଗାରକୁ ପରୀକ୍ଷା ପାଇଁ ପଠାଇଛି । ଡବ୍ଲ୍ୟୁଏଚ୍ଓ ଭଳି ସିଡିଏସ୍ସିଓ ମଧ୍ୟ ଏହି ଘଟଣାର ଏକ ତଦନ୍ତ ଆରମ୍ଭ କରିଦେଇଛି । ଇତ୍ୟବସରରେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଘୋଷଣା କରିଛି ଯେ ଉପରୋକ୍ତ ଚାରିଗୋଟିଯାକ ଔଷଧ ମଧ୍ୟରୁ କୌଣସିଟି ହେଲେ ବର୍ତ୍ତମାନ ସମୟରେ ଭାରତରେ ବିକ୍ରି କରାଯାଉନାହିଁ । ବସ୍ତୁତଃ, ମନ୍ତ୍ରଣାଳୟ ଦର୍ଶାଇଛି ଯେ ଉପରୋକ୍ତ କାଶ ଔଷଧଗୁଡ଼ିକୁ ଭାରତରେ ବିକ୍ରି କରିବା ନିମନ୍ତେ ମେଡେନ୍ ଫାର୍ମାସ୍ୟୁଟିକାଲସକୁ ଅନୁମତି ପ୍ରଦାନ କରାଯାଇନାହିଁ । ସେ ଯାହାହେଉ, ଏସବୁ ମଧ୍ୟରେ ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ କଥାଟି ଯାହା ବାହାରକୁ ଆସିଛି, ତାହା ହେଉଛି- ଏହି କମ୍ପାନୀ ଦେଶର ଏକାଧିକ ରାଜ୍ୟରେ ବାରମ୍ବାର ଘରୋଇ ଔଷଧ ନିୟନ୍ତ୍ରକଙ୍କ ଦ୍ୱାରା ନିଷେଧାଦେଶ ଓ ଦଣ୍ଡ ବିଧାନର ଶିକାର ହୋଇଛି । ତା' ସତ୍ତ୍ୱେ ଏହା ନିଜର ଉତ୍ପାଦନ ଜାରି ରଖିଛି ଏବଂ ସମ୍ପ୍ରତି ସମଗ୍ର ବିଶ୍ୱରେ ଭାରତର ଛବିକୁ ମଳିନ କରିଛି କହିଲେ ଅତ୍ୟୁକ୍ତି ହେବନାହିଁ ।

ଏଥିରେ ସନ୍ଦେହ ନାହିଁ ଯେ ଅନ୍ୟ ସବୁ ଘଟଣା ଭଳି ଏହି ଦୁଃଖଦ ଘଟଣା ପରେ ଭାରତର ସରକାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି ଏବଂ ଏହା ଚାଲୁ ରହିଛି । ଆଶା କରାଯାଉ, ଉପରୋକ୍ତ ଘଟଣା ପାଇଁ ଭାରତରେ କୌଣସି ସ୍ତରରେ କିଛି ତ୍ରୁଟି ବିଚ୍ୟୁତି ରହି ନଥିବ, ଅନ୍ୟଥା ପରିସ୍ଥିତି ବାର ବର୍ଷର ତପସ୍ୟାକୁ ଶୁଖୁଆ ପୋଡ଼ାରେ ସାରିବା ଭଳି ହେବ । ତେବେ ମେଡେନ୍ ଫାର୍ମାସ୍ୟୁଟିକାଲସର ଅତୀତର ରେକର୍ଡ ସେତେ ସ୍ୱଚ୍ଛ ନୁହେଁ । ବିଗତ ଦିନମାନଙ୍କରେ ଦେଶର ଅନେକ ରାଜ୍ୟ ସରକାର ଏହାର ଗୁଣାତ୍ମକ ମାନ ନିୟନ୍ତ୍ରଣ ଉପରେ ପ୍ରଶ୍ନ ଉଠାଇଛନ୍ତି । ଉଦାହରଣ ସ୍ୱରୂପ, ୨୦୧୧ରେ ବିହାର ସରକାର ମେଡେନ୍ ଫାର୍ମାସ୍ୟୁଟିକାଲସକୁ ନିମ୍ନମାନର ଔଷଧ ଯୋଗାଣ କରିଥିବା ନେଇ କଳା ତାଲିକାଭୁକ୍ତ କରିଥିଲେ । ସେହିପରି ୨୦୧୭ରେ ଏହି କମ୍ପାନୀ କେରଳ ସରକାରଙ୍କ ଦ୍ୱାରା ଦଣ୍ଡିତ ହୋଇଥିଲା । ପୁନଶ୍ଚ, ସୋନିପତରେ ମଧ୍ୟ ଏହି କମ୍ପାନୀ ଗୁଣାତ୍ମକ ମାନ ରକ୍ଷା କରିବାରେ ବିଫଳ ହୋଇଥିବା କାରଣରୁ ଦଣ୍ଡ ପାଇଥିଲା । ୨୦୧୪ରେ ଗୁଣାତ୍ମକ ମାନ ଏବଂ ଔଷଧ ନିୟନ୍ତ୍ରଣ ନିୟମକୁ ଉଲ୍ଲଂଘନ କରିବା ଅଭିଯୋଗରେ ଭିଏତନାମ ମେଡେନ ଫାର୍ମାସ୍ୟୁଟିକାଲସକୁ ମିଶାଇ ୩ଟି କମ୍ପାନୀକୁ କଳା ତାଲିକାଭୁକ୍ତ କରିଥିଲା । ଏସବୁ ସତ୍ତ୍ୱେ, ଏପରିକି ଜାମ୍ବିଆର ମର୍ମନ୍ତୁଦ ଘଟଣା ପରେ ମଧ୍ୟ ମେଡେନ୍ ଫାର୍ମାସ୍ୟୁଟିକାଲସର ୱେବସାଇଟ୍ କହୁଛି ଯେ ଏହା 'ଏକ ଡବ୍ଲ୍ୟୁଏଚ୍ଓ-ଜିଏମପି ଏବଂ ଆଇଏସଓ ୯୦୦୧-୨୦୧୫ ପ୍ରମାଣୀକୃତ ଔଷଧ କମ୍ପାନୀ' । ଏସବୁରୁ କଣ ପ୍ରମାଣିତ ହେଉନାହିଁ ଯେ ଏକ ସମସ୍ୟା ସୃଷ୍ଟିକାର ତଥା ବିପଜ୍ଜନକ ସଂକ୍ରମଣକାରୀ କମ୍ପାନୀ ଦେଶର ଔଷଧ ନିୟନ୍ତ୍ରକମାନଙ୍କ ଦୃଷ୍ଟିକୁ ଏଡ଼ାଇ ଯାଇଛି ?

ପରିତାପର ବିଷୟ ହେଉଛି, ହରିୟାନା ଔଷଧ ନିୟନ୍ତ୍ରକ ମେଡେନ୍ କମ୍ପାନୀକୁ ଡବ୍ଲ୍ୟୁଏଚ୍ଓର ସାମଗ୍ରୀ ଉତ୍ପାଦନକାରୀ ପ୍ରଥାର ଅନୁପାଳନ କରୁଥିବା ପ୍ରମାଣପତ୍ର ପ୍ରଦାନ କରି ଏହାକୁ ଔଷଧ ରପ୍ତାନୀ କରିବା ନିମନ୍ତେ ଯୋଗ୍ୟ ବିବେଚିତ କରାଇଛନ୍ତି । କିନ୍ତୁ ଡବ୍ଲ୍ୟୁଏଚଓ ନିକଟରେ ବର୍ତ୍ତମାନ ନିଜର ବିଫଳତା ନିମନ୍ତେ ସିଡିଏସ୍ସିଓ ଉତ୍ତରଦାୟୀ ହୋଇଛନ୍ତି ।

# କଳିଙ୍ଗ ଗଡ଼ର କନିଷ୍ଠ ଯୋଦ୍ଧା ବାଜି ରାଉତ

ବିଶ୍ୱବିଜୟୀ ଦାଶ

ଭାରତବର୍ଷ ସ୍ୱାଧିନ କରିବା ପାଇଁ ଯେଉଁ ବୀର ବିପ୍ଳବୀ ଗଣ ଭାରତୀୟ ସ୍ୱାଧିନତା ଆନ୍ଦୋଳନରେ ନିଜକୁ ସଂପୂର୍ଣ୍ଣ ଭାବେ ନିୟୋଜିତ କରିଥିଲେ ସେହି ମାନଙ୍କ ମଧ୍ୟରେ ଭାରତ ର କନିଷ୍ଠ ସ୍ୱାଧିତନା ସଂଗ୍ରାମୀ ହେଉଛନ୍ତି ବାଜି ରାଉତ ।

୧୯୬୧ ମସିହା ଅକ୍ଟୋବର ୫ ତାରିଖରେ ବାଜି ରାଉତ ଓଡ଼ିଶାର ଢେ଼ଙ୍କାନାଳ ଜିଲ୍ଲା ନୀଳକଣ୍ଠପୁର ଗ୍ରାମରେ ଜନ୍ମ ନେଇଥିଲେ ।ପିଲାଟି ବେଳୁ ବାପାଙ୍କୁ ହରାଇ ସେ, ମାଆ ଦ୍ୱାରା ପ୍ରତିପାଳିତ ହୋଇଥିଲେ । ହେତୁ ପାଇବା ପରେ ଢେଙ୍କାନାଳ ରାଜାଙ୍କ ଅତ୍ୟାଚାରକୁ ଅନୁଭବ କରିପାରିଥିଲେ ।ଅତି କୋମଳ ବୟସରୁ ବାଜିଆ ରାଜାଙ୍କ ବିରୋଧରେ ହୋଇଥିବା ପ୍ରଜାମଣ୍ଡଳରେ ସାମିଲ ହୋଇଥିଲେ । ମୋଗଲବନ୍ଦୀ ଅଞ୍ଚଳରେ ଜମିଦାର ଓ ଗଡଜାତ ଅଞ୍ଚଳରେ ରାଜା ଶାସନ ନାମରେ ପ୍ରଜାଙ୍କ ଉପରେ ଅକଥନୀୟ ଅତ୍ୟାଚାର କରୁଥିଲେ । ଶୋଷଣ, ବେଠି, ବେଗାରି, ଜୋର ଜବରଦସ୍ତ ଟିକସ ଅସୁଲ, ମନମୁଖି ଶାସନ, ମିଥ୍ୟା ମୋକଦ୍ଦମାରେ ଜର୍ଜରିତ ହେଉଥିଲେ ଗଡଜାତବାସୀ । ସମୟେ ସମୟେ ଗଡଜାତ ଅଞ୍ଚଳରେ ଏହି ଶୋଷଣ କଷଣରେ ବିରୋଧରେ ଅସନ୍ତୋଷ ପ୍ରକାଶ ପାଇ ବିସ୍ଫୋରଣର ରୂପ ଧାରଣ କରୁଥିଲା, କିନ୍ତୁ ଇଂରେଜ ସରକାର ତାକୁ କଳେବଳେ କୌଶଳେ ଦମନ କରିବାରେ ଲାଗିଥିଲେ । ଏହି ସବୁ ଗଡଜାତ ହେଉଥିବା ଆନ୍ଦୋଳନ ସେତେବେଳେ ସମଗ୍ର ଭାରତବର୍ଷରେ ଆଲୋଡନ ସୃଷ୍ଟି କରିଥିଲା । ସେଦିନ ଥିଲା ୧୯୩୮ ମସିହା ଅକ୍ଟୋବର ମାସ ୧୧ ତାରିଖ ଅନ୍ଧାରିଆ ରାତିରେ ପ୍ରଜାମଣ୍ଡଳର କେତେଜଣ ସ୍ୱେଚ୍ଛାସେବୀଙ୍କ ସହ ବ୍ରାହ୍ମଣୀ ନଦୀ ଘାଟରେ ଡଙ୍ଗା ଜଗି ରହିଥିଲେ ବାଳକ ବାଜି ରାଉତ । ସେ ପ୍ରଜାମଣ୍ଡଳର ସିପାହୀ ସାଜିଥିଲେ ।ଘାଟ ଡଙ୍ଗା ଜଗିବା ସେଦିନ ତାଙ୍କର ପାଳିଥିଲା ।କାରଣ ପ୍ରଜାମଣ୍ଡଳର ହୁକୁମ ଥିଲା, ନଦୀଘାଟରୁ ଦୂରରେ ଡଙ୍ଗା ଲୁଚେଇ ରଖିବ, ଗୋରା ଫଉଜ ମାନେ ଯେପରି ନଦୀ ପାର ନହୁଅନ୍ତି, ସେମାନଙ୍କ ଗତିବିଧି ଉପରେ ନଜର ରଖି କ୍ୟାମ୍ପକୁ ଖବର ଦେବ, ଆଉ ପ୍ରଜାମଣ୍ଡଳର ସାଥୀଙ୍କୁ ନିରାପଦରେ ପାରି କରାଇବ ।ଆଶଙ୍କାକୁ ସତ କରି ପୋଲିସ ମାନେ ପ୍ରଜା ମଣ୍ଡଳ ଆନ୍ଦୋଳନ ଦମନ କରିବାକୁ ଆସିଲେ । ମାତ୍ର ସେମାନଙ୍କ ଆଦେଶ ସତ୍ତ୍ୱେ ବାଜି ରାଉତ ଘାଟରୁ ଡଙ୍ଗା ଫିଟାଇଲେ ନାହିଁ । ପୋଲିସର ଧମକ ଚମକ ପରେ ମଧ୍ୟ କିଛି ଲାଭ ନହେବାରୁ,ସେମାନେ ତାଙ୍କୁ ସେଇଠି ଗୁଳି କରି ହତ୍ୟା କଲେ । ଏହା ପରେ ଡଙ୍ଗା ମଝି ନଈ କୂଳରେ ଥିବା ଲୋକଙ୍କୁ ଗୁଳି ଚାଳନା କରିଥିଲେ । ଏହା ଯୋଗୁଁ ପ୍ରାୟ ୭ ଜଣ ଶହୀଦ ହୋଇଗଲେ । ସେହି କଳିଙ୍ଗ ଗଡ଼ର କନିଷ୍ଠ ଯୋଦ୍ଧା ଓଡ଼ିଆ ଜାତିର ପ୍ରାଣ ରକ୍ଷା କରିବାକୁ ଯାଇ ଆଜିର ଦିନରେ ସହିଦ୍ ହୋଇଗଲେ ।

ସର୍ବ କନିଷ୍ଠ ବାଜି ରାଉତ ଥିଲେ ମୁକ୍ତି ସଂଗ୍ରାମର ଅନ୍ୟତମ ସଂଗ୍ରାମୀ ଓ ଗଡଜାତର ସୂର୍ଯ୍ୟ । ପଙ୍କରୁ ପଦ୍ମ ଜନ୍ମ ନେଲା ପରି ଏକ ଅନ୍ଧାରୀ ମୁଲକରେ ଜନ୍ମ ହୋଇଥିଲେ ମଧ ସେ ସାରା ଜାତି ଓ ନିଜର ଜନ୍ମଭୂମି ପାଇଁ ଜୀବନ ଉତ୍ସର୍ଗ କରି ଭବିଷ୍ୟତ ବଂଶଧରମାନଙ୍କ ନିମନ୍ତେ ଏକ ପ୍ରେରଣାର ଉତ୍ସ ହୋଇ ରହିଗଲେ ।



ସେଦିନ ଚିତାଗ୍ନି ପାଖରେ ଥାଇ କବି ସଚ୍ଚି ରାଉତରାୟ ଗାଇ ଉଠିଲେ – " ନୁହେଁ ବନ୍ଧୁ ନୁହେଁ ଏହା ଚିତା ଏ ଜାତି ତିମିର ତଳେ ଏ ଅଲିଭା ମୁକତି ସଳିତା ନୁହେଁ ଏହା ଜଳି ଯିବା ପାଇଁ ଏହାର ଜନମ ଏଥି ଜାଳି ପୋଡି ଦେବାରୁ ଧସାଇ............ ।"

ସେହି ବୀର ବିପ୍ଳବୀ ବାଜି ରାଉତଙ୍କ ଶ୍ରାଦ୍ଧବାର୍ଷିକ ଅବସରରେ ବିନମ୍ର ଶ୍ରଦ୍ଧାଞ୍ଜଳୀ ଓ କୋଟି କୋଟି ପ୍ରଣାମ ।

+ବାଣପୁର, ଖୋର୍ଦ୍ଧା-
୭୫୨୦୩୫
ମୋ: ୬୩୭୦୨୦୮୪୨୮

# ଦୋ'ଛକିରେ ୟୁରୋପ

ସୌମେନ୍ଦ୍ର ଜେନା

ଏକଦା ଆମେରିକା ୟୁରୋପର ଯେଉଁ ଅବସ୍ଥା ଦେଖିବାକୁ ଚାହୁଁଥିଲା ଏବେ ଖୁବ୍ କମ୍ ସମୟରେ ସେହିପରି ୟୁରୋପକୁ ଦେଖିବାକୁ ସକ୍ଷମ ହୋଇଛି । ରୁଷିଆ ସହ ଉତ୍ତମ ସଂପର୍କ ରଖି ଆସିଥିବା ୟୁରୋପର ରାଷ୍ଟ୍ରମାନଙ୍କୁ ଶିକ୍ଷା ଦେବା ପାଇଁ ଆମେରିକା ଯେଉଁ ଜାଲ ବିଛାଇଥିଲା ଏବେ ଅନେକ ରାଷ୍ଟ୍ର ସେହି ଜାଲରେ ପଡି ସାରିଲେଣି । ଜର୍ମାନୀ- ରୁଷିଆ ମଧ୍ୟରେ ଗ୍ୟାସ ପାଇପ ଲାଇନ ପ୍ରକଳ୍ପ (ନର୍ଡ ଷ୍ଟ୍ରୀମ ୧-୨) ଏକପ୍ରକାର ଲାଇଫ୍‌ଲାଇନ୍ ହେବ ବୋଲି ଆଶା କରାଯାଇଥିଲା । କିନ୍ତୁ ଏବେ ତାହା ଡିଜାଷ୍ଟର ଲାଇନ ହୋଇଛି । ଦଶ ବିଲିଅନ ଡଲାର ଖର୍ଚ୍ଚରେ ନିର୍ମିତ ସେହି ଗ୍ୟାସ୍ ପାଇପଲାଇନକୁ ସମୁଦ୍ର ମଧ୍ୟରେ ନଷ୍ଟ କଲାପରି ଘଟଣା ଘଟିଛି । ଯାହା ପଛରେ ଆମେରିକା କିମ୍ବା ୟୁକ୍ରେନର ହାତ ରହିଥିବା ସନ୍ଦେହ କରାଯାଉଛି । କାରଣ ପୂର୍ବରୁ ଏହି ପ୍ରକଳ୍ପକୁ ସଫଳ ହେବାକୁ ଆମେରିକା ଦେବ ନାହିଁ ବରଂ ନଷ୍ଟ କରିଦେବ ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ ରାଷ୍ଟ୍ରପତି ବାଇଡେନ ଘୋଷଣା କରିଥିଲେ । ଯେଉଁଠାରେ ଉକ୍ତ ଗ୍ୟାସ ଲାଇନ ନଷ୍ଟ ହୋଇଛି ସେହି ଅଞ୍ଚଳ ଆମେରିକାର ଅକ୍ତିଆରରେ ଥିବା କୁହାଯାଉଛି । ଏପରିକି ଆମେରିକାକୁ ଆଗରେ ରଖି ୟୁକ୍ରେନ ମଧ ଏହା କରିଥାଇପାରେ ବୋଲି ସନ୍ଦେହ କରାଯାଉଛି । କାରଣ ଯୁଦ୍ଧ ପରବର୍ତ୍ତୀ ଦିନରେ ରୁଷିଆକୁ ନିନ୍ଦା କଲା ପରି ଅନେକ କାର୍ଯ୍ୟ ୟୁକ୍ରେନ ନିଜେ କରି ରୁଷିଆ ନାମରେ ଗଡାଇଦେବାକୁ ଉଦ୍ୟମ କରିଆସିଛି । ନାଟୋ ଗୋଷ୍ଠୀର ସାମରିକ ସହାୟତା ପାଉଥିବା ୟୁକ୍ରେନ ନିଜକୁ ରୁଷିଆ ଠାରୁ ବଡ ଏବଂ ଶକ୍ତିଶାଳୀ ଦେଖାଇବାକୁ ଯାଇ ଅନେକ ଭୁଲ କାର୍ଯ୍ୟ କରିବାକୁ ପଛାଉନାହିଁ । ତେଣୁ ରୁଷ-ୟୁକ୍ରେନ ଯୁଦ୍ଧ ଆରମ୍ଭ କାଳରେ ୟୁକ୍ରେନ ପଛରେ ଯେଉଁ ସମର୍ଥନ ୟୁରୋପରେ ରହିଥିଲା ତାହା ଏବେ ଆଉ ନାହିଁ । ୟୁରୋପର ସାଧାରଣ ଜନତା ନିଜ ଦେଶର ସରକାରମାନଙ୍କୁ ଏହି ସମସ୍ୟା ପାଇଁ ଏବେ ସମାଲୋଚନା କରିବାକୁ ଲାଗିଛନ୍ତି । ଫଳରେ ଦୀର୍ଘଦିନ ଧରି ୟୁରୋପ ସାମ୍ୟବାଦୀ ଓ ସମାଜବାଦୀଙ୍କ ପ୍ରଭାବ ମଧ୍ୟରେ ରହି ଆସିଥିଲା ବେଳେ ଏବେ ଗୋଟିକ ପରେ ଗୋଟିଏ ରାଷ୍ଟ୍ରରେ ପ୍ରଚଣ୍ଡ ରାଷ୍ଟ୍ରବାଦୀ ସରକାର ଆସିବାରେ ଲାଗିଛନ୍ତି,ଯେଉଁମାନେ ପୂର୍ବର ତଥାକଥିତ ବାମବାଦୀ ନରମବାଦ କିମ୍ବା କେନ୍ଦ୍ରୀୟ ସମାଜବାଦକୁ ଛାଡିବାକୁ ଆହ୍ୱାନ ଦେଉଛନ୍ତି । ସେହି ଆହ୍ୱାନକୁ ୟୁରୋପର ଲୋକେ ମଧ ଗ୍ରହଣ କରିବାକୁ ଲାଗିଛନ୍ତି । ଫ୍ରାନ୍ସର ଲି ପେନ୍ ହୁଅନ୍ତୁ କିମ୍ବା ଇଟାଲିର ମେଲୋନୀଙ୍କ ପରି ନେତ୍ରୀମାନେ ଏହାର ପ୍ରମାଣ । ତିନିଦଶନ୍ଧି ପୂର୍ବେ ଲାଲକୃଷ୍ଣ ଆଡଭାନୀଙ୍କ ପରି ନେତାମାନେ ସୀମାପାର ଆତଙ୍କବାଦକୁ ଏକ ସମସ୍ୟା ବୋଲି କହିଲା ବେଳେ ଜାତିସଂଘରେ ଇଉରୋପ, ଦକ୍ଷିଣ ଆମେରିକା, କିମ୍ବା ଆଫ୍ରିକାର ନେତାମାନେ ଭାରତର ଅଭିଯୋଗକୁ ଗ୍ରହଣ କରିପାରୁ ନଥିଲେ । ସେତେବେଳେ ଅଟଳ ବିହାରୀ ବାଜପେୟୀ ଏହି ସମସ୍ୟାକୁ ବାରମ୍ବାର ବିଶ୍ୱ ରାଜନୀତିରେ ସ୍ଥାନ ଦେବାକୁ ଚାହିଁଥିଲେ । ହେଲେ ଅନ୍ୟର ସମସ୍ୟା ମୋ ସମସ୍ୟା ନୁହେଁ ବୋଲି ମନେକରୁଥିବା ୟୁରୋପର ନେତୃବୃନ୍ଦ ସନ୍ତ୍ରାସର ବ୍ୟାପକତାକୁ ବୁଝିପାରିନଥିଲେ । ଆଜି ଏହି ସଙ୍କଟ ସେମାନଙ୍କ ନିଜ ଦେଶରେ ଦେଖାଦେବା ପରେ ସେମାନଙ୍କ ମୁଣ୍ଡରେ ଚେତା ପଶିଛି । ଇସଲାମିକ ସନ୍ତ୍ରାସର ଭୟଙ୍କର ଭବିଷ୍ୟତ ସଂପର୍କରେ ସେମାନେ ଚିନ୍ତା କରି ପ୍ରଚଣ୍ଡ ରାଷ୍ଟ୍ରବାଦକୁ ଗ୍ରହଣ କରିବାକୁ ଜୋର ଦେଇଛନ୍ତି । ଏହି କ୍ରମରେ ୟୁରୋପରେ ରାଜନୀତିକ ସମୀକରଣ କ୍ରମଶଃ ବଦଳିବାରେ ଲାଗିଛି ।

ୟୁରୋପର ଅନେକ ରାଷ୍ଟ୍ର ନାଟୋ ମେଣ୍ଟରେ ରହିଥିଲେ ମଧ ଆମେରିକାର ଅସ୍ଥିରତା ସୃଷ୍ଟି ଆଭିମୁଖ୍ୟକୁ ପସନ୍ଦ କରିପାରୁ ନାହାନ୍ତି । ଆମେରିକା ନାଟୋର ସଦସ୍ୟ ରାଷ୍ଟ୍ରଗୁଡିକୁ ନିଜର ହାତବାରିସୀ ପରି ବ୍ୟବହାର କରିବାକୁ ଉଦ୍ୟମ କଲାବେଳେ ଅନେକ ରାଷ୍ଟ୍ର ତାର ବିରୋଧ କରୁଛନ୍ତି । ଯେମିତି ଆମେରିକା ମଧ୍ୟପ୍ରାଚ୍ୟରେ ପ୍ରାଧାନ୍ୟ ବିସ୍ତାର ପାଇଁ ଦୀର୍ଘ ତିନିଦଶନ୍ଧି ଧରି ଯୁଦ୍ଧର ଘନଘଟା ସୃଷ୍ଟି କରିଆସିଛି, ଇରାକ-କୁଏତ ଯୁଦ୍ଧ,ଆମେରିକା -ଇରାକ ଯୁଦ୍ଧ, ସିରିଆ ଏବଂ ଲିବ୍ୟା ପରି ଦେଶର ସରକାରକୁ ହଟାଇବାକୁ ଯାଇ ଆମେରିକାର ଆକ୍ରମଣ ପରେ ଯେଉଁ ଶରଣାର୍ଥୀ ସଙ୍କଟ ଦେଖାଦେଲା ତାର ସମ୍ମୁଖୀନ ହେଲେ ୟୁରୋପର ରାଷ୍ଟ୍ରଗୁଡିକ । ଏସବୁ ମଧ୍ୟପ୍ରାଚ୍ୟର ଦେଶରୁ ଅନେକ ଶରଣାର୍ଥୀ ମୁସଲମାନଙ୍କ ମଧରେ ସନ୍ତ୍ରାସୀ ସମର୍ଥକମାନେ ୟୁରୋପକୁ ପ୍ରବେଶ କରି ଏବେ ସେଠାରେ ଉଗ୍ରବାଦୀ କାର୍ଯ୍ୟକଳାପ ମାଧମରେ ସାମାଜିକ ସ୍ତରରେ ଅସ୍ଥିରତା ସୃଷ୍ଟି କରିବାରେ ଲାଗିଛନ୍ତି । ସେମାନେ ବ୍ରିଟେନ, ଫ୍ରାନ୍ସ, ବେଲଜିୟମ, ନରୱେ ପରି ଅନେକ ରାଷ୍ଟ୍ରରେ ଅପରାଧ, ହିଂସା,ଧର୍ମାନ୍ତରଣ, ଆଲ୍ଲା-କୋରାନ ଆଧାରିତ ଓ୍ୱାହବୀ ବିଗ୍ରହକୁ ପ୍ରସାରିତ କରିବାରେ ଲାଗିପଡିଛନ୍ତି । ମସଜିଦ୍ ଏବଂ ମଦ୍ରାସାର ସଂଖ୍ୟା ବୃଦ୍ଧିକରି ମୌଳବାଦୀ ଆରବୀ ଶିକ୍ଷା ଦେବାରେ ଲାଗିପଡିଛନ୍ତି । ଏସବୁକୁ ପୋଲାଣ୍ଡ ସରକାର ଖୋଲାଖୋଲି ବିରୋଧ କରିଥିଲେ । ପରେ ଅନ୍ୟାନ୍ୟ ରାଷ୍ଟ୍ରରେ ମଧ ଏହାକୁ ବିରୋଧ କରାଯାଉଛି । ଦିନକୁ ଦିନ ଖ୍ରୀଷ୍ଟିଆନ ବନାମ୍ ଇସଲାମର ଯୁଦ୍ଧ ଭୂମି ୟୁରୋପର ଅନେକ ଦେଶରେ ବଢିବାରେ ଲାଗିଛି । କୋରୋନାରେ ଭୟଙ୍କର ଭାବେ କ୍ଷତିଗ୍ରସ୍ତ ୟୁରୋପର ରାଷ୍ଟ୍ରଗୁଡିକରେ ଏବେ ରୁଷିଆ-ୟୁକ୍ରେନ ଯୁଦ୍ଧପର ଆର୍ଥିକ ସଙ୍କଟ ଦେଖାଦେଇଛି ।

ରୁଷିଆ-ୟୁକ୍ରେନ ଯୁଦ୍ଧର ମୂଳ ଜର୍ମାନୀ -ରୁଷିଆ ଗ୍ୟାସ ପାଇପଲାଇନ ପ୍ରକଳ୍ପ ବୋଲି ସମସ୍ତଙ୍କୁ ଜଣାଅଛି । ଏହି ଯୁଦ୍ଧ ଯୋଗୁ ଜର୍ମାନୀ ଏବେ ଅଧିକ କ୍ଷତିଗ୍ରସ୍ତ ହେବାକୁ ଯାଉଛି । ଦ୍ୱିତୀୟ ବିଶ୍ୱଯୁଦ୍ଧପରେ ଗତ ୭୦ବର୍ଷରେ ସବୁଠୁ ବଡ ମାନ୍ଦାବସ୍ଥାର ସମ୍ମୁଖୀନ ହେବାପାଇଁ ୨୦୦ ବିଲିଅନ ୟୁରୋ ଶକ୍ତି ସହାୟତା ଦେବାଲାଗି ଜର୍ମାନୀ ସରକାର ନିଷ୍ପତ୍ତି ନେଇଛନ୍ତି । ଗତ ସେପ୍ଟେମ୍ବର ୨୦୨୦ରେ ୧୦ ପ୍ରତିଶତ ମୁଦ୍ରାସ୍ଫିତି ଦେଶରେ ରହିଥିଲା । ରୁଷିଆର ଗ୍ୟାସ, ତୈଳ ଏବଂ କୋଇଲା ଯୋଗାଣ ୟୁରୋପକୁ ବନ୍ଦ ହେବା ଯୋଗୁ ଆସନ୍ତା ଶୀତଋତୁରେ ଶକ୍ତିସଙ୍କଟ ଦେଖାଦେବ । ବିଦ୍ୟୁତ କାଟ ସମସ୍ୟା ଯୋଗୁ ଇଣ୍ଟରନେଟ୍ ଏବଂ ମୋବାଇଲ ସେବା ବ୍ୟାହତ ହେବାର ଆଶଙ୍କା ଦେଖାଦେଇଛି । ଏବେ ସମସ୍ତ ସେବାରେ ଇଣ୍ଟରନେଟର ଆବଶ୍ୟକ ହେଉଥିବା ହେତୁ ୟୁରୋପର ବ୍ୟବସ୍ଥା ଅଚଳ ହେବାର ସମ୍ଭାବନା ଅଧିକ ରହିଛି । ଫ୍ରାନ୍ସ, ଜର୍ମାନୀ ଏବଂ ଇଟାଲୀର ସରକାର ସେଠାକାର ଟେଲିକମ୍ କମ୍ପାନୀମାନଙ୍କ ସହ ଏଥିପାଇଁ ଆଲୋଚନା ଆରମ୍ଭ କରିଛନ୍ତି । ବ୍ରିଟେନର ସରକାର ୧୫୦ ବିଲିଅନ ପାଉଣ୍ଡ ଋଣ କରିବାକୁ ସ୍ଥିର କରିଛନ୍ତି । ପାଉଣ୍ଡ ଏବଂ ୟୁରୋର ଡଲାର ତୁଳନାରେ ମୂଲ୍ୟାହ୍ରାସ ପାଇବା ଯୋଗୁ ୟୁରୋପରେ ଆର୍ଥିକ ଅସ୍ଥିରତା ଦେଖାଦେଇଛି । ଏହାକୁ କେନ୍ଦ୍ର କରି ୟୁରୋପର ସଂସଦରେ ଆଗାମୀ ଦିନରେ ପ୍ରବଳ ବାକ୍ -ବିତଣ୍ଡା ହେବ ବୋଲି ଜଣାପଡିଲାଣି । ହଙ୍ଗେରୀ ସରକାରଙ୍କ ରୁଷିଆ ସହ ସଂପର୍କ ଏବଂ ଏକ ଆଣବିକ ରିଆକ୍ଟର ରୁଷିଆଠାରୁ କ୍ରୟକୁ କେନ୍ଦ୍ର କରି ୟୁରୋପ ସଂସଦ ହଙ୍ଗେରୀର ୭.୫ ବିଲିଅନ ୟୁରୋକୁ ଅଟକାଇଛନ୍ତି, ଯାହାକୁ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି । ୟୁରୋପୀୟ ୟୁନିଅନର ମୁଖ୍ୟ ଉର୍ସୁଲା ନିକଟରେ ଇଟାଲୀରେ ସରକାର ଗଢିବାକୁ ଯାଉଥିବା ଜର୍ଜିଆ ମେଲୋନୀଙ୍କୁ ସମାଲୋଚନା କରିବା ଯୋଗୁ ଆଗାମୀ ଦିନରେ ଇଟାଲୀ ମଧ ବ୍ରିଟେନ ପରି ୟୁରୋପୀୟ ୟୁନିଅନ ଛାଡିପାରେ ବୋଲି ଚର୍ଚ୍ଚା ହେଉଛି । ନିର୍ବାଚନ ପ୍ରଚାର କାଳରେ ମେଲୋନୀ ଏ ସଂକ୍ରାନ୍ତରେ ସଙ୍କେତ ମଧ ଦେଇଥିଲେ । ବେନିଟୋ ମୁସୋଲିନୀଙ୍କ ପ୍ରଶଂସିକା ମେଲୋନୀଙ୍କ ଦଳ ବ୍ରଦର୍ସ ଅଫ ଇଟାଲୀ ସହଯୋଗୀ ମାଟ୍ଟେ ଓ ସାଲଭାନୀଙ୍କ ରାଷ୍ଟ୍ରବାଦୀ ଦଳ ଲିଗ୍ ଏବଂ ଫୋର୍ଜା ଇଟାଲିଆର ମେଣ୍ଟ ବିଜୟୀ ହେବାପରେ ଫ୍ରାନ୍ସ ଏବଂ ଜର୍ମାନୀ ସରକାର ଚିନ୍ତିତ ହୋଇପଡିଛନ୍ତି ।

(ଅବଶିଷ୍ଟାଂଶ ପୃଷ୍ଠା ୭ରେ)




## ସୁଖର ସନ୍ଧାନ

ପ୍ରଦୀପ୍ତ ଆଚାର୍ଯ୍ୟ

ବିପଣିରେ କେବେ, ହୁଏନି ବିକ୍ରୟ,
ସୁଖ ବୋଲି ଯେଉଁ ଚିଜ,
ମାନସିକ ସ୍ଥିତି, କଲେ ନିୟନ୍ତ୍ରଣ,
ମିଳିବା ହେବ ସହଜ ।
ସର୍ବଦା ସୁଲଭ, ହୋଇବନି ସୁଖ,
ଅଟେ ସୃଷ୍ଟିର ନିୟମ,
ଭୋଗିବାକୁ ଦୁଃଖ, ହୋଇବା ପ୍ରସ୍ତୁତ,
ଦୃଢ କରିଦେଇ ମନ ।
ଦୁଃଖ ଆଉ ସୁଖ, ଜୀବନେ ଆମ୍ଭର,
ଚକ୍ରବତ୍ ଆସିଥାଇ,
ସବୁତ ଆସିବ, ସବୁ ଚାଲିଯିବ,
ନୁହେଁ କିଛି ଚିରସ୍ଥାୟୀ ।
ଉଚ୍ଚ ଆଶା କରି, ଅସଫଳ ହେଲେ,
ଦୁଃଖ ଆସିଯାଏ ବେଶୀ,
ଯାହା ଆମ ସ୍ଥିତି, ଯେତିକି ସମ୍ପତି,
ସେଥିରେ ହୋଇବା ଖୁସି ।
ପଡିଶା ବିଭବ, ଦରଶନେ ଯଦି,
ମନେ ଆମ ଈର୍ଷା ଆସେ,
କ୍ଷଣକରେ ଆମ, ସୁଖ ଚାଲିଯାଏ,
ଦୁଃଖ ଆସି ମାଡି ବସେ ।
ଟିକେ ମିଠା କଥା, ଟିକେ ସ୍ନେହ ଶ୍ରଦ୍ଧା,
ମନେ ସୁଖ ଭରିଦେବ,
ଗର୍ବ ଅହଂକାର, ମନରେ ଆଣିଲେ,
ସୁଖ କେବେ ନମିଳିବ ।

ଅବସରପ୍ରାପ୍ତ ପ୍ରଧାନଶିକ୍ଷକ,
ଇଶାଣୀବ୍ରହ୍ମପୁର,କଟକ ।
ମୋ-୬୩୭୧୫୯୩୨୨୦

## ଶବ୍ଦ ଖୋଜେ ଭାବ

ଶୁଭଦର୍ଶିନୀ ଦାଶ

ଗଢିବାକୁ କବିତା କୋଣାର୍କ
କବିଙ୍କର ସଖୀ ମୁଁ
ମୋ କାନେ ନିତି ଗୁଞ୍ଜରୀତ ହୁଏ
କବିଙ୍କର କବିତା ସର୍ଜନା
ମୋ ଭାବକୁ ବାନ୍ଧି ରଖିବା ପାଇଁ
ମୁଁ କିନ୍ତୁ ଶବ୍ଦ ପାଏନା ।
କିଛିଙ୍କୁ ମୁଁ ଈର୍ଷା କରେ
ଯେବେ କବି ତାଙ୍କୁ
ନିଜ କବିତାରେ
ଉତାରନ୍ତି ଅଳଙ୍କୃତ କରି
ଲାଗେ ସତେଯେପରି
ମୋ ସ୍ଥାନକୁ ନେଲେଣି
ଆବୋରି ।
ଶବ୍ଦରେ ଶବ୍ଦ ଛନ୍ଦିହୋଇ
ଯେବେ ହୋଇଯାଏ
ସୁନ୍ଦର ଏକ ପଦ
ତା ନୂତନ ଭାବାର୍ଥକୁ
ପ୍ରଶଂସାର ବଳେ କବି
ଏତେ ଉପରକୁ ଦିଅନ୍ତି ଉଠାଇ
ସେମାନେ କେବେ
ମୋ ଭାବନାକୁ
ଧରା ଦିଅନ୍ତି ନାହିଁ ।
କବିଙ୍କ ଶବ୍ଦ ସର୍ଜନାର
ଏକାଗ୍ରତା ଦେଖି
ଇର୍ଷା ଲାଗେ ଭାରି
ସମୟ ଓ ଭଲପାଇବା
ମୋ ଠାରୁ ସେମାନେ
ଅଧିକ ପାଆନ୍ତି ,
ପ୍ରଶଂସା ରେ ଉଜାଣି
ମୋ ଆଗେ ମୋ ଧର୍ଯ୍ୟର
କୂଳକୁ ଖାଇ,ଶବ୍ଦ ସବୁ
ମୋତେ ଅଣଦେଖା କରି
ଆଗେଇ ଯାଆନ୍ତି ।
କବିଙ୍କ ଅତୀତର ବର୍ଣ୍ଣନାରେ
ଶବ୍ଦ ସବୁ ଯେବେ
ପାଆନ୍ତି ଜୀବନ୍ୟାସ
ଲାଗେ ଯେପରି
ଆଉ କେଉଁ ଭାବରେ
ଛନ୍ଦିହୋଇ ବନ୍ଦି ହେବାକୁ
ତାଙ୍କର ଇଛା ଯେ ନାହିଁ,
ସେଥିପାଇଁ କ'ଣ
ମୋ ଭାବନାକୁ
ଆସନ୍ତିନାହିଁ ।
ସତେ ଯେପରି ଶବ୍ଦମାନେ
ପାଇଯାଇଛନ୍ତି ତାଙ୍କ ବିନ୍ଧାଣି
କବି ହିଁ କେବଳ ତାଙ୍କୁ
ବାନ୍ଧିପାରିବେ ଭାବନାର
ବନ୍ଧନରେ.............
ଆଉ ସୃଷ୍ଟି କରିପାରିବେ
ନୂତନ ଏକ କବିତାର କୋଣାର୍କ,
ଶବ୍ଦପୁଞ୍ଜ ବି ହେବାକୁ ଚହାଁନ୍ତି
ସେ କୋଣାର୍କ ର ଅଂଶ ବିଶେଷ
ସେମାନେ ବି
ସ୍ଥିରନିଶ୍ଚିତ ଓ ପ୍ରତିଶୃତିବଦ୍ଧ
ମୁଣ୍ଡି ମାରିବେ
କବିଙ୍କ ଭାବରେ............ ।

+ଭୁବନେଶ୍ୱର

## ପ୍ରଶ୍ନ

ସୁପ୍ରଭା ବେହେରା

କିଏ କେବେ ପଚାରିଛି
ରାତିକୁ ?
ଦୁଃଖ ଶେଫାଳିର ?
ଫୁଟିବା ଆଗରୁ ଯେବେ,
ଦଳି ମକ୍ଥି ଯାଏ
ସ୍ୱପ୍ନ ସମ୍ଭାରର ।

ତମସାରେ ଝରେ ବୋଲି,
ସ୍ୱପ୍ନ କଣ ନାହିଁ,
ଦେଖିବାକୁ ନୂଆ ସକାଳର ?
ଏନ୍ତୁଡିଶାଳରୁ ଅନ୍ତ ଯାଏ ଯାତ୍ରା
ପୂର୍ଣ୍ଣ ସମର୍ପିତ,
ତଥାପି ଜରାୟୁରୁ ଜରା ଯାଏ
ମୁଁ ଅବହେଳିତ ?

ସମଗ୍ର ବିଶ୍ୱକୁ ଆଜି
କଳିକାର ପ୍ରଶ୍ନରାଜି ,
କେବେ ମୁଁ ହେବି ସମାନ ? ?
ନ ଥିବ ସ୍ୱତନ୍ତ୍ର ଆଭାସ ଆଉ
ପାଳିବାକୁ ନାରୀ ପାଇଁ ଦିନ ।

+ଭୁବନେଶ୍ୱର
ମୋ: ୯୦୪୦୩୬୦୨୫୯

## ଆତଙ୍କର ଅନ୍ତରାଳେ ? ?

ବେଣୁଧର ସୂତାର

ମାନବ ଜାତିର ମର୍ମ ବେଦନା
ଆହତ ଆର୍ତ୍ତନାଦ
ମିଥ୍ୟା ଆଦର୍ଶର ଭ୍ରଷ୍ଟ ସମାଜ
ବର୍ଣ୍ଣ ବୈଷମ୍ୟ ବାଦ ।।
ବିଳାସ ବାଦର ନଗ୍ନ ଚେତନା
ଅପ ସଂସ୍କୃତି ମନ
ଧ୍ୱଂସ କରୁଛି ସୁସ୍ଥ ସମାଜ
ଜୀବନର ସମ୍ବିଧାନ ।।
ନୀତିର ନାମରେ ଚାଲିଛି ଧରାରେ
ବିପୁଳ ଶୋଷଣ କଳା
ବିଶ୍ୱାସର ମୂଳେ ଭରା ବିଷ ଏଠି
ବୈଶାଖି ଦହନ ଜ୍ୱାଳା ।।
ଅର୍ଥ ପିପାସୁ କ୍ଷମତା ପାଗଳ
ତକ୍ଷକ ଗୁପ୍ତ ଘାତି
ରକ୍ତ ଲୋଲୁପୀ ରାକ୍ଷସ ଦଳ
ସଂତ୍ରାସେ ଛନ୍ତି ମାତି ।।
ବିବସନା ଆଜି ଦ୍ରୌପଦୀ ଏଠି
ଧର୍ଷିତା ହୁଏ ମାଆ
ଅସତ୍ୟର ଏଇ ଅନ୍ଧାର ତଳୁ
ସତ୍ୟ ଖୋଜୁଛି ରାହା ।।
ମାଟିଦୀପ ଠାରୁ ମହାଦ୍ୱୀପ ଯାଏ
ଅଧର୍ମର ପଞ୍ଝୁଆର
ମହା ଶିଖରରୁ ମହୋଦଧି ବ୍ୟାପି
ବିଳାପର ଅନ୍ତଃସ୍ୱର ।।
ମହା ପ୍ରଳୟର ଧ୍ୱାନ୍ତ ପଥରେ
ସଂତ୍ରାସ ବାଦର ବୋମା
ମରଣ ଆତଙ୍କେ ମାନବବାଦଟା
ସାଜଅଛି ଆଜି କୋମା ।।
ଜାଗିଉଠ ଆରେ ସୁପ୍ତ ମାନବ
ଜାଗହେ ଦୁର୍ଜୟ ବୀର
ରାକ୍ଷସ ମାନଙ୍କ ବକ୍ଷ ବିଦାରି
ଛୁଟାଅ ରକ୍ତ ଧାର ।।
ସତେକି ଜନନୀ ତ୍ରିଶୂଳ ତୋହର
ଗର୍ଜି ଉଠିବ ପୁଣି
ଖଣ୍ଡା ଖର୍ପରେ ଦୁଷ୍ଟ ଦନୁଜେ
ଦୁର୍ବାରେ ଯିବୁ ହାଣି ।।
ସାଜ ମୃଣ୍ମୟୀ ଧ୍ୱଂସ କାରିଣୀ
ଦଶ ପ୍ରହରଣ ନେଇ
ଦୁଷ୍ଟ ଆତଙ୍କ ଦର୍ପ ଦଳନେ
ଉଶ୍ୱାସ କର ମହୀ ।।
ଏଧରା ବକ୍ଷରେ ସତ୍ୟ ଧର୍ମର
ହେଉ ପୁଣ୍ୟ ସୂର୍ଯ୍ୟୋଦୟ
ଦୁଃସ୍ଥ ହୃଦୟ ପ୍ରତିଟି ସ୍ପନ୍ଦନେ
ଫୁଟିଉଠୁ ବରାଭୟ ।।
ବିଶ୍ୱ ମାନସ ବିଶ୍ୱାସର ବିଶ୍ୱ
ଆଲୋକରେ କରୁ ସ୍ନାନ
କୋଟିକଣ୍ଠରେ ଜନନୀଲୋ ତୋର
ଶୁଭୁଥିବ ଜୟଗାନ ।।

+କେଶଦୁରାପାଳ, କେନ୍ଦୁଝର
ମୋ: ୯୧୭୮୫୬୮୨୪୬

# ନବବଧୂଙ୍କ ସନ୍ଦେହ ଜନକ ମୃତ୍ୟୁ, ପୁଲିସର ତଦନ୍ତ ଜାରି

ଧର୍ମଶାଳା, ୧୦/୧୦ (ନି.ପ୍ର): ଆଜି ଜଣେ ନବବଧୂଙ୍କ ଜୀବନ ଯାଇଛି । ସକାଳୁ ସକାଳୁ ୨ ମହଲା ଘର ଭିତରୁ ଝୁଲନ୍ତା ଅବସ୍ଥାରେ ମୃତ ଦେହ ଜବତ ହୋଇଛି । ଏଭଳି ଘଟଣା ଘଟିଛି ଯାଜପୁର ଜିଲା ଧର୍ମଶାଳା ଥାନା ଅନ୍ତର୍ଗତ ବ୍ରହ୍ମବରଦା ପଂଚାୟତସ୍ଥ ସେକ୍ ନଗର ଗ୍ରାମରେ । ମୃତକ ଜଣକ ହେଲେ ଏହି ଗ୍ରାମର ସଜାଦ ଖାଁନଙ୍କ ବୋହୂ ସାକିନା ପରୱିନ(୧୯) ବୋଲି ଜଣାପଡିଛି । ଏଭଳି ମୃତ୍ୟୁ ଘଟଣାକୁ ନେଇ ସନ୍ଦେହ ପ୍ରକାଶ ପାଇଛି । ବାପଘର ପକ୍ଷରୁ ବ୍ରହ୍ମବରଦା ଫାଣ୍ଡିରେ ତଦନ୍ତ ପାଇଁ ଅଭିଯୋଗ ହୋଇଛି । ତେବେ ଏଭଳି ଘଟଣାକୁ ନେଇ ସ୍ଥାନୀୟ ଅଂଚଳରେ ଚର୍ଚ୍ଚାର କାରଣ ପାଲଟିଛି । ଅଭିଯୋଗ ମୁତାବକ ବିଂଝାରପୁର ଥାନା ଅନ୍ତର୍ଗତ ଶାସନ୍ଦା ଗ୍ରାମର ସେକ୍ ଜାବିଦ୍ ଅଲ୍ଲୀଙ୍କ ଝିଅ ସାକିନା ପରୱିନ ୪ ମାସ ପୂର୍ବେ ବ୍ରହ୍ମବରଦା ସେକ୍ ନଗର ଗ୍ରାମର ସଜାଦ ଖାଁନଙ୍କ ପୁଅ ରହିନ ଖାଁନଙ୍କୁ ବିବାହ କରିଥିଲେ । ବିବାହର କିଛି ଦିନ ପରେ ରହିନ୍ କାମ କରିବାକୁ ସାଉଦି ଆରବ ପଳାଇ ଥିଲେ । ଝିଅ ସାକିନା ଶାଶୁ ଘର ସହିତ ହସଖୁସିରେ ଚଳାଚଳ କରି ସମସ୍ତଙ୍କ ପ୍ରୀୟ ହୋଇ ପାରିଥିଲେ । ହେଲେ ଏହି ଖୁସି ସବୁ ଦିନ ରହି ପାରି ନ ଥିଲା । ତେବେ ଆଜି ସକାଳୁ ଘରର ୨ ମହଲା ଭିତରେ ଫ୍ୟାନରୁ ବେକରେ ଓଢଣୀ ଲଗାଇ ଆତ୍ମହତ୍ୟା କରିଥିବା ଶ୍ୱଶୁର ସଜାଦ ଜାଣିବାକୁ ପାଇ ବେକରୁ ଓଢଣୀ କାଟି ଦେଇଥିଲେ । ପରେ ସେ ସାକିନାର ପରିବାର ଲୋକଙ୍କୁ ଜଣାଇଥିଲେ । ପରିବାର ଲୋକେ ଘଟଣାସ୍ଥଳରେ ପଂହଚି ଦେଖିବାକୁ ପରେ ବ୍ରହ୍ମବରଦା ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିଲେ । ଝିଅର ସନ୍ଦେହ ଜନକ ମୃତ୍ୟୁ ହୋଇ ଯାଇଥିବା ବେଳେ ଏହି ଘଟଣାକୁ ଗୁରୁତର ସହ ତଦନ୍ତ କରିବାକୁ ପିତା ଜାବିଦ ଅଲ୍ଲୀ ଅଭିଯୋଗ କରିଛନ୍ତି । ଅଭିଯୋଗ ପାଇ ପୁଲିସ ସଦଳବଳେ ଘଟଣାସ୍ଥଳରେ ପଂହଚି ମୃତ ଦେହକୁ ଜବତ କରିବା ସହିତ ମାଜିଷ୍ଟ୍ରେଟଙ୍କ ସହଯୋଗ ଲୋଡି ଥିଲେ । ରସୁଲପୁର ତହସିଲଦାର ନିରଞ୍ଜନ ସାହୁଙ୍କ ଉପସ୍ଥିତରେ ଶବର ତଦନ୍ତ କରାଯାଇଥିଲା । ଏନେଇ ଧର୍ମଶାଳା ଥାନାରେ ୩୮/୨୦୨୨ରେ ଏକ ମାମଲା ରୁଜୁ କରାଯାଇ ଶବ ବ୍ୟବଚ୍ଛେଦ ନିମନ୍ତେ ବଡଚଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇ ଦିଆଯାଇଥିବା ନେଇ ବ୍ରହ୍ମବରଦା ଫାଣ୍ଡି ଅଧିକାରୀ ଏସ୍ ଦାଶରଥୀ ସୂଚନା ଦେଇଛନ୍ତି । ସାକିନାର ଏଭଳି ମୃତ୍ୟୁ ଘଟଣାକୁ ନେଇ କେହି ସହଜରେ ଗ୍ରହଣ କରିପାରୁ ନାହାନ୍ତି ।

# ସଞ୍ଜୟଙ୍କ ପୂର୍ବତନ ପିଏସଓ ଚିତ୍ତରଞ୍ଜନ ହତ୍ୟାକାଣ୍ଡ ଘଟଣା : ସିବିଆଇ ତଦନ୍ତ ଦାବି କରି ଧାରଣା

ପୁରୀ, ୧୦/୧୦ (ନି.ପ୍ର): ୨୦୨୧ ମସିହାରେ ଘଟିଥିବା ବହୁଚର୍ଚ୍ଚିତ ଚିତରଞ୍ଜନ ପଲାଇ ହତ୍ୟାକାଣ୍ଡ ଘଟଣାର ଏବେ ନୂଆ ମୋଡ଼ ନେଇଛି । ରାଜନୈତିକ ଚାପରେ ତଦନ୍ତ ବାଟମଣା ହୋଇ ପ୍ରକୃତ ଅଭିଯୁକ୍ତ ଧରା ଯାଇପାରିନାହିଁ ବୋଲି ଦାବି କରି ପରିବାର ପକ୍ଷରୁ ପୁରୀ ସାତପଡ଼ା ରାସ୍ତାର ବ୍ରହ୍ମଗିରି ବସଷ୍ଟାଣ୍ଡ ଢାବା ଛକରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଅହୋରାତ୍ର ଧାରଣାରେ ବସିଛନ୍ତି । ଏହି ଘଟଣା ଏବେ ଖାଲି ବ୍ରହ୍ମଗିରି ନୁହେଁ ରାଜ୍ୟର ରାଜନୀତିକୁ ପ୍ରଭାବିତ କରିଛି । ଚିତରଞ୍ଜନ ପଲାଇ ପୂର୍ବତନ ଯୋଜନା ବୋର୍ଡ଼ ଉପାଧ୍ୟକ୍ଷ ସଞ୍ଜୟ ଦାସବର୍ମାଙ୍କ ବ୍ୟକ୍ତିଗତ ସହାୟକ ଭାବେ କାର୍ଯ୍ୟ କରୁଥିଲେ । ଡ଼ିସେମ୍ବର ୧୦ ତାରିଖରେ ଚିତରଞ୍ଜନ ଓ ସାଙ୍ଗମାନେ ମାଟିଆପଡ଼ାରେ ଭୋଜି କରିବା ପରେ ନିଖୋଜ ହୋଇଥିଲେ । ୧୧ ତାରିଖରେ ପରିବାର ପକ୍ଷରୁ ପୁରୀ ସଦରଥାନାରେ ଅଭିଯୋଗ କରାଯାଇଥିଲା । ୧୩ ତାରିଖ ଦିନ ଚିତରଞ୍ଜନର ମୃତ ଦେହକୁ ପୋଲିସ ଗଡ଼ମୃଗଶିରା ବ୍ରିଜ ତଳୁ ଠାବ କରିଥିଲା । ଏହି ଘଟଣାକୁ ନେଇ ସେତେବେଳ ସାରା ରାଜ୍ୟରେ ହୋହଲ୍ଲା ହେବାରୁ ରାଜ୍ୟ କ୍ରାଇମବ୍ରାଞ୍ଚର ଡ଼ିଏସପି ଶିଶିର ମିଶ୍ରଙ୍କ ନେତୃତ୍ୱରେ ତଦନ୍ତ ହୋଇଥିଲା । ଦୁଇଜଣ ଅଭିଯୁକ୍ତ ଅଶୋକ ଉପାଧ୍ୟାୟ ଓ ଜଗନ୍ନାଥ ଷଡ଼ଙ୍ଗୀଙ୍କୁ ଗିରଫ କରାଯାଇଥିଲା । ଜଗନ୍ନାଥ ଆସିଥିବା ପଲସର ବାଇକରେ ତିନିଜଣ ଆସିଥିବା ବେଳେ ଗାଡ଼ି ଓ ଅନ୍ୟମାନଙ୍କୁ କାହିଁକି ଠାବ କରାଯାଇପାରିଲା ନାହିଁ ବୋଲି ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି । ରାଜ୍ୟ କ୍ରାଇମବ୍ରାଞ୍ଚକୁ ବିଶ୍ୱାସ ଥିବାବେଳେ ତଦନ୍ତ ଅଧାରୁ ଏହି ଘଟଣା ୧୦ମାସ ହେଲାଣି ଶିତଳ ଭଣ୍ଡାର ପରି ପଡ଼ି ରହିଛି । ଭୋଜି କରିବାର ତିନି ଦିନ ପରେ ମୃତ ଦେହ ମିଳିଥିଲା । ତେବେ ଏହି ତିନି ଦିନ ଚିତ କେଉଁଠି ଥିଲେ ବୋଲି ସେ ସମ୍ପର୍କରେ ପରିବାର ଲୋକ ଠୋସ ପ୍ରମାଣ ପାଇପାରିନାହାନ୍ତି । ପୋଷ୍ଟମର୍ଟମ ରିପୋର୍ଟରେ ଦୁର୍ଘଟଣା ଜନିତ ଓ ନଇରେ ପଡ଼ି ମୃତ ଆସିଥିଲା । ପ୍ରଥମେ ସଦରଥାନା ଓ ପୁରୀ ପୋଲିସ ତଦନ୍ତ କରୁଥିବା ବେଳେ ସଞ୍ଜୟଙ୍କ ସୁପାରିଶରେ କ୍ରାଇମବ୍ରାଞ୍ଚ ତଦନ୍ତ କରିଥିଲା ବୋଲି ପରିବାର ଲୋକ ଅଭିଯୋଗ କରିଛନ୍ତି । ଏହି ହତ୍ୟାକାଣ୍ଡରେ ଅନେକ ଯୁବ ରାଜନୈତିକ ନେତା ସଂପୃକ୍ତି ଥିବା ପରିବାର ଲୋକ ଅଭିଯୋଗ ଆଣିଥିଲେ ମଧ ତାଙ୍କ ପାଖରେ ପୋଲିସ ପହଞ୍ଚି ପାରିନଥିଲା । ଚିତରଞ୍ଜନଙ୍କୁ କାହିଁକି ହତ୍ୟା କରାଗଲା, ହତ୍ୟାର କାରଣ କଣ, ପୂର୍ବରୁ କାହା ସହ ବଚସା ହୋଇଥିଲା, କେଉଁ ପଦବୀ ପାଇଁ ଦ୍ୱନ୍ଦ ସୃଷ୍ଟି ହୋଇଥିଲା , ହତ୍ୟାକାଣ୍ଡର ଚକ୍ରବ୍ୟୁହ କିଏ ରଚନା କରିଥିଲା, ପଲସର ବାଇକ ଓ ଚିତର ମୋବାଇଲ କୁଆଡ଼େ ଗଲା ଏ ସମ୍ପର୍କରେ ସମ୍ପୂର୍ଣ୍ଣ ତଥ୍ୟ ପରିବାର ଲୋକ, ବ୍ରହ୍ମଗିରିବାସୀ, ପୁରୀ ଜିଲ୍ଲାବାସୀ ଓ ରାଜ୍ୟବାସୀ ଜାଣିବା ପାଇଁ ଏହି ଧାରଣା ଚାଲୁ ରହିବ ବୋଲି ପରିବାର ପକ୍ଷରୁ କୁହାଯାଇଛି ।

## ୪ହଜାର ଲୋକ କାଦୁଅପଙ୍କ ଚକଟି ଯାଉଛନ୍ତି ବାଲିପଡ଼ା : ପ୍ରଭାବଶାଳି ନେତାଙ୍କ ପ୍ରଭାବଶୂନ୍ୟ !

ପୁରୀ,୧୦/୧୦ (ନି.ପ୍ର): ପୁରୀ ସଦରବ୍ଲକ ଅଧିନରେ ରହିଛି ବାଲିପଡ଼ା ଗ୍ରାମ ପଂଚାୟତ । ଏହି ପଂଚାୟତରୁ ନିର୍ବାଚିତ ସମତିସଭ୍ୟ ସଦରବ୍ଲକର ଚେୟାରମ୍ୟାନ ହୋଇଛନ୍ତି । ହେଲେ ତାଙ୍କ ପଞ୍ଚାୟତର ପ୍ରାୟ ୪ ହଜାର ଲୋକ ଏବେ ବର୍ଷା ଦିନେ କାଦୁଅପଙ୍କ ଚକଟି ଯାଆସ କରୁଥିବାରୁ ଘୋର ଅସୁବିଧାରେ ପଡୁଛନ୍ତି । ମାଳତିପାଟପୁର ଆରଡ଼ି ରାସ୍ତା ଠାରୁ ବାଲିପଡ଼ା ପର୍ଯ୍ୟନ୍ତ ୪ କିଲୋମିଟର ରାସ୍ତା । ଏହି ରାସ୍ତାଟି ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଯାଉଅଛି । ଏହି ରାସ୍ତାରେ ଗାଡ଼ି ଦୁର୍ଘଟଣା ହୋଇ ବାଲିପଡ଼ା ତଳ ସାହିର ରବି ବେହେରା ତିନିମାସ ହେଲାଣି ମସ୍ତିଷ୍କ ଅଘାତ ପାଇ ଭୁବନେଶ୍ୱର ଏକ ଘରୋଇ ହସପିଟାଲରେ ଚିକିତ୍ସିତ ହେଉଛନ୍ତି । ଏବେ ଏହି ରାସ୍ତା ଅଂଚଳବାସୀଙ୍କ ପାଇଁ ମରଣଯନ୍ତା ପାଲଟିଛି । ପଂଚାୟତ ଭୋଟ ସରିବା ପରେ ଆଉ ନେତାଙ୍କର ଦେଖାନଥିବା ଅଂଚଳବାସୀ କହୁଛନ୍ତି । କୋଟି କୋଟି ଟଙ୍କାର ପାନୀୟ ପ୍ରକଳ୍ପ କାର୍ଯ୍ୟମଧ ଅଟକି ରହିଛି । ଯାହା ଫଳରେ ଅଞ୍ଚଳବାସୀମାନେ ଶୁଦ୍ଧ ନିର୍ମଳ ଓ ଜୀବାଣୁମୁକ୍ତ ନିର୍ମଳ ପିଇବା ପାଣି ପିଇବାରୁ ବଂଚିତ ହେଉଛନ୍ତି । ତୁରନ୍ତ ଏହି ରାସ୍ତାକୁ ସବୁଦିନିଆ କଂକ୍ରିଟ ରାସ୍ତା କରିବା ପାଇଁ ପଞ୍ଚାୟତବାସୀ ଦାବି କରିଛନ୍ତି ।

# ଗଜଲକ୍ଷ୍ମୀ ପୂଜା, ନାଚ ଗୀତର ଝୁମିଲେ ୧୦ ଟି ଗ୍ରାମବାସୀ

ଜୟପୁର,୧୦/୧୦ (ନି.ପ୍ର): କୋଲାବନଗରରେ ମା ଗଜଲକ୍ଷ୍ମୀ ପୂଜା ସାଙ୍ଗକୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । କୋଲାବନଗରର ବଡ ନାୟକଗୁଡା ଠାରେ ଗଜଲକ୍ଷ୍ମୀ ପୂଜା ସହ ନାଚ ଗୀତ ଭଳି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଝୁମିଲେ ଦର୍ଶକ । କୋରନା ପାଇଁ ୨ ବର୍ଷ ବନ୍ଦ ରହିଥିବା ପୂଜା ମଣ୍ଡପ ଲୋକାରଣ୍ୟ ହୋଇଛି । କୋଲାବ ଅଂଚଳର ସମସ୍ତ ଯୁବଗୋଷ୍ଠୀ ଏକତ୍ରିତ ହୋଇ ଅଜିତ କୁମାର ଦଳେଇଙ୍କ ନେତୃତ୍ୱରେ ଦୁର୍ଗାପୁଜା ଓ ଲକ୍ଷ୍ମୀପୁଜା ସମସ୍ତ ଆୟୋଜନ ଶାନ୍ତି ଶୃଙ୍ଖଳା ରେ ଓ ମହା ଆଡମ୍ବରରେ ପାଳନ କରିଥିଲ । ଏହି କାର୍ଯ୍ୟକ୍ରମରେ ଟୁକୁ ଖାଡଙ୍ଗା ଦାୟିତ୍ୱ ନେଇଥିବା ବେଳେ ବରିଷ୍ଠ ନାଗରିକ ଯୋଗେନ୍ଦ୍ର କୁମାର ଜେନା ତଥା ଅଂଚଳର ସରପଂଚ, ନାଏବ ସରପଂଚ, ଓାର୍ଡ ମେମ୍ବର ତଥା ପଂଚାୟତର ସମସ୍ତ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ । କୋଲାବ ଅଂଚଳରେ ପୁର୍ବ ଅପେକ୍ଷା ଚଳିତ ଦଶହରା ଏବଂ ଲକ୍ଷ୍ମୀପୁଜା ସାଙ୍ଗକୁ ଢେମସା ନାଚ ଗୀତ ସାଧାରଣ ଲୋକଙ୍କୁ ଆକୃଷ୍ଟ କରିଥିଲା । ପାଖାପାଖି ଆଖ ପାଖର ୧୦ଟି ଗ୍ରାମର ଗ୍ରାମବାସୀ ଉପସ୍ଥତି ରହିଥିବା ଜଣାଯାଇଛି । ପ୍ରାୟ ୮ରୁ ୧୦ ଢେ଼ମସା ଯୁବତୀ ଦଳ ଯୋଗ ଦେଇଥିଲେ । ସେ ମାନଙ୍କ ମଧରୁ କୃତି ଦଳ କୁ ପରୁସ୍କୃତ କରାଯାଇଥିଲା । ଯୁବକଙ୍କ ପ୍ରଚେଷ୍ଟା ରେ ଅଂଚଳରେ ପୁଜା ସହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ଅଂଚଳ ବାସୀ ଖୁସି ପ୍ରକଟ କରିଥିବା ଜଣାଯାଇଛି ।

# ପାଣିକୋଇଲିରେ ମା ଲକ୍ଷ୍ମୀଙ୍କ ପୂଜା

କୋରାଇ,୧୦/୧୦ (ନି.ପ୍ର): ଜଗତଜନନୀ ମା ଗଜଲକ୍ଷ୍ମୀଙ୍କର ପବିତ୍ର ପୂଜା ଅବସରରେ ଚଳଚଂଚଳ ହୋଇ ଉଠିଛି ଗାଁ ଠୁ ସହର । ସବୁଠି ସୃଷ୍ଟି ହୋଇଛି ଭକ୍ତି ଭାବରେ ଭରା ପରିବେଶ । କରୋନା କଟକଣା ଯୋଗୁ ବିଗତ ଦୁଇ ବର୍ଷ ହେବ କେବଳ ପାରମ୍ପାରିକ ବିଧି ରକ୍ଷା ପାଇଁ ବିନା ଭକ୍ତରେ ପୂଜା ପାଉଥିଲେ ମା । ଚଳିତ ବର୍ଷ କଟକଣା ନଥିବାରୁ ପାର୍ବଣ ଋତୁ ତଥା ମାଙ୍କ ପୂଜାର୍ଚ୍ଚନା ସବୁଠି ଧୁମଧାମରେ ପାଳିତ ହୋଉଛି । ଏହି କ୍ରମରେ ପଥରପଦା ଓଟିନ୍ଦା ରୋଡ ସ୍ଥିତ ଲକ୍ଷ୍ମୀବିହାର ଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ପୂଜା ମଣ୍ଡପରେ ମା ଗଜଲକ୍ଷ୍ମୀଙ୍କ ପୂଜା ଉତ୍ସବ ରିତୀକାନ୍ତି ଅନୁଯାୟୀ ପାଳିତ ହେଉଛି । ଦୀର୍ଘ ୬ ବର୍ଷ ଧରି ଏଠାରେ ପୂଜା କରାଯାଉଥିବା ବେଳେ ଚଳିତ ବର୍ଷ ୪ ଦିନ ଧରି ଏହା ପାଳିତ ହେବ । ପୂଜା ପରେ ବିଭିନ୍ନ ସାଂସ୍କୃତି କାର୍ଯ୍ୟକ୍ରମ ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଏବଂ ପ୍ରସାଦ ସେବନର ଆୟୋଜନ କରାଯାଇଛି । ଏହି ଅବସରରେ ସାମଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ରାଜପଥ ପୋଟ୍ରୋଲିଙ୍ଗ ସବଇନ୍ସପେକ୍ଟର ଅଶୋକ କୁମାର ବଳଙ୍କୁ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ପୂଜକ ପ୍ରଫୁଲ୍ଲ ପାଢୀ, କମିଟିର ସଭାପତି ନୀଳମଣି ନାୟକ, ସମ୍ପାଦକ କୁଳମଣି ଦାସ, ସହସମ୍ପାଦକ ସୋଭିନ ପରିଡା, କୋଷାଧ୍ୟକ୍ଷ ନିରଂଜନ ବେହେରା, କର୍ତ୍ତା ଦେବ ମହାପାତ୍ର, ସତ୍ୟାନନ୍ଦ ମହାରଣା, ସନ୍ତୋଷ ବେହେରା, କୂଳମଣି ସ୍ୱାଇଁ, ସନ୍ତୋଷ ପାତ୍ର, ସୁବାଷ ପରିଡା, ସରୋଜ ଶତପଥି, ସୁକାନ୍ତ ପ୍ରଧାନ, ସୋମନାଥ ନାୟକ, ପ୍ରଫୁଲ୍ଲ ପୃଷ୍ଟି, ବିଶ୍ୱଜିତ ମହାନ୍ତି, ମଙ୍ଗଲ ମାଝୀ, ରାକେଶ ଚୌହାନ ପ୍ରମୁଖ ଉପସ୍ଥିତ ରହି ଶ୍ରୀ ବଳଙ୍କୁ ସମ୍ବର୍ଦ୍ଧିତ କରିଥିଲେ ।

# ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ

ବଲାଙ୍ଗିର,୧୦/୧୦ (ନି.ପ୍ର): ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ତାଲୁକା ଆଇନ୍ ସେବା ସମିତି ତରଫରୁ ସ୍ଥାନୀୟ ଅଦାଲତ ପରିସରରେ ଅତିରିକ୍ତ ଜିଲ୍ଲା ନ୍ୟାୟଧୀଶ ଶ୍ୱେତା ମିଶ୍ରଙ୍କ ଅଧକ୍ଷତାରେ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ବରିଷ୍ଠ ଆଇନଜୀବୀ ଆଶିଷ କୁମାର ଚନ୍ଦନ, ଶ୍ରୀମତୀ ପାଣିଗ୍ରାହୀ ତଥା ଉପଖଣ୍ଡ ନ୍ୟାୟିକ ମାଜିଷ୍ଟ୍ରେଟ ଲୋପାମୁଦ୍ରା ପ୍ରକାଶ, ଉପଖଣ୍ଡ ଚିକିତ୍ସାଧିକାରୀ ହେମନ୍ତ କୁମାର ମେହେର, ଏସଡିପିଓ ଜ୍ୟୋର୍ତିମୟ ଭୁକ୍ତା ଯୋଗଦାନ କରି ମାନସିକ ସ୍ୱାସ୍ଥ୍ୟ ସଚେତନତା ଉପରେ ଆଲୋକପାତ କରିଥିଲେ । ଡ଼. ଶ୍ରୀ ମେହେର ମାନସିକ ସ୍ୱାସ୍ଥ୍ୟରେ ଔଷଧ ଠାରୁ ରୋଗୀଙ୍କୁ ଆସ୍ୱାସନାର ଅଧିକ ଆବଶ୍ୟକତା ରହିଛି ବୋଲି କହିଥିଲେ । ପରେ ଏସଡିପିଓ ଶ୍ରୀ ଭୁକ୍ତା ଉପଖଣ୍ଡ ସ୍ତରରେ ମାନସିକ ରୋଗୀଙ୍କ ସଂଖ୍ୟା ବଢୁଥିବା ଦୃଷ୍ଟିରୁ କାରଣ ଓ ନିରାକରଣ ଉପରେ ଆଲୋକପାତ କରିଥିଲେ । ମାନସିକ ସ୍ୱାସ୍ଥ୍ୟ ସମ୍ବନ୍ଧରେ ଆଇନ କାନୁନ ଦିଗରେ ଆହୁରି ତର୍ଜମା ହେବା ଉଚିତ ବୋଲି ଅଧିବକ୍ତା ଗଣ ମତବ୍ୟକ୍ତ କରିଥିଲେ ।

## ବର୍ଷାରେ ତିନ୍ତିଲେ, ଗଣ୍ଠିଲି ବୋହି କଲବଲ ହେଲେ ହବିଷ୍ୟାଳି

ପୁରୀ,୧୦/୧୦ (ନି.ପ୍ର): ଧର୍ମକ୍ଷେତ୍ର ଶ୍ରୀକ୍ଷେତ୍ର । ଧର୍ମମାସ କାର୍ତିକ । ଧାର୍ମିକ ବ୍ୟକ୍ତି ଭାବେ ହବିଷ୍ୟାଳିମାନେ ଶ୍ରୀକ୍ଷେତ୍ରକୁ ଆସିବା ପରେ ଶିବିର ଖୋଜି ଖୋଜି କଲବଲ ହୋଇଛନ୍ତି । ପଞ୍ଜିକରଣ କରିଥିଲେ ମଧ କେତେକ ହବିଷ୍ୟାଳୀଙ୍କ ନାମ ଖାତାକୁ ଉଠିନଥିବାରୁ ସେମାନେ ଗଣ୍ଠିଲି ଧରି ୫ଟି ଶିବିର ବୁଲି ବୁଲି ହତାସ ହୋଇଛନ୍ତି । ଗେଟ ଖୋଲିନଥିବାରୁ ଓ ପଞ୍ଜିକରଣ ନମ୍ବର ମିଳୁନଥିବାରୁ ହବିଷ୍ୟାଳିମାନେ ବର୍ଷାରେ ଓଦା ହୋଇ ବଡ଼ଦାଣ୍ଡ ଦୁଇପାର୍ଶ୍ୱରେ ଥିବା ବାରଣ୍ଡାରେ ଆଶ୍ରୟ ନେଇଛନ୍ତି । ହବିଷ୍ୟାଳିମାନେ କୁମାରପୂର୍ଣ୍ଣମୀ ପୂର୍ବ ଦିନରୁ ଆସୁଥିବାରୁ ସେମାନଙ୍କୁ ରହିବା ପାଇଁ କାହିଁକି ଅନୁମତି ଦିଆଗଲାନାହିଁ ତାକୁ ନେଇ ହବିଷ୍ୟାଳିମାନଙ୍କ ମଧରେ ଅସନ୍ତୋଷ ବୃଦ୍ଧି ପାଇଛି । ଘର ଲୋକ ଛାଡ଼ି ଦେଇ ଯିବା ପରେ ହବିଷ୍ୟାଳିମାନେ ବାହାରେ ଖର୍ଚ୍ଚାନ୍ତ ହେଉଛନ୍ତି । କମ ଟଙ୍କା ଧରି ଆସିଥିବାରୁ ସୋମାନେ ଅଧିକ ଟଙ୍କା ଦେଇ ଖାଦ୍ୟ କିଣି ଖାଇବା ଅସମ୍ଭବ ହୋଇପଡ଼ିଛି । ହବିଷ୍ୟାଳିମାନେ ପଞ୍ଜିକରଣ ରସିଦ ଦେଖାଉଥିଲେ ମଧ ନାମ ମିଳୁନଥିବାରୁ କଲବଲ ହୋଇଛନ୍ତି । ବିଭିନ୍ନ ଅଂଚଳର ଦଳୀୟ ନେତାମାନେ ହବିଷ୍ୟାଳିମାନଙ୍କୁ ପୁରୀ ପଠାଇଥିବା ବେଳେ ସେମାନେ ନାମ ପଞ୍ଜିକରଣ କରିନଥିବାରୁ ପୁରୀକୁ ଆସି କଲବଲ ହେଉଛନ୍ତି ।

# ମେଡିକାଲ କଲେଜ ଓ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଦାବିରେ ଧାରଣା ଓ ଦାବିପତ୍ର ପ୍ରଦାନ

ଭଦ୍ରକ, ୧୦/୧୦ (ନି.ପ୍ର): ଆଜି ପୂର୍ବତନ ବିଧାୟକ ନରେନ ପଲେଇଙ୍କ ନେତୃତ୍ୱରେ ଭଦ୍ରକ ଜିଲାରେ ଏକ ମେଡିକାଲ କଲେଜ ଓ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଦାବିରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ଘ ିଆ ଧାରଣା ଅନୁଷ୍ଠିତ ହୋଇଯାଇଛି । ଏହାପୂର୍ବରୁ ପୂର୍ବତନ ବିଧାୟକ ଶ୍ରୀ ପଲେଇଙ୍କ ନେତୃତ୍ୱରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଚାରିଥର ଦାବିପତ୍ର ପ୍ରଦାନ କରାଯାଇଥିବାବେଳେ ଆଜି ପ ମ ଦାବିପତ୍ର ମଧ ପ୍ରଦାନ କରାଯାଇଛି । ଭଦ୍ରକରେ ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ଆଧୁନିକତାର ସ୍ପର୍ଶ ଏପର୍ଯ୍ୟନ୍ତ ନାହିଁ । ମେଡିକାଲ କଲେଜ ଓ ବିଶ୍ୱବିଦ୍ୟାଳୟ ଆମ୍ଭମାନଙ୍କର ତଥା ଜିଲାପାଇଁ ଏହା ନିତ୍ୟାନ୍ତ ଆବଶ୍ୟକ । ଯେପର୍ଯ୍ୟନ୍ତ ଆମ୍ଭମାନଙ୍କର ଦାବି ପୂରଣ ନହୋଇଛି, ଆମ୍ଭେମାନେ ପ୍ରତ୍ୟେକ ମାସ ୧୦ ତାରିଖରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଭାବେ ଏକ ଘ ିଆ ଧାରଣା ଦିଆଯିବ ବୋଲି ଶ୍ରୀ ପଲେଇ କହିଛନ୍ତି । ଆଜିର ଏହି ଧାରଣା ଓ ଦାବିପତ୍ର ପ୍ରଦାନ କାଳରେ ବିଭୂତି ସାହୁ, ଅରୁଣ ମଜୁମଦାର, ମନୋଜ ଦାସ, ଲକି ରାଉତ, ଗିରିଶି ପଣ୍ଡା, ସଂଜୀବ ମହାନ୍ତି, ଗୌତମ ମୈତ୍ର, କୁଟିଆ ନାୟକ, ହେମନ୍ତ ସାହୁ, ଧବଳା ପଣ୍ଡା, ଅମର କୁମାର ପାଣିଗ୍ରାହୀ, ସଂଗ୍ରାମ ଆଚାର୍ଯ୍ୟ, ସେକ୍ ଜଫିରୁଦ୍ଦିନ୍, ସେକ୍ ସୁଲେମାନ, ପ୍ରଶାନ୍ତ ନାଥ, ଗୋପାଳ ପାଣିଗ୍ରାହୀ, ପ୍ରଭା ମଲ୍ଲିକ, ଟୁକୁ ସାହୁ, ବଲିଆ ବେହେରା, ତପନ ସାହୁ, ମନୋଜ ଯତି, ଅନନ୍ତ ମହାପାତ୍ର, ନରିଆ ବାରିକ, କଲ୍ଲୋଲ ଲେଙ୍କା, ଟୁକୁ ପଲେଇ, ଲଲାଟ ନନ୍ଦ, ଦେବବ୍ରତ ରାଉତରାଏ ପ୍ରମୁଖ ସାମିଲ ଥିଲେ ।

# ଖଣ୍ଡାସ ଠାରେ ଗୋପବନ୍ଧୁ ଜୟନ୍ତୀ ପାଳିତ

ଧର୍ମଶାଳା, ୧୦/୧୦ (ନି.ପ୍ର): ଯାଜପୁର ଜିଲା ରସୁଲପୁର ବ୍ଲକ ମଙ୍ଗରାଜପୁର ପଂଚାୟତସ୍ଥ ଖଣ୍ଡାସଠାରେ ଉତ୍କଳମଣୀ ଗୋପବନ୍ଧୁ ଦାସଙ୍କ ଜନ୍ମ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି । ଉତ୍କଳମଣୀ ଗୋପବନ୍ଧୁ କ୍ଲବ ପକ୍ଷରୁ ଆୟୋଜିତ ଉତ୍ସବରେ କ୍ଲବର ପୁରାତନ ସଭାପତି ଇନ୍ଦ୍ରମଣୀ ନାୟକଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ବ୍ରହ୍ମବରଦା ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ତଥା ସୁସାହିତ୍ୟିକ ମହେଶ୍ୱର ପାଢୀ, ମୁଖ୍ୟବକ୍ତାଭାବେ ପଣ୍ଡିତ ତଥା ଶିକ୍ଷାବିତ୍ କାମଦେବ ଶତପଥୀ ସମ୍ମାନୀତ ଅତିଥିଭାବେ ଶିଶୁ ସାହିତ୍ୟିକ ତଥା ପ୍ରାକ୍ତନଶିକ୍ଷକ ଡ. ରାଜକିଶୋର ପାଢୀ, ବ୍ରହ୍ମବରଦା ମହାବିଦ୍ୟାଳୟର ଗଣିତ ବିଭାଗର ଅଧ୍ୟାପିକା ବନଲତା ଲେଙ୍କା, ସାମାଜିକ କର୍ମୀ ନିମାଇଁ ଚରଣ ଦାସ, ପ୍ରାକ୍ତନ ଶିକ୍ଷକ ଆତ୍ମାରାମ ସୂତାର ଓ ମଙ୍ଗରାଜପୁର ପଂଚାୟତର ପୂର୍ବତନ ସରପଂଚ ରାମଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ଗୋପବନ୍ଧୁଙ୍କ ଜୀବନି ସମ୍ପର୍କରେ ଆଲୋକପାତ କରିଥିଲେ । ଗୋପବନ୍ଧୁ ଭାଗବତକୁ ଗୁରୁତ୍ୱ ଦେଉଥିଲେ, ଗୋପବନ୍ଧୁଙ୍କ ଜୟନ୍ତୀରେ ଆମେ ଏହି ମହାନ ବ୍ୟକ୍ତିଙ୍କୁ ମନେ ପକାଉଛେ ସତ କିନ୍ତୁ ଆଜି ପର୍ଯ୍ୟନ୍ତ ଜଣେ ଗୋପବନ୍ଧୁ ତିଆରି କରିପାରି ନାହାନ୍ତି ବୋଲି ଅତିଥିମାନେ କ୍ଷୋଭ ପ୍ରକାଶ କରିଥିଲେ । ପ୍ରାରମ୍ଭରେ ଅତିଥିମାନେ ଗୋପବନ୍ଧଙ୍କ ପ୍ରତିମୂର୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । କ୍ଲବର ସଭାପତି ନିରଞ୍ଜନ ନାୟକ ଅତିଥି ପରିଚୟ ପ୍ରଦାନ, କ୍ଲବର ସଦସ୍ୟ ଧବରେନ ମହାନ୍ତି ବାର୍ଷିକ ବିବରଣୀ ପାଠ କରିଥିଲେ । ଅନୁଷ୍ଠାନ ପକ୍ଷରୁ ସ୍ଥାନୀୟ ପଂଚାୟତର ୫୦ରୁ ଉର୍ଦ୍ଧ ଦରିଦ୍ର ସୀମାରେଖା ତଳେ ବସବାସ କରୁଥିବା ବୃଦ୍ଧବୃଦ୍ଧାମାନଙ୍କୁ ବସ୍ତ୍ର ପ୍ରଦାନ କରାଯାଇଥିଲା । କ୍ଲବ ପରିସରରେ ଭାଗବତ ପାଠ ପାଇଁ କ୍ଲବର ୧୧ ଜଣ ସଭ୍ୟ ଭାର୍ଗବୀ ଶପଥ ନେଇଥିଲେ । ୩୬ ନଂ ଜୋନର ପୂର୍ବତନ ଜିଲା ପରିଷଦ ସଭ୍ୟ ଚର୍ତ୍ତୁଭୂଜ ଦ୍ୱିବେଦୀ, ଯୁବନେତା ହିମାଂଶୁ ନାୟକ, ମଙ୍ଗରାଜପୁର ପଂଚାୟତର ପୂର୍ବତନ ସମିତିସଭ୍ୟା ମହେଶ୍ୱତା ନାୟକ, ସମିତି ସଭ୍ୟା ଝୁଲଣା ମଲ୍ଲିକ, ପୂର୍ବତନ ସରପଂଚ ଚିତ ରଂଜନ ନାୟକ, ଅଶୋକ ସାହୁ, ବୁଲବୁଲ ନାୟକ, ପ୍ରଶାନ୍ତ ମୁଦୁଲି, ବାବୁଲି ପାଣ୍ଡେ ଓ ଭାଗୀରଥି ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ରହିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ଅହିଂଶୁ ନାୟକ, ପ୍ରମୋଦ ମଲ୍ଲିକ, ପ୍ରଭାତ ଜେନା, ଅରୁଣ ମଲ୍ଲିକ, ଅଶୋକ ନାୟକ ଓ ଗଂଗାଧର ଜେନାଙ୍କ ସମେତ କ୍ଲବର ସମସ୍ତ ସଭ୍ୟ ସହଯୋଗ କରିଥିଲେ । ଶେଷରେ ଶୁଭେନ୍ଦୁ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ଧାମନଗର ଉପନିର୍ବାଚନ ବିଜୟ ହେବ ବିଷ୍ଣୁ ଭାଇଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି

ଭଦ୍ରକ, ୧୦/୧୦ (ନି.ପ୍ର): ବିରୋଧୀ ଦଳ ଉପନେତା ତଥା ବିଧାୟକ ସ୍ୱର୍ଗତଃ ବିଷ୍ଣୁ ସେଠୀଙ୍କ ଦେହାନ୍ତ ପରେ ଧାମନଗରରେ ସୁରଜଙ୍କୁ ବିଜେପି ପ୍ରାର୍ଥୀ ଚୟନ କରିଛି । ସ୍ୱର୍ଗତଃ ବିଷ୍ଣୁ ସେଠୀଙ୍କ ସୁପୁତ୍ର ସୂର୍ଯ୍ୟବଂଶୀ ସୁରଜ । ବିଧାୟକ ସ୍ୱର୍ଗତଃ ସେଠୀଙ୍କ ଦେହାନ୍ତର ତିନି ସପ୍ତାହ ପରେ ଶୋକସନ୍ତପ୍ତ ପରିବେଶ ଭିତରେ ଉପ ନିର୍ବାଚନ ହେଉଛି । ବିଜେପିର କାର୍ଯ୍ୟକର୍ତ୍ତା, ମନ୍ତ୍ରୀ, ନେତା, ଧାମନଗରବାସୀ ଓ ପରିବାର ବର୍ଗ ସହଯୋଗରେ ଉପନିର୍ବାଚନ ଲାଗି ସୁରଜଙ୍କୁ ବିଜେପି ପ୍ରାର୍ଥୀ କରିଛି । ସୁରଜ ଜଣେ ଉଚ୍ଚ ଶିକ୍ଷିତ, ଆଇଟି କଂପାନୀରେ କାର୍ଯ୍ୟ କରିବା ସହ ବାପା ସ୍ୱର୍ଗତଃ ବିଷ୍ଣୁ ସେଠୀଙ୍କୁ ନିର୍ବାଚନରେ ସାହାଯ୍ୟ ସହଯୋଗ କରୁଥିଲେ । ସୁରଜଙ୍କ ପ୍ରତିଭାକୁ ଦେଖି ବିଜେପି ପ୍ରାର୍ଥୀ ଭାବେ ଚୟନ କରିଥିବା ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି । ଦଳୀୟ ପ୍ରାର୍ଥୀ ସୁରଜଙ୍କ ସପକ୍ଷରେ ପ୍ରଚାର ଆରମ୍ଭ କରିବା ଅବସରରେ ଯୋଗଦେଇ ଶ୍ରୀ ମହାନ୍ତି କହିଛନ୍ତି ଯେ ଏକ ଦୁଃଖ ସମୟରେ ଉପନିର୍ବାଚନ ହେଉଛି ଓ ବିଜେପିର ସମସ୍ତ କାର୍ଯ୍ୟକର୍ତ୍ତା । ମନକୁ ସୁଦୃଢ କରି ନିର୍ବାଚନ ଲଢିବାର ସାହସ ଯୋଗାଉଛନ୍ତି । ସୁରଜଙ୍କ ବିଜୟ ଲାଗି ଆଜି ସକାଳେ ଭଦ୍ରକର ଅଧିଷ୍ଠାତ୍ରୀ ଦେବୀ ମା' ଭଦ୍ରକାଳୀ ଓ ବାବା ଆଖଣ୍ଡଳମଣିଙ୍କ ମନ୍ଦିରରେ ଶ୍ରୀ ମହାନ୍ତି ପୂଜାର୍ଚ୍ଚନା କରି ଆଶୀର୍ବାଦ ଭିକ୍ଷା କରିଥିଲେ । ମା' ଭଦ୍ରକାଳୀ ଓ ବାବା ଆଖଣ୍ଡଳମଣି ସୁରଜଙ୍କୁ ଆଶୀର୍ବାଦ ଓ ଶକ୍ତି ଦିଅନ୍ତୁ । ସ୍ୱର୍ଗତଃ ବିଷ୍ଣୁ ଭାଇ ଛାଡି ଯାଇଥିବା ବିଶାଳ ପରିବାରକୁ ସୁରଜ ସୂଚାରୁ ରୂପେ ପରିଚାଳନା କରିବାର ଅସୀମ ଧୈର୍ଯ୍ୟ ଦିଅନ୍ତୁ ମା' ଭଦ୍ରକାଳୀ ଓ ବାବା ଆଖଣ୍ଡଳମଣି । ଏହି ଉପନିର୍ବାଚନରେ ବିଜେପି ପ୍ରାର୍ଥୀ ସୂର୍ଯ୍ୟବଂଶୀ ସୁରଜକୁ ଧାମନଗରବାସୀ ଆସ୍ଥା ପ୍ରକଟ କରି ବିଜୟ ମୁକୁଟ ପିନ୍ଧାଇଲେ, ତାହା ସ୍ୱର୍ଗତଃ ବିଷ୍ଣୁ ଭାଇଙ୍କ ପ୍ରତି ଅସଲ ଶ୍ରଦ୍ଧାଞ୍ଜଳି ହେବ ବୋଲି ଶ୍ରୀ ମହାନ୍ତି କହିଛନ୍ତି । ଭାରତୀୟ ଜନତା ପାର୍ଟିର ବିଚାରାଧାରାକୁ ଭଲ ପାଉଥିଲେ ସ୍ୱର୍ଗତଃ ସେଠୀ । ସ୍ୱର୍ଗତଃ ସେଠୀଙ୍କ ସୁପୁତ୍ର ସୁରଜ ଆସନ୍ତାକାଲି ନାମାଙ୍କନ ପତ୍ର ଦାଖଲ କରିବେ । ଗଣତନ୍ତ୍ରରେ ଜନତା ମାଲିକ, କେହି ଅପାରଜୟ ନୁହେଁ । କେନ୍ଦ୍ରରେ ନରେନ୍ଦ୍ର ମୋଦିଙ୍କ ସରକାର ୮ ବର୍ଷ ଶାସନ ପୂରଣ କରିଥିବାବେଳେ ରାଜ୍ୟରେ ଅପାରଗ ୨୩ ବର୍ଷର ବିଜେଡି ସରକାର ଶାସନ କରୁଛି । କିନ୍ତୁ ବିଜୁ ଜନତା ଦଳ ଶାସନରେ ରହି ରାଜ୍ୟରେ ସଫଳତା ଆଣିବାରେ ବିଫଳ ସାବ୍ୟସ୍ତ ହେବା ସହ କେନ୍ଦ୍ରର ଯୋଜନାକୁ ନିଜ ଯୋଜନା ବୋଲି ଡିଣ୍ଡିମ ପିଟୁଛି । ୮ ବର୍ଷର ମୋଦି ସରକାରରେ ମୋଦିଜୀ ପ୍ରତ୍ୟେକ ଘରେ ପାନୀୟ ଜଳ ଓ ପ୍ରଧାନମନ୍ତ୍ରୀ ଆବାସ ଯୋଗାଇ ଜନସାଧାରଣଙ୍କୁ ସ୍ୱଚ୍ଛଳ କରାଇଛନ୍ତି ବୋଲି ଶ୍ରୀ ମହାନ୍ତି କହିଛନ୍ତି । ରାଜ୍ୟ ସଭାପତି ଆଜି ଧାମନଗର ନିର୍ବାଚନ ମଣ୍ଡଳୀର ଅସୁରାଳି, ଧୁଷୁରୀ, ପଧାନୀ, ଧାମନଗର ଏନଏସି, ଚୂଡାକୁଟି, ବୋଡକ ଓ ଗୁଆମାଳରେ ବୁଲି ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ସହ ସାଙ୍ଗଠନିକ ଏବଂ ସାଧାରଣ ଲୋକଙ୍କ ସମସ୍ୟା ସଂପର୍କରେ ଆଲୋଚନା କରିଛନ୍ତି । ଆଗାମୀ ଉପନିର୍ବାଚନରେ ଭାରତୀୟ ଜନତା ପାର୍ଟି ଯେପରି ବିଜୟୀ ହେବ ଓ କେନ୍ଦ୍ରର ଯୋଜନା ସାଧାରଣ ଲୋକେ ପାଇ ସ୍ୱଚ୍ଛଳ ହେବେ, ଏହାର ସ୍ଥିତି ମଧ ପରଖିଛନ୍ତି ଶ୍ରୀ ମହାନ୍ତି । ଏହି ଅବସରରେ ରାଜ୍ୟ ସାଧାରଣ ସଂପାଦକ ଗୋଲକ ମହାପାତ୍ର, ରାଜ୍ୟ ସଂପାଦକ ତଥା ଜିଲା ପ୍ରଭାରୀ କାଳନ୍ଦୀ ସାମଲ, ଭଦ୍ରକ ଲୋକସଭା ପ୍ରାର୍ଥୀ ତଥା ରାଜ୍ୟ ସଂପାଦକ ଅଭିମନ୍ୟୁ ସେଠୀ, ଜିଲା ସଭାପତି ହେମନ୍ତ ପାଢୀ ପ୍ରମୁଖ ଉପସ୍ଥିତ ଥିଲେ ।

# ନ୍ୟାୟ ଅପେକ୍ଷାରେ ଭିନ୍ନକ୍ଷମ, ଅସହାୟ ମହିଳା

ମାଲକାନଗିରି,୧୦/୧୦ (ନି.ପ୍ର): ମିନା ଜଣେ ଦୀର୍ଘକାଳିନ ଭିନ୍ନକ୍ଷମ, ସ୍ୱାମୀ ପରିତ୍ୟକ୍ତା ତଥା ୨ଟି ସନ୍ତାନର ଜନନୀ ଅଟନ୍ତି । ସେ ନିଜ ଗ୍ରାମ ଏମ୍.ପି.ଭି -୬୯ ରେ ଅଙ୍ଗନୱାଡି କର୍ମି ନିଯୁକ୍ତି ନିମନ୍ତେ ଆବେଦନ କରିଥିଲେ । ସେ ଭିନ୍ନକ୍ଷମ ପ୍ରମାଣ ପତ୍ର ନିମନ୍ତେ ମଧ ନିବେଦନ କରି ୧୭-୦୮-୨୦୨୨ ରେ ପ୍ରମାଣପତ୍ର ପାଇବାପରେ ସମନ୍ୱିତ ଶିଶୁବିକାଶ ପ୍ରକଳ୍ପ କାର୍ଯ୍ୟାଳୟରେ ମଧ ଦାଖଲ କରିଥିଲେ । ଏନେଇ ଅଧିକାରୀ ତାଙ୍କ ଭିନ୍ନକ୍ଷମ ପ୍ରମାଣ ପତ୍ରକୁ ଅଗ୍ରାହ୍ୟ କରି ଥିଲେ ଓ ଅଧସ୍ତନ କର୍ମାଚାରୀଙ୍କ ମାଧମରେ ଏହାର ଯାଂଚ ମଧ କରିଥିଲେ । କିନ୍ତୁ ଚୟନ ସମୟରେ ଭିନ୍ନକ୍ଷମ ପ୍ରମାଣ ପତ୍ରକୁ ସଲଗ୍ନ କରିନଥିଲେ । ଏନେଇ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ୧୫-୦୯-୨୦୨୨ରେ ମଧ ଭିନ୍ନକ୍ଷମ ପ୍ରମାଣ ପତ୍ରକୁ ଗ୍ରହଣ କରିବା ନିମନ୍ତେ ଓ ଚୟନ ସମୟରେ ସଲଗ୍ନ ନିବେଦନ କରିବାରୁ ଅଧିକାରୀ ନିବେଦନ ଗ୍ରହଣ କରିବାସହ ଅସହାୟ ମହିଳାପ୍ରତି ଅନ୍ୟାୟ ବରଦାସ୍ତ କରାଯିବ ନାହିଁ ଓ ଉଚିତ୍ ତଦନ୍ତ କରିବେ ବୋଲି ଆଶ୍ୱାସନା ଦେଇଥିଲେ । କିନ୍ତୁ ୧୯-୦୯-୨୦୨୨ ରେ ତଦନ୍ତ କୁ ଦୃଷ୍ଟିକୁ ନନେଇ ତରବରଭାବେ ଅନ୍ୟ ଏକ ବ୍ୟକ୍ତି ବିଶେଷଙ୍କୁ ଚୟନ କରି ନିଯୁକ୍ତିନିମନ୍ତେ ନିଷ୍ପତି ନେଇଥିଲେ କ୍ଷ ଏପରି ଭିନ୍ନକ୍ଷମ, ସ୍ୱାମୀ ପରିତ୍ୟକ୍ତା ତଥା ୨ ପିଲାଙ୍କ ଜନନୀ ଓ ଅସହାୟ ମହିଳାପ୍ରତି ହୋଇଥିବା ଅନ୍ୟାୟର ପ୍ରତିବାଦରେ ଆଜି ମିନା ଚକ୍ରବର୍ତୀ ଓ କିଛି ଗ୍ରାମବାସୀ ଆଜି ଆସି ପଡିଆ ବ୍ଲକ ସଦରମହକୁମା ସ୍ଥିତ ପଂଚାୟତ ସମିତି କାର୍ଯାଳୟ ରେ ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ କରିବାସହ ନ୍ୟାୟ ଭିକ୍ଷା କରିଥିଲେ । ଉପଜିଲ୍ଲାପାଳ ଏ ବିଷୟରେ ଜାଣିଥିବା କହିଲାପରେ ଜିଲ୍ଲାପ୍ରକଳ୍ପ ନିର୍ଦ୍ଦେଶକ ଏହାର ତଦନ୍ତକରି ଜିଲ୍ଲାପାଳଙ୍କୁ ତୁରନ୍ତ ରିପୋର୍ଟ୍ କରିବା ନିମନ୍ତେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହି ବିଷୟରେ ଅସହାୟ ମହିଳା ଓ ଗ୍ରାମବାସୀ ସମାଜର ଚତୁର୍ଥ ସ୍ତମ୍ଭ ଗଣମାଧ୍ୟମ ନିକଟରେ ବିନମ୍ର ନିବେଦନ ସହ ନ୍ୟାୟ ପ୍ରଦାନ ନିମନ୍ତେ ନିବେଦନ କରିଛନ୍ତି ।

# ଦିବ୍ୟାଙ୍ଗଙ୍କ ନିମନ୍ତେ ସଚେତନତା କାର୍ଯ୍ୟକ୍ରମ

ଜୟପୁର ,୧୦/୧୦ (ନି.ପ୍ର): କଳିଙ୍ଗ ଇନଷ୍ଟିଚ୍ୟୁଟ ଅଫ ଇନଫରମେସନ ଟେକ୍ନୋଲୋଜି (କିଟ) ତରଫରୁ ଜୟପୁର ସ୍ଥିତ ସଙ୍ଗମ କଲ୍ୟାଣ ମଣ୍ଡପ ଠାରେ ଆଜି ପୂର୍ବାହ୍ନ୧୧ ଟା ସମୟରେ ଦୀପ ପ୍ରଜ୍ୱଳନ କରି ଦିବ୍ୟାଙ୍ଗ ମାନଙ୍କୁ କମ୍ବଳ ବଂଟନ ସହ ପ୍ରୋଜେକ୍ଟର ମାଧ୍ୟମରେ ସରକାରୀ ସୁବିଧା ସୁଯୋଗ ଉପରେ ଦେଖାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବି ଏସ୍ ଏସ ଓ କୋରାପୁଟର ଅହାନା ବେଦ, ସମ୍ମାନିତ ଅତିଥି ଭାବେ କୋରାପୁଟର ଏନ୍ ଏଚ ଏମ ଡିପିଏମ ଶୁଭକାନ୍ତ ଗନ୍ତାୟତ, ରାଜେନ୍ଦ୍ର ଗୌଡ଼, ଧିରେନ ପଟ୍ଟନାୟକ, ଜଗଦୀଶ ମିଶ୍ର, ସାହାଯ୍ୟ ଗ୍ରୁପ୍ ର କାର୍ତ୍ତିକ ରାଉତ, ଏକେଏସ ଗ୍ରୁପ୍ ର କାଳୀଚରଣ ଦେବଶର୍ମା, ମୁଖ୍ୟବକ୍ତା ଭାବେ ଅନିଲ ପାତ୍ର ଓ କିଟ ଚାରିଟେବଲର ମୁଖ୍ୟ ହେମରାଜ ପାଣିଗ୍ରାହି ଉପସ୍ଥିତ ଥିଲେ। କମ୍ବଳ ବଂଟନ କାର୍ଯ୍ୟକ୍ରମରେ ଏ କେ ଏସ ଗ୍ରୁପ୍ ତରଫରୁ ଆସିଥିବା କାଳୀ ଚରଣ ଦେବ ଶର୍ମା, ସାହାଜ୍ୟ ଗ୍ରୁପ୍ ରୁ ଆସିଥିବା କାର୍ତ୍ତିକ ରାଉତ, ସାମ୍ବାଦିକ ରାଜେନ୍ଦ୍ର ଗୌଡ଼, ସୁର ଘୁଙ୍ଗୁରର ମୁଖ୍ୟ ଧିରେନ୍ ପଟ୍ଟନାୟକ, ଡିପିଏମ୍ ଶୁଭକାନ୍ତ ଗନ୍ତାୟତ, ଜଗଦୀଶ ମିଶ୍ର, ଦିବ୍ୟାଙ୍ଗ ଏସୋସେସନର ସଭପତି ପୁରିହା ବାବୁ ଏହି ସମସ୍ତଙ୍କ ସମାଜସେବୀ କାର୍ଯ୍ୟ ଦେଖି ସେମାନଙ୍କୁ କପ୍ ଓ ସାର୍ଟିଫିକେଟ ଦେଇ ପୁରସ୍କୃତ କରାଯାଇଛି। ଏହି କାର୍ଯ୍ୟକ୍ରମ ରେ ୫୦୦ ରୁ ଅଧିକ ଲୋକ ଯୋଗଦାନ କରିଥିଲେ। ୧୦୦ ରୁ ଅଧିକ ଦିବ୍ୟାଙ୍ଗଙ୍କୁ କମ୍ବଳ ବଂଟନ କରାଯାଇଛି।
କିଟ୍ ର ମୁଖ୍ୟ କହିଛନ୍ତି, ଆଗାମୀ ଦିନରେ ଦିବ୍ୟାଙ୍ଗଙ୍କ ଘରେ ଯାଇ ସେମାନଙ୍କୁ ସାହାଯ୍ୟର ହାତ ବଢ଼େଇବେ। ଯେଉଁ ଦିବ୍ୟାଙ୍ଗ ମାନେ ଅସୁବିଧାରେ ଅଛନ୍ତି ପ୍ରଶାସନିକ ଅଧିକାରୀଙ୍କୁ ତାଙ୍କ ଅସୁବିଧା ଜଣେଇବେ। ଖୁବ୍ ଶିଘ୍ର କିପରି ଏହାର ସମାଧାନ ହୋଇପାରିବ ପ୍ରଶାସନିକ ଅଧିକାରୀ ସେନେଇ ଚେଷ୍ଟା କରିବେ।

# ଯୁବ କୁଲୁତା ସମାଜ ତରଫରୁ ବୃକ୍ଷ ରୋପଣ

ବଲାଙ୍ଗୀର ,୧୦/୧୦ (ନି.ପ୍ର): ସ୍ଥାନୀୟ ସରକାରୀ ବାଳିକା ହାଇସ୍କୁଲ ଠାରେ ବଲାଙ୍ଗିର ଜିଲ୍ଲା ଯୁବ କୁଲୁତା ସମାଜ, ଫରେଷ୍ଟ ଡିଭିଜନ ବଲାଙ୍ଗିର ଓ ମ୍ୟୁନିସିପାଲିଟି ବଲାଙ୍ଗିର ର ମିଳିତ ଉଦ୍ୟମ ରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବଲାଙ୍ଗିର ଜିଲ୍ଲା ଯୁବ କୁଲୁତା ସମାଜ ର ତତ୍ୱାବଧାନରେ ଅନୁଷ୍ଠିତ ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମରେ ବଲାଙ୍ଗିର ଡିଏଫ୍ଓ ନିତିଶ କୁମାର ମୁଖ୍ୟ ଅତିଥି ଥିବା ବେଳେ ପୌରାଧକ୍ଷା ଲିକା ସାହୁ, ଦେଓଗାଁ ବିଡିଓ ରାମଦତ ଭୋଇ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ । ବଲାଙ୍ଗିର ଜିଲ୍ଲା କୁ ସବୁଜମୟ କରିବା ମୂଳ ଲକ୍ଷ ବୋଲି ଜିଲ୍ଲା ଯୁବ କୁଲୁତା ସମାଜ ସଭାପତି ଅସୀମ କୁମାର ଭୋଇ ମତପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମକୁ ସରକାରୀ ବାଳିକା ହାଇସ୍କୁଲର ପ୍ରଧାନ ଶିକ୍ଷୟତ୍ରୀ ଭାରତୀ ନନ୍ଦ, ରେଞ୍ଜର କେଶବ କିଶୋର ନାଏକ, ୱାସ କୋଡିନେଟର ବିଜୟ ସାହୁ, ଭୁବନେ ଭୋଇ, ଅମିତ ବାରିକ, ମୁକେଶ ପଧାନ, ଜିତେନ୍ଦ୍ର ବିଶ୍ୱାଲ, ସୁଧିର ସା, ଉପେନ୍ଦ୍ର ପ୍ରଧାନ, ଗଙ୍ଗାଧର ସା, ଖପ୍ରାଖୋଲ ବ୍ଲକ ସଭାପତି ଅକ୍ଷୟ ପ୍ରଧାନ, ସନ୍ତୋଷ ପ୍ରଧାନ, ଶୁଶାନ୍ତ ପ୍ରଧାନ, ଗୋପର୍ଦ୍ଧନ ପ୍ରଧାନ ଓ ଉମେଶ ଗଡତ୍ୟା ପ୍ରମୁଖ ସହଯୋଗ କରିଥିଲେ ।

# ବଲାଙ୍ଗିର ଜିଲ୍ଲା ସାମ୍ବାଦିକ ସଂଘର ନୂତନ କାର୍ଯ୍ୟକର୍ତ୍ତା ନିର୍ବାଚନ ସହମତିରେ ଅନୁଷ୍ଠିତ

## ଶିବପ୍ରସାଦ ପରିଡା ସଭାପତି ଓ ଶିଶିରକାନ୍ତ ଶତପଥୀ ସଂପାଦକ

ବଲାଙ୍ଗିର,୧୦/୧୦ (ନି.ପ୍ର): ଜିଲ୍ଲା ସାମ୍ବାଦିକ ସଂଘର ସଭାକକ୍ଷରେ ସଂଘର ସାଧାରଣ ପରିଷଦ ବୈଠକ ଓ ଆଗାମୀ ଦୁଇ ବର୍ଷ ପାଇଁ ନୂତନ କର୍ମକର୍ତ୍ତା ନିର୍ବାଚନ ସହମତି ଭିତିରେ ଅନୁଷ୍ଠିତ ହୋଇଯାଇଛି । ନୂତନ ଭାବରେ ଆଗାମୀ ଦୁଇ ବର୍ଷ ପାଇଁ ଶିବପ୍ରସାଦ ପରିଡା ସଭାପତି ଭାବରେ ନିର୍ବାଚିତ ହୋଇଥିବା ବେଳେ ସାଧାରଣ ସଂପାଦକ ଭାବରେ ଶିଶିରକାନ୍ତ ଶତପଥୀ ନିର୍ବାଚିତ ହୋଇଛନ୍ତି ।
ବୈଠକର ପ୍ରାରମ୍ଭରେ ସଂଘର ସଭାପତି ହରିନାରାୟଣ ପୁଜାରୀଙ୍କ ସଭାପତିତ୍ୱରେ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ଜିଲ୍ଲାର ତିନି ଗୋଟି ଉପଖଣ୍ଡର ସଦସ୍ୟମାନେ ଯୋଗଦେଇ ସାଙ୍ଗଠନିକ ବ୍ୟାପାର ଉପରେ ଆଲୋଚନା କରିଥିଲେ । ସଂଘର ସାଧାରଣ ସମ୍ପାଦକ ବଳରାମ ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିଲେ । ବିଗତ ବର୍ଷ ଗୁଡିକର ସଂଘର ଆୟବ୍ୟୟର ବିବରଣୀ ସର୍ବସମ୍ମତି କ୍ରମେ ଗୃହୀତ ହୋଇଥିଲା । ନୂତନ ସଦସ୍ୟମାନଙ୍କୁ ସ୍ୱାଗତ କରାଯିବା ସହ ସଂଘ ପ୍ରତି ନିଷ୍ଠାର ସହ ସଂଘକୁ ସଂଘୀୟ ଭିର୍ତିରେ ଆଗେଇ ନେବାକୁ ସଭାପତି ଶ୍ରୀ ପୁଜାରୀ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ । ସଂଘର ବିଭିନ୍ନ ସମସ୍ୟା ଓ ସଦସ୍ୟମାନଙ୍କର ସମସ୍ୟାକୁ କିପରି ଦୂର କରାଯାଇପାରିବ ସେ ସମ୍ପର୍କରେ ଉପସ୍ଥିତ ସଭ୍ୟମାନେ ନିଜସ୍ୱ ମତ ଦେଇଥିଲେ ।
ସାଧାରଣ ପରିଷଦ ବୈଠକ ପରେ ସଭାପତି ଶ୍ରୀ ପୁଜାରୀଙ୍କ ଆହ୍ୱାନ କ୍ରମେ ପୂର୍ବ କାର୍ଯ୍ୟକାରୀ କମିଟିର ନିଷ୍ପତି ଅନୁଯାୟୀ ସଂଘର ନୂତନ କର୍ମକର୍ତ୍ତାଙ୍କ ନିର୍ବାଚନ କରିବା ସକାଶେ ବରିଷ୍ଠ ସାମ୍ବାଦିକ ସୁଭାଷ ଚନ୍ଦ୍ର ପଣ୍ଡାଙ୍କୁ ନିର୍ବାଚନ ଅଧିକାରୀ, ସହନିର୍ବାଚନ ଅଧିକାରୀ ଲକ୍ଷ୍ମୀ ନାରାୟଣ ପଟ୍ଟନାୟକଙ୍କୁ ନିର୍ବାଚନ ପରିଚାଳନା କରିବା ପାଇଁ ଦାୟିତ୍ୱ ଅର୍ପଣ କରାଯାଇଥିଲା । ସଂଘୀୟ ନୀତି ଓ ଆଦର୍ଶ ଭିର୍ତିରେ ସଂଘର ଆଗାମୀ ଦୁଇ ବର୍ଷ ପାଇଁ ସଭାପତି ଭାବରେ ଶିବ ପ୍ରସାଦ ପରିଡା, ଉପସଭାପତି ଭାବରେ ବଳରାମ ମିଶ୍ର, ଦୀପକ ସମ୍ପାଦାର, ଲକ୍ଷ୍ମୀକାନ୍ତ ମିଶ୍ର, ସାଧାରଣ ସମ୍ପାଦକ ଭାବରେ ଶିଶିରକାନ୍ତ ଶତପଥି, ସମ୍ପାଦକ ଭାବରେ ରଞ୍ଜିତ ବେହେରା, ଅଭୟ କୁମାର ତ୍ରିପାଠୀ, ସଞ୍ଜୟ ବେହେରା ସାଂଗଠାନିକ ସମ୍ପାଦକ ଭାବରେ ଶରତ କୁମାର ମିଶ୍ର ଓ କୋଷାଧ୍ୟକ୍ଷ ଭାବରେ ସୁନୀଲ କୁମାର ମହାନ୍ତି ସର୍ବସମ୍ମତି କ୍ରମେ ମନୋନୀତ ହୋଇଛନ୍ତି । ଠିକ ସେହିପରି କାର୍ଯ୍ୟକାରୀ କମିଟିକୁ ମାନସ ରଞ୍ଜନ ମହାନ୍ତି, ଶ୍ରୀବତ୍ସ ବେହେରା, ସଦାଶିବ ସରାଫ, ବଂଶୀଧର ସେଠ, ଚନ୍ଦ୍ରଭାନୁ ମୋଲଣା, ଶରତ କୁମାର ମହାକୁଡ, ବିମଳ ଚରଣ ହୋତା, ସତ୍ୟସୁନ୍ଦର ଭଞ୍ଜ, ଘଟେଶ୍ୱର ମିଶ୍ର ପ୍ରମୁଖ ମନୋନୀତ ହୋଇଥିଲେ । ଉପଦେଷ୍ଟା କମିଟି ସଦସ୍ୟ ଭାବରେ ରାମ କୁମାର ଅଗ୍ରୱାଲ, ଗୋପବନ୍ଧୁ ଶତପଥୀ, ନବୀନ କୁମାର ପଶାୟତ, ସୁବାଷ ଚନ୍ଦ୍ର ପଣ୍ଡା, ହରିନାରାୟଣ ପୁଜାରୀ, ଦିଲୀପ କୁମାର ପୁରୋହିତ, ସୁଧିର ଚନ୍ଦ୍ର ପଣ୍ଡା, ସୋମନାଥ ଆଚାର୍ଯ୍ୟ ପ୍ରମୁଖ ସର୍ବସମ୍ମତି କ୍ରମେ ଆଗାମୀ ଦୁଇ ବର୍ଷ ପାଇଁ ମନୋନୀତ ହୋଇଛନ୍ତି । ନବନିର୍ବାଚିତ କର୍ମକର୍ତାମାନଙ୍କୁ ପୂର୍ବତନ ସଭାପତି ହରିନାରାୟଣ ପୁଜାରୀ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିବା ସହ ସଂଘର ଉତୋରତର ଉନ୍ନତି ଦିଗରେ କାର୍ଯ୍ୟ କରିବାକୁ ଦିଗଦର୍ଶନ ଦେଇଥିଲେ । ଏହି ଅବସରରେ ବଲାଙ୍ଗିର ଜିଲ୍ଲାର ଦିଂବଗତ ସାମ୍ବାଦିକମାନଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ଏକ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା । ଶେଷରେ ପୂର୍ବତନ ସାଧାରଣ ସମ୍ପାଦକ ବଳରାମ ମିଶ୍ର ଧନ୍ୟବାଦ୍ ଅର୍ପଣ କରିଥିଲେ।

# ଜି. ଉଦୟଗିରି ସହରର ବିଭିନ୍ନ ୱାର୍ଡ ଲୋକଙ୍କ ସମସ୍ୟା ପଚାରି ବୁଝିଲେ ପୌରାଧକ୍ଷା

କନ୍ଧମାଳ ,୧୦/୧୦ (ନି.ପ୍ର): ଗତ କିଛି ଦିନ ଧରି ଲଗାଣ ବର୍ଷା ହେବା ଫଳରେ ଜି. ଉଦୟଗିରି ସହର ବେହାଲ ହୋଇପଡିଛି । ଫଳରେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ କେତେକ ୱାର୍ଡ ବାସିନ୍ଦା। ଖବର ପାଇ ଜି. ଉଦୟଗିରି ଏନଏସି ଅଧକ୍ଷା ଶ୍ରୀମତୀ ଭାନୁପ୍ରଭା ମିଶ୍ର ପହଂଚି କ୍ଷତିଗ୍ରସ୍ତ ଲୋକଙ୍କ ସହ ଆଲୋଚନା କରିଥିଲେ। ଲୋକେ ସେମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଅଧକ୍ଷା ଶ୍ରୀମତୀ ମିଶ୍ରଙ୍କୁ ଜଣାଇଥିଲେ। ସେହିପରି ଡ୍ରେନ ସମସ୍ୟା ଥିବା ଅଂଚଳରେ ଡ୍ରେନ ମରାମତି କରାଯାଇ ଜଳ ନିଷ୍କାସନ ବ୍ୟବସ୍ଥା କରିବା ଲାଗି ପ୍ରତିଶ୍ରୁତି ଦେଇଥିଲେ ପୌରାଧକ୍ଷା ଭାନୁପ୍ରଭା। ସହରବାସୀ ଯେପରି ସୁଖ ସୁବିଧାରେ ରହିବେ ସେଥିପ୍ରତି ସେ ସର୍ବଦା ଧ୍ୟାନ ଦେଉଥିବା କହିଥିଲେ। ପୌରାଧାକ୍ଷା ଶ୍ରୀମତୀ ମିଶ୍ରଙ୍କୁ ପାଖରେ ପାଇ ଦୁଃଖ ଜଣାଇଥିବାରୁ ସେମାନଙ୍କ ଦୁଃଖ ଦୂର ହେବ ବୋଲି କହିଛନ୍ତି ଲୋକେ। କେବଳ ସେତିକି ନୁହେଁ ଅସହାୟ, ବାସହୀନ ଲୋକେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ପାଉଛନ୍ତି କି ନାହିଁ, ସରକାରଙ୍କ ଟଙ୍କିକିଆ ଚାଉଳ ମିଳୁଛି କି ନାହିଁ ସେ ନେଇ ମଧ ଏନଏସି ଅଧକ୍ଷା ଶ୍ରୀମତୀ ମିଶ୍ର ପ୍ରତିଦିନ ବିଭିନ୍ନ ୱାର୍ଡ ଗସ୍ତରେ ଯାଇ ଲୋକଙ୍କୁ ପଚାରି ବୁଝୁଥିବା ଦେଖାଯାଇଛି। ସେହିପରି ଜି. ଉଦୟଗିରି କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀମତୀ ଇତିଶ୍ରୀ ଷଡ଼ଙ୍ଗୀ ମଧ ପ୍ରତିଦିନ ଲୋକଙ୍କ ସମସ୍ୟା ଶୁଣି ପଦକ୍ଷେପ ନେଉଥିବାରୁ ଲୋକଙ୍କ ସମସ୍ୟା ଦୂର ହେଇପାରୁଥିବାରୁ ଖୁସି ବ୍ୟକ୍ତ କରିଛନ୍ତି। ଜି. ଉଦୟଗିରି ସହରକୁ ସରସ ସୁନ୍ଦର ଓ ଆବର୍ଜନା ମୁକ୍ତ କରିବା ତାଙ୍କର ଲକ୍ଷ୍ୟ ଥିବା ନିର୍ବାହୀ ଅଧିକାରୀ ଷଡ଼ଙ୍ଗୀ କହିଛନ୍ତି। ନିର୍ବାହୀ ଅଧିକାରୀ ଶ୍ରୀମତୀ ଇତିଶ୍ରୀ ଷଡ଼ଙ୍ଗୀଙ୍କ କମ ସମୟ କାର୍ଯ୍ୟକାଳ ମଧରେ ସହରରେ ଡ୍ରେନ ମରାମତି, ଗମନାଗମନର ସୁବ୍ୟବସ୍ଥା, ବିଦ୍ୟୁତ ଓ ପାନୀୟ ଜଳ ବ୍ୟବସ୍ଥା, ସଫେଇ କାର୍ଯ୍ୟରେ ଢେର ସୁଧାର ଆସିଥିବା ଦେଖାଯାଇଛି । ଫଳରେ ଜି. ଉଦୟଗିରି ପୌର ସଂସ୍ଥା ପ୍ରତି ସହରବାସୀଙ୍କ ଆସ୍ଥା ଦିନକୁଦିନ ବଢ଼ିବାରେ ଲାଗିଛି।

# ଚିକିତ୍ସାରେ ଅର୍ଥ ସାଜିଛି ବାଧକ : ସରକାରୀ ସହାୟତା ଅପେକ୍ଷାରେ ରାଜେନ୍ଦ୍ର ଓ ପରିବାର

ଭବାନୀପାଟଣା ,୧୦/୧୦ (ନି.ପ୍ର): ରାଜ୍ୟ ସରକାର ଅସହାୟ ଗରିବ ଲୋକମାନଙ୍କ ପାଇଁ କରିଛନ୍ତି ଯୋଜନା ଉପରେ ଯୋଜନା। ଗାଁ ଗାଁ ରୁ ସହର ପର୍ଯ୍ୟନ୍ତ ଲଗାଇଛନ୍ତି ବଡ ବଡ ହୋର୍ଡ଼ିଂ ଏବଂ ପ୍ରଚାର ପ୍ରସାର ଉପରେ କରୁଛନ୍ତି କୋଟି କୋଟି ଟଙ୍କା ଖର୍ଚ୍ଚ। ବି ଏସ୍ କେ କାର୍ଡ ଥିଲେ ରୋଗିଣୀ ଦୁଃଖିନୀଙ୍କ ପାଇଁ ଦଶ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ଯୋଗାଇଦେବା ପାଇଁ କରିଛନ୍ତି ଘୋଷଣା, ହେଲେ ଏଠାରେ ଦେଖିବାକୁ ମିଳୁଛି କିଛି ଓଲଟା ଚିତ୍ର। ଏ ହେଉଛନ୍ତି କଳାହାଣ୍ଡି ଜିଲ୍ଲା ଦୁର୍ଗମ ଗ୍ରାମାଂଚଳ ଥୁଆମୂଳ ରାମପୁର ବ୍ଲକ ଥୁଆମୁଲ ପଂଚାୟତ ଅନ୍ତର୍ଗତ କରାଙ୍ଗ ଗ୍ରାମର ରାଜେନ୍ଦ୍ର ମାଝୀ। ପରିବାର କହିଲେ ସ୍ତ୍ରୀ ପିଲାଛୁଆ। ସେ ଜଣେ ଦିନମଜୁରୀଆ। କାମ ମିଳିଲେ ପରିବାର ଚଳେ ନହେଲେ ଭଗବାନ ହିଁ ଭରଷା, କାମ ନ ମିଳିବାରୁ ଜଙ୍ଗଲକୁ କାଠ ଆଣିବାକୁ ଯାଇଥିଲେ କାଠ ବିକି କିଛି ପଇସା ମିଳିଲେ ପରିବାର ପାଇଁ ଲୁଣ ତେଲ କିଣି ଆଣିବି ବୋଲି। ହେଲେ ଭାଗ୍ୟର ବିଡମ୍ବନ କାଠ ନେଇ ଆସୁଥିବା ସମୟରେ କିଏ, ପୂର୍ବରୁ ଅଧା ହାଣି ଛାଡ଼ି ଦେଇଥିବା ଏକ ଗଛ ତାଙ୍କ ଉପରେ ପଡିଯିବାରୁ ତାଙ୍କ ଅଣ୍ଟା ହାଡ଼ ଖସିଗଲା। ଏ ଘଟଣା ହେଉଛି ପ୍ରାୟ ଦେଢ଼ ବର୍ଷ ତଳର। ସେହିଦିନ ଠାରୁ ସେ ଶଯ୍ୟାଶାୟୀ। ପ୍ରଥମରୁ ସେ ଭବାନିପାଟଣା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି, ହେଲେ ଡାକ୍ତର ତାଙ୍କୁ ବାହାରକୁ ନେଇଯାଅ ବୋଲି କହୁଛନ୍ତି ହେଲେ ସେ ଜଣେ ଦିନ ମଜୁରୀଆ ଅସହାୟ ହୋଇଥବାରୁ ତାଙ୍କ ପାଖରେ ଅର୍ଥ ସାଜିଛି ବାଧକ ଆମ ସାମ୍ବାଦିକ ଭାଇମାନେ ସ୍ଥାନୀୟ ଲାଞ୍ଜିଗଡ.ବିଧାୟକ ପ୍ରଦୀପ ଦିଶାରିଙ୍କୁ ଫୋନରେ ଯୋଗାଯୋଗ କରିବାରୁ ମୁଁ ମିଟିଂରେ ଅଛି କହି କାଟି ଦେଇଥିଲେ। ଏବଂ ସିଡିଏମଓଙ୍କୁ ଜଣାଇବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ତେବେ ଆଗକୁ ପ୍ରଶାସନ କି ପ୍ରକାର କେମିତି ରାଜେନ୍ଦ୍ରଙ୍କୁ ସାହାଯ୍ୟ ସହଯୋଗ କରୁଛନ୍ତି ତାହା ଦେଖିବାକୁ ବାକି ରହିଲା ।

# ସବୁ କୋସଲବାଦୀ ସଂଗଠନମାନେ ଏକଜୁଟ ହୋଇ କୋସଲ ମୁକ୍ତି ଆନ୍ଦୋଳନରେ ଝାସ ଦେବା : ଆହ୍ୱାନ ଦେଲା କୋସଲ ରାଜ୍ୟ ସମନ୍ୱୟ ସମିତି

ବଲାଙ୍ଗୀର ,୧୦/୧୦ (ନି.ପ୍ର): କୋସଲ ରାଜ୍ୟ ସମନ୍ୱୟ ସମିତିର ବଲାଙ୍ଗିର ସହରାଂଚଳର ଏକ ଜରୁରୀ ବୈଠକ ପୁରୁଣା ରାଜବାଟୀ ଠାରେ ବଲାଙ୍ଗିର ଏକ୍ସନ କମିଟି ମୁଖ୍ୟ ତଥା ବରିଷ୍ଠ କୋସଲ ସଂଗଠକ ଗୋପାଳଜୀ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଅଛି । କୋସଲବାଦୀ ନେତା ବିଭୁଦତ ମିଶ୍ରଙ୍କ ଆବାହକତ୍ୱରେ ଅନୁଷ୍ଠିତ ଉକ୍ତ ସଭାରେ ସମନ୍ୱୟ ସମିତିର ଅଧକ୍ଷ ପ୍ରମୋଦ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କୋସଲ ଆନ୍ଦୋଳନକୁ ଆହୁରି ଗତିଶୀଳ ଓ ଲୋକାଭିମୁଖୀ କରିବା ପାଇଁ ସମସ୍ତେ ମିଳିମିଶି ପ୍ରୟାସ କରିବାକୁ ଆହ୍ୱାନ ଦେଇଥିଲେ । ଏହା ବ୍ୟତିତ କୋସଲ ଆନ୍ଦୋଳକୁ ଆହୁରି ବ୍ୟାପକ ଓ ଦୁର୍ବାର କରିବା ପାଇଁ ସବୁ କୋସଲବାଦୀ ସଂଗଠନମାନେ ଏକ ହୋଇ ଏହି ମୁକ୍ତି ଆନ୍ଦୋଳନକୁ ସଫଳ କରିବାକୁ ଆହ୍ୱାନ ଦେବା ସହ ଯୁବ ନେତୃତ୍ୱମାନଙ୍କୁ ଆହୁରି ସଂଗଠିତ ହୋଇ ଆନ୍ଦୋଳନ କୁ ସଂଚାଳିତ କରିବା ପାଇଁ ନିବେଦନ କରିଥିଲେ । ଏହି ପ୍ରତିନିଧି ସ୍ତରୀୟ ସଭାରେ ବିଭିନ୍ନ ସାମାଜିକ ଶ୍ରମିକ ସଂଗଠନମାନେ ଯଥା ପର୍ଶ୍ଚିମାଂଚଳ ବିଜୁଳି ଶ୍ରମିକ ସଂଘ, ବଲାଙ୍ଗିର ଏକ୍ସନ କମିଟି, ୟୁନାଇଟେଡ୍ ଟ୍ରେଡ ୟୁନିୟନ ଅଫ୍ ବଲାଙ୍ଗିର, କିଶାନ ସଂଘର୍ଷ ସମିତି, ପୂର୍ବତନ ସୈନିକ ସଂଘ, ପର୍ଶ୍ଚିମାଂଚଳ ମିଳିତ ଶ୍ରମିକ ଓ କର୍ମଚାରୀ ମଂଚ, ୱାର୍କସ୍ ଏଣ୍ଡ ଇରିଗେସନ ୱାର୍କର୍ସ ୟୁନିୟନ, ବରିଷ୍ଠ ନାଗରିକ ମଂଚ, ବିଭିନ୍ନ ଜାତି ସଂଗଠନ, ନିର୍ମାଣ ଶ୍ରମିକ ସଂଗଠନ, ଜିଲ୍ଲା କଳାକାର ସଂଘ, କ୍ଷତିଗ୍ରସ୍ତ ଜମାକାରି ସଂଘ, ସିଭିଲ ସୋସାଇଟି ବଲାଙ୍ଗିର ଓ ବିଭିନ୍ନ ଜାତି ସମାଜ ସଂଗଠନର ପ୍ରତିନିଧିମାନେ ଯୋଗ ଦେଇ ଆନ୍ଦୋଳନକୁ ଆହୁରି ତିବ୍ର କରିବା ସହ ତୃଣମୁଳ ସ୍ତରରେ ସଂଗଠିତ ହେବା ଉପରେ ଗୁରୁତ୍ୱ ଆରୋପ କରିଥିଲେ । ଉକ୍ତ ସଭାରେ ଗୋପଭୂଷଣ ନାଥ, ନୀଳମଣି ମିଶ୍ର, କପିଳେଶ୍ୱର ଖମାରୀ, ଜମାଲ ଖାନ, ରବିଶଙ୍କର ମିଶ୍ର, ରଣରାଜ ସିଂଦେଓ, ସତ୍ୟ ବନଛୋର, ବିଭୁତି ଶଙ୍କର ବିନ୍ଧାଣୀ, ମୋତିଲାଲ ମିଶ୍ର, ନିରୁପମା ଉଦ୍ଗାତା, ଡୋଳାମଣି ପ୍ରଧାନ, ପ୍ରୀତମ ଠାକୁର, ପ୍ରଭାସ ମିଶ୍ର, ଶିଶିଲ ମିଶ୍ର, ପ୍ରାଣ ଶଙ୍କର ରାଉତ, ମଧୁସୁଦନ କ୍ଷେତୀ, ବିନୋଦ କାଲସାଏ, ପ୍ରତାପ ରଥ ଓ ପ୍ରଦ୍ୟୁମ୍ନ ବାବୁ ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ଗୋପବନ୍ଧୁଙ୍କ ୧୪୫ତମ ଜୟନ୍ତୀ ପାଳିତ

ପୁରୀ ,୧୦/୧୦ (ନି.ପ୍ର): ପୁରୀ ଜିଲ୍ଲା ସ୍ତରୀୟ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୧୪୫ ତମ ଜୟନ୍ତୀ ରବିବାର ପାଳିତ ହୋଇଯାଇଛି। ପୂର୍ବାହ୍ନରେ ସିଂହଦ୍ୱାର ଠାରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ପ୍ରଦୀପ କୁମାର ସାହୁ, ଉପଜିଲ୍ଲାପାଳ ଭବତାରଣ ସାହୁ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ନେହେରୁ ଯୁବ କେନ୍ଦ୍ରର ସଂଯୋଜକ ଜୟଶଙ୍କର ଜୋଶୀ, ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ବରିଷ୍ଠ ନାଗରିକ ବୃନ୍ଦ, ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତା ପ୍ରମୁଖ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ସାକ୍ଷୀଗୋପାଳ ବସଷ୍ଟାଣ୍ଡ ନିକଟ ପଂଚସଖାଙ୍କ ପ୍ରତିମୂର୍ତ୍ତି, ବକୁଳବନରେ ଥିବା ପ୍ରତିମୂର୍ତ୍ତି, ସ୍ମୃତି ସ୍ତମ୍ଭ, ସାକ୍ଷୀଗୋପାଳ ମନ୍ଦିର ସମ୍ମୁଖରେ ଥିବା ପ୍ରତିମୂର୍ତ୍ତି ଓ କାଦୁଆ ଆଶ୍ରମ ଠାରେ ଥିବା ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପରେ ପରେ ସୁଆଣ୍ଡୋ ସ୍ଥିତ ଗୋପବନ୍ଧୁଙ୍କ ଜନ୍ମ ପୀଠ ଷଠିଘର ଓ ମନ୍ଦିର ନିକଟ ପ୍ରତିମୂର୍ତ୍ତିରେ ଅତିଥି ମାନେ ମାଲ୍ୟାର୍ପଣ କରିଥିଲେ। ଏହି ଉପଲକ୍ଷେ ସୁଆଣ୍ଡୋ ଠାରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଓ ଗୋପବନ୍ଧୁ ସ୍ମୃତି ପରିଷଦ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ଦିଲ୍ଲୀପ କୁମାର ମହାପାତ୍ର ଗୋପବନ୍ଧୁ ଆମ ଜାତି, ଭାଷା ଓ ସ୍ୱାଭିମାନର ପ୍ରତୀକ ବୋଲି କହିବା ସହ ତାଙ୍କ ପରୋପକାର ଓ ସେବା ସବୁଦିନ ପାଇଁ ଆମକୁ ପ୍ରେରଣା ଦେଉଥିବ ବୋଲି କହିଥିଲେ। ଗୋପବନ୍ଧୁ ସ୍ମୃତି ପରିଷଦର ସଭାପତି ଧୀରେନ୍ଦ୍ର ନାଥ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସତ୍ୟବାଦୀ ତହସିଲଦାର ଜୟନ୍ତ ଜୟସିଂହ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଗୋପବନ୍ଧୁ ସ୍ମୃତି ପରିଷଦର ସଦସ୍ୟ ଦେବେନ୍ଦ୍ର ନାଥ ଦାସ, ଅନ୍ୟାନ୍ୟ ସଦସ୍ୟ, ଶିକ୍ଷାବିତ, ବୁଦ୍ଧିଜୀବୀ, ଲୋକ ପ୍ରତିନିଧି, ଛାତ୍ର ଛାତ୍ରୀ ଓ ଜନସାଧାରଣ ଯୋଗ ଦେଇଥିଲେ। ପୂର୍ବରୁ ଅନୁଷ୍ଠିତ ପ୍ରତିଯୋଗିତାର ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ଏହି ଅବସରରେ ଅତିଥି ମାନେ ପୁରସ୍କୃତ କରିଥିଲେ।

# ପତ୍ନୀଙ୍କୁ ହତ୍ୟା ଅଭିଯୋଗରେ ସ୍ୱାମୀ ଗିରଫ

ଗଞ୍ଜାମ ,୧୦/୧୦ (ନି.ପ୍ର): ପତ୍ନୀଙ୍କୁ ହତ୍ୟା ଅଭିଯୋଗରେ ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ପୋଲିସ ଆଜି ପୁରୁଷୋତମପୁର ଥାନା ଅନ୍ତର୍ଗତ ଗାଙ୍ଗଦହଣି ଗ୍ରାମର ତୋଫାନ ଭୂୟାଁଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ଏ ସଂକ୍ରାନ୍ତରେ ୨୫୮/୨୨ ରେ ଏକ ଯୌତୁକ ନିର୍ଯାତନା ଏବଂ ହତ୍ୟା ମାମଲା ରୁଜୁ ହୋଇଥିବା ବେଳେ ଜାମିନ୍ ନାମଞ୍ଜୁର ହେବାରୁ ତୋଫାନକୁ ଦିଗପହଣ୍ଡି ସବଜେଲ୍ କୁ ପଠାଯାଇଛି । ଦିଗପହଣ୍ଡି ଥାନା ମଉଳାଭଞ୍ଜା ଗ୍ରାମର ସ୍ୱର୍ଗତ କୈଳାସ ସାହୁଙ୍କ ଝିଅ ମମତା ପୁରୁଷୋତମପୁର ଥାନା ଗାଙ୍ଗଦହଣି ଗ୍ରାମର ତୋଫାନଙ୍କୁ ୨୦୧୭ ମସିହା ମଇ ୪ ତାରିଖରେ ବିବାହ କରିଥିଲେ । ମମତାଙ୍କ ବାପଘର ପକ୍ଷରୁ ଯୌତୁକ ବାବଦକୁ ୫୦ ହଜାର ନଗଦ ଟଙ୍କା ସହ ସୁନା ଚେନ୍ ମୁଦି ଓ ଅନ୍ୟାନ୍ୟ ଘରକରଣା ସାମଗ୍ରୀ ପ୍ରଦାନ କରାଯାଇଥିଲା। ତେବେ ବିବାହର କିଛି ଦିନ ପରେ ଅଧିକ ଯୌତୁକ ପାଇଁ ମମତାଙ୍କ ଉପରେ ନିର୍ଯାତନା ଆରମ୍ଭ ହୋଇଥିଲା । ଇତିମଧରେ ତୋଫାନ ପତ୍ନୀ ମମତାଙ୍କୁ ସାଙ୍ଗରେ ନେଇ ମୁମ୍ବାଇ ଚାଲି ଯାଇଥିଲେ। ଚଳିତ ବର୍ଷ ଜୁଲାଇ ୧୭ ତାରିଖ ପୂର୍ବାହ୍ନ ପ୍ରାୟ ୧୧ଟାରେ ତୋଫାନ ତାଙ୍କ ଶାଶୂ ଶୋଭା ସାହୁଙ୍କୁ ଫୋନ୍ କରି ମମତା ଆତ୍ମହତ୍ୟା କରିଥିବା ସୂଚନା ଦେଇଥିଲେ । ହେଲେ ସେ ଏହାକୁ ସହଜରେ ଗ୍ରହଣ କରିପାରିନଥିଲେ । ସେଠାରେ ରହୁଥିବା ଅନ୍ୟାନ୍ୟ ପଡ଼ୋଶୀଙ୍କ ସହ ଆଲୋଚନା ବେଳେ ମମତାଙ୍କୁ ସ୍ୱାମୀ ତୋଫାନ ହିଁ ହତ୍ୟା କରିଥିବା ଜାଣିପାରିଥିଲେ । ପରେ ଏନେଇ ଦିଗପହଣ୍ଡି ଥାନାରେ ଏତଲା ଦେବା ପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଥିଲା । ଅନ୍ୟପକ୍ଷରେ ମୁମ୍ବାଇ ବିନୋବାଭାବେ ନଗର ପୋଲିସ ଘଟଣାସ୍ଥଳରୁ ମମତାଙ୍କ ଶବ ଜବତ କରି କେସ୍ ନଂ ୪୫/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିଲା । ଦିଗପହଣ୍ଡି ପୋଲିସର ଏକ ଟିମ୍ ତୋଫାନଙ୍କୁ ଗିରଫ କରିଥିଲା । ଏହା ସହ ବିବାହ ସମୟର ଫଟୋ ଏବଂ ଯୌତୁକ ସାମଗ୍ରୀର ତାଲିକା ଜବତ କରିଥିଲା । ଘଟଣାର ଅଧିକ ତଦନ୍ତ ପାଇଁ ଖୁବ୍ ଶୀଘ୍ର ପୋଲିସର ଏକ ଟିମ୍ ମୁମ୍ବାଇ ଯାଇ ସେଠାକାର ଅପମୃତ୍ୟୁ ମାମଲାର କାଗଜପତ୍ର ଏବଂ ମମତାଙ୍କ ଶବ ବ୍ୟବଚ୍ଛେଦ ରିପୋର୍ଟ ସଂଗ୍ରହ କରିବେ ବୋଲି ଥାନା ଅଧିକାରୀ ଦୀପ୍ତିରଞ୍ଜନ ବେହେରା ସୂଚନା ଦେଇଛନ୍ତି ।

# ଶୋଭାଯାତ୍ରାରେ ଭିନ୍ନକ୍ଷମଙ୍କୁ ଯୁବକଙ୍କୁ ସ୍ୱାଗତ ଜଣାଇଲେ ଗଣେଶ୍ୱର

କେନ୍ଦ୍ରାପଡ଼ା ,୧୦/୧୦ (ନି.ପ୍ର): କେନ୍ଦ୍ରାପଡାରେ ହଜରତ ମହମ୍ମଦ (ଏସ.ଏ.ଏସ୍)ଙ୍କ ଜନ୍ମଦିନ ଉପଲକ୍ଷେ ଜଣେ ଭିନ୍ନକ୍ଷମ ଯୁବକ ଏହି ଶୋଭାଯାତ୍ରାରେ ସାମିଲ ଥିବାରୁ ପୁର୍ବତନ ମନ୍ତ୍ରୀ ଶ୍ରୀ ଗଣେଶ୍ୱର ବେହେରା ତାଙ୍କୁ ସ୍ୱାଗତ କରିଥିବା ଜଣାପଡିଛି । କେନ୍ଦ୍ରାପଡା ପୋରାଂଚଳ ଅନ୍ତର୍ଗତ ରଣପଡା ଗ୍ରାମର ଏହି ଭିନ୍ନକ୍ଷମ ଯୁବକଟି ଏକ ହୁଇଲ ଚେୟାର ମାଧ୍ୟମରେ ନିଜ ବଳରେ ଶୋଭାଯାତ୍ରାରେ ସାମିଲ ହୋଇ ସହର ପରିକ୍ରମା କରୁଥିବା ସମୟରେ ପୂର୍ବତନ ମନ୍ତ୍ରୀ ଶ୍ରୀ ଗଣେଶ୍ୱର ବେହେରା ପୁରୁଣା ବସଷ୍ଟାଣ୍ଡ ଠାରେ ଏହି ଭିନ୍ନକ୍ଷମ ଯୁବକଙ୍କୁ ସମ୍ବର୍ଦ୍ଧନା ଦେଇଥିଲେ । ଏହି ସମୟରେ କଂଗ୍ରେସର ବରିଷ୍ଠ ନେତା ପ୍ରଫୁଲ୍ଲ ଦାସ, ମହମ୍ମଦ ଆକବର ଅଲ୍ଲୀ, ସୌମେନ୍ଦ୍ର ପୃଷ୍ଟି, କମଳାକାନ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

# ନଟରାଜ କଳା ପରିଷଦର ରଜତ ଜୟନ୍ତୀ ସମାରୋହ ସ୍ୱର୍ଗତ ଲଳିତ ନାୟକଙ୍କୁ ସମର୍ପିତ

ବଲାଙ୍ଗୀର ,୧୦/୧୦ (ନି.ପ୍ର): ବଲାଙ୍ଗିର ର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ନଟରାଜ କଳାପରିଷଦ ର ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ସ୍ଥାନୀୟ ନଟରାଜ ପ୍ୟାଲେସ ଠାରେ ଅନୁଷ୍ଠିତ ହୋଇଯାଇଛି । ଇତ୍ୟବସରରେ ଅନୁଷ୍ଠାନର ସ୍ଥାୟୀ ସଭାପତି ହରିନାରାୟଣ ପୁଜାରୀଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ସଭାରେ ଅଧକ୍ଷ ଡ. ଶ୍ରୀକର ମିଶ୍ର ଓ ନାଟ୍ୟ ନିର୍ଦ୍ଦେଶକ ଅଧାପକ ପ୍ରଶାନ୍ତ ଖମାରୀଙ୍କ ସମେତ ସମସ୍ତ ସଦସ୍ୟ ଓ ନଟରାଜ କଳା ପରିଷଦ ସଂପର୍କିତ ସମସ୍ତ କଳାକାର ଯୋଗ ଦେଇଥିଲେ । ପ୍ରକାଶ ଥାଉ କି ନଟରାଜ କଳା ପରିଷଦ ଏ ବର୍ଷ ରଜତ ଜୟନ୍ତୀ ପାଳନ କରିବାକୁ ଯାଉଛି । ଏହି ଉପଲକ୍ଷେ ୬ଟି କୋଶଲି ନାଟକ ୱିଙ୍ଗସ୍ ୬ ଓ ୩ ଟି ଲୋକ ନୃତ୍ୟ ପରିବେଷିତ ହେବ । ଏଠାରେ ରଜତ ଜୟନ୍ତିର ଲୋଗୋ ଉନ୍ମୋଚନ କରାଯାଇଥିଲା ଏବଂ ସର୍ବସମ୍ମତିକ୍ରମେ ରଜତ ଜୟନ୍ତୀକୁ ସ୍ୱର୍ଗତ ବିଶିଷ୍ଟ ସମାଜସେବୀ ଲଳିତ ନାୟକଙ୍କୁ ସମର୍ପିତ କରିବାକୁ ନିଷ୍ପତି ଗ୍ରହଣ କରାଗଲା । ନିର୍ଦ୍ଦେଶକ ପ୍ରଶାନ୍ତ ଖମାରୀ ନାଟକମାନଙ୍କ ପାଇଁ ମନୋନୟନ ପ୍ରକ୍ରିୟା ର ସମାପ୍ତି ଘୋଷଣା କରିଥିଲେ । 'ଆଶାପୁର ନୁ ଆମେରିକା' ସାମାଜିକ ନାଟକରେ ଜ୍ୟୋତି ରଂଜନ ବେଦ୍ବାକ୍, ପ୍ରହଲ୍ଲାଦ ଦର୍ଜି, ପ୍ରଶାନ୍ତ ପଣ୍ଡା, ପ୍ରିନ୍ସ ପଣ୍ଡା, ଅଷ୍ଟମୀ ନାଗ ଓ ଚନ୍ଦ୍ରମା ହୋତା ଅଭିନୟ କରୁଥିବା ବେଳେ ବାସ୍ତବଧର୍ମୀ ନାଟକ 'ଅ-ଆ-ଇ' ରେ ଦେବବ୍ରତ ଶର୍ମା, ମଧୁସୁଦନ ନାୟକ, ସୁମିତ କୁମାର ଦାଶ (ଶିଶୁ କଳାକାର), ରାମ ପ୍ରସାଦ ଦାଶ, ନବଘନ ଦାଶ, ସରୋଜ, ଶୈଳେନ କୁମାର ବାବୁ, ଟୁନା ମିଶ୍ର, ଅନିଲ ହୋତା, ପୂଜା ସାହୁ ଓ ଟଙ୍କଧର ମହାକୁର ଅଭିନୟ କରିବେ । ସେହି ପରି ମାନବଧର୍ମୀ ନାଟକ 'ଘା' ରେ ରାମ ପ୍ରସାଦ ଦାଶ, ଲଳିତ ପୂଜାରୀ ଓ ମିଲି ବାରିକ, ପୌରାଣିକ ନାଟକ 'ଯଯାତି' ରେ ଧିରାଜ ବେଜ୍, ଶ୍ରୀରାଧା, ରାସେଶ୍ୱରୀ ଚଣ୍ଡି, ଶୈଳେନ କୁମାର ବାବୁ, ମଧୁସୁଦନ ନାୟକ, ସଂଜିବ କୁମାର ନାଏକ, ଅନିଲ କୁମାର ପୁଜାରୀ, ଘନଶ୍ୟାମ ସାଏ, ପ୍ରଶାନ୍ତ ପଣ୍ଡା । ଐତିହାସିକ ନାଟକ 'ପୃଥ୍ୱୀରାଜ' ରେ ଅନିଲ ହୋତା, ସତ୍ୟବ୍ରତ ଆଚାର୍ଯ୍ୟ, କୁମୁଦ ନାଏକ, ଲଳିତ ପୂଜାରୀ, ପ୍ରଶାନ୍ତ ପଣ୍ଡା, ଶୈଳେନ କୁମାର ବାବୁ, ନବଘନ ଦାଶ, ନୁର ଓ ଦେବବ୍ରତ ଓ ନୃତ୍ୟ ନାଟିକା 'ନାବକେଲି' ରେ କଳ୍ପନା ବ୍ୟାସ, ରୁପାଲି ବ୍ୟାସ, କିଶୋର ଜାଲ, ପଙ୍କଜିନି ପୋଡ, ବାବୁଲୁ ପଣ୍ଡା, ମନୋଜ, ଲକ୍ଷ୍ମଣ, ଆଶିଷ, ସସ୍ମିତା, ରାଜେଶ ଦେବତା, ବିଦ୍ୟା, ଘାୟଲ ଓ ଲଳିତ ପୂଜାରୀ ଅଭିନୟ କରିବେ । ରଜତ ଜୟନ୍ତୀ ସମାରୋହ ର ବିଭିନ୍ନ କମିଟି ଗଠନ କରାଯାଇଥିଲା । କୋର କମିଟିରେ ଡ. ଶ୍ରୀକର ମିଶ୍ର, ହରିନାରାୟଣ ପୂଜାରୀ, ହିମାଂଶୁ ଶେଖର ପାଢୀ, ପ୍ରହଲ୍ଲାଦ ଦର୍ଜୀ, ରାମ ପ୍ରସାଦ ଦାଶ, ସତ୍ୟବ୍ରତ ଆଚାର୍ଯ୍ୟ, ଲଳିତ ପୂଜାରୀ, କିଶୋର ଜାଲ, ଶମ୍ଭୁ ପ୍ରସାଦ ଜାଲ, ପ୍ରଶାନ୍ତ ଖମାରୀ, ଜତୀନ୍ଦ୍ର ପଟେଲ, ସୁରେନ୍ଦ୍ର ସେଠ ଓ ବଳରାମ ରାଉତ ରହିଥିବା ବେଳେ ପବ୍ଲିସିଟି କମିଟିର ଦାୟିତ୍ୱ ସଂଗ୍ରାମ ନାୟକଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଛି । ସେମିନାର କମିଟି ମଧୁସୁଦନ ନାୟକ, ଯତୀନ୍ଦ୍ର ପଟେଲ, ଶମ୍ଭୁ ପ୍ରସାଦ ଦାଶ ଓ ସତ୍ୟବ୍ରତ ଆଚାର୍ଯ୍ୟକୁ ନେଇ ଗଠିତ ହେଲା । ସୋଭିନିୟର କମିଟିରେ ରହିଲେ ଶମ୍ଭୁ ପ୍ରସାଦ ଦାଶ, ଉଗ୍ରସେନ ଷଡଙ୍ଗି, ଦେବରାଜ ସାହୁ, ମଧୁସୁଦନ ନାୟକ ଓ ଯତୀନ୍ଦ୍ର ପଟେଲ । ଅର୍ଥ କମିଟିର ସଦସ୍ୟ ରୂପେ ପ୍ରହଲ୍ଲାଦ ଦର୍ଜୀ, ଜ୍ୟୋତି ରଂଜନ ବେଦବାକ୍, ରାମନାରାୟଣ ବେଜ୍, ଗୋପାଲ ବରେଇ ଓ ବଦ୍ରି ପ୍ରସାଦ ମିଶ୍ରଙ୍କୁ ମନୋନିତ କରାଯାଇଛି । ସୂଚନା ସଂଯୋଜକ ରୂପେ ମଧୁସୁଦନ ନାୟକ ଓ ମଂଚ ପରିଚାଳନା ପାଇଁ ରାମ ପ୍ରସାଦ ଦାଶ ତଥା ଷ୍ଟେଜକ୍ରାଫ୍ଟ, ଭିଡିଓଗ୍ରାଫି ଓ ଫଟୋଗ୍ରାଫି ପାଇଁ ରବିନ୍ଦ୍ର ନାରାୟଣ ନାଏକ, ବଳରାମ ରାଉତ ଓ କିଶୋର ଜାଲ, ଫ୍ଲେକ୍ସ କାର୍ଯ୍ୟ ପାଇଁ ନବଘନ ଦାଶ ଓ ନିମନ୍ତ୍ରଣପତ୍ର ଦାୟିତ୍ୱ ଦେବରାଜ ସାହୁଙ୍କୁ ଅର୍ପଣ କରାଗଲା । ସର୍ବୋପରି ଅଭ୍ୟର୍ଥନା କମିଟିରେ ରହିଲେ ଉଗ୍ରସେନ ଷଡଙ୍ଗୀ, ସଚିକାନ୍ତ ନାଏକ, ରାମ ଶଙ୍କର ଶତପଥୀ, ନିଳାଚଳ ନନ୍ଦ, ଭାସ୍କର ଚନ୍ଦ୍ର ମେହେଟା, ରୀମା ବାଗ ଓ ସ୍ୱରୁପା ସିଂହ । ସତ୍ୟବ୍ରତ ଆଚାର୍ଯ୍ୟ ସଭା ପରିଚାଳନା କରିଥିବା ବେଳେ ଅନୁଷ୍ଠାନର ବହୁ ସଦସ୍ୟ ଓ ଶୁଭେଚ୍ଛୁ ନିଜସ୍ୱ ମତ ପୋଷଣ କରିଥିଲେ ।

## ଦୋ’ଛକିରେ ୟୁରୋପ....

(ପୃଷ୍ଠା ୪ର ଅବଶିଷ୍ଟାଂଶ) ଜର୍ମାନୀର ଶାସକ ଦଳ ସୋସିଆଲ ଡେମୋକ୍ରାଟିକ ପାର୍ଟିର ଅଧକ୍ଷ ଲାର୍ସ କିଙ୍ଗବେଲ ଇଟାଲୀରେ ମେଲୋନୀଙ୍କ ବିଜୟ ୟୁରୋପ ପାଇଁ କ୍ଷତିକାରକ ବୋଲି କହିଛନ୍ତି । ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରୋନ ପୂର୍ବରୁ ମେଲୋନୀଙ୍କ ସଂପର୍କରେ ନକାରାତ୍ମକ ମନ୍ତବ୍ୟ ଦେବାପରେ ମେଲୋନୀ କହିଥିଲେ ଯେ ଆମକୁ ଆଉ ଉପଦେଶ ଶିକ୍ଷା ଦିଅନାହିଁ । ଆଫ୍ରିକାର ଲୋକେ ତୁମପାଇଁ ସେମାନଙ୍କ ଦେଶକୁ ଛାଡିବାକୁ ବାଧ ହେଉଛନ୍ତି । ଆଫ୍ରିକାର ଲୋକଙ୍କୁ ୟୁରୋପକୁ ଆଣିବା ସମସ୍ୟାର ସମାଧାନ ନୁହେଁ । କେତେକ ୟୁରୋପୀୟଙ୍କ ହାତରୁ ଆଫ୍ରିକାକୁ ମୁକ୍ତ କରାଯିବା ଆବଶ୍ୟକ । ଏହାଛଡା ପ୍ରଗ୍ରର କାଳରେ ସେ କହିଥିଲେ ଯେ ପରିସ୍ଥିତିରୁ ସୁବିଧା ଉଠାଇବା ହେଉଛି ସେମାନଙ୍କ (ଫ୍ରାନ୍ସ)ର ଲକ୍ଷ୍ୟ ।

ନିକଟରେ ସ୍ଲୋଭାକିଆରେ ୫୦୦୦ଲୋକେ ବିକ୍ଷୋଭ ପ୍ରଦର୍ଶନ କରି ପ୍ରତାରକଙ୍କ ଶାସନର ଅନ୍ତ କରିବାକୁ ଘୋଷଣା କରାଯାଇଛି । ସର୍ବିଆ-ରୁଷିଆର ଭଲ ସଂପର୍କ ଯୋଗୁ ଇଉରୋପୀୟ ସଂଘ କ୍ଷୁବ୍ଧ ହୋଇଛି । ତେବେ ୧୯୯୯ରେ ସର୍ବିଆ ଉପରେ ବୋମା ମାଡ ବେଳେ ରୁଷିଆ ହିଁ ଏକମାତ୍ର ରାଷ୍ଟ୍ର ଯିଏକି ସର୍ବିଆକୁ ସମର୍ଥନ କରିଥିଲା । ସର୍ବିଆ ନାଟୋ କିମ୍ବା ୟୁରୋପୀୟ ସଂଘରେ ନଥିବା ୟୁରୋପର ରାଷ୍ଟ୍ର । ୟୁରୋପ ଏବେ ନରେନ୍ଦ୍ର ମୋଦିଙ୍କ ରାସ୍ତାରେ ଆଗକୁ ଯିବାକୁ ଧରିଛି । ହଙ୍ଗେରୀ, ଇଟାଲୀ, ସ୍ୱିଡେନର ରାଷ୍ଟ୍ରବାଦୀ ସରକାରଙ୍କ ଶାସନକୁ ସ୍ୱାଗତ କରାଯାଇଛି । ପୋଲାଣ୍ଡ ପୂର୍ବରୁ ଏହି ମାର୍ଗରେ ରହିଛି । ସ୍ୱିଡେନରେ ସ୍ୱିଡେନ ଡେମୋକ୍ରାଟଦଳ ନିର୍ବାଚନରେ ଦ୍ୱିତୀୟ ସ୍ଥାନରେ ଥିବାରୁ ସରକାର ଗଠନରେ ବଡ ଭୂମିକା ନେବ । ଏହି ଦଳ ମୁସଲିମ ଶରଣାର୍ଥୀଙ୍କୁ ଦେଶରେ ପ୍ରବେଶ ଦେବାର ବିରୋଧୀ, ଫ୍ରାନ୍ସରେ ୪୭ ପ୍ରତିଶତ ମତ ସହ ଲି ପେନଙ୍କ ଦଳ ଦ୍ୱିତୀୟ ସ୍ଥାନରେ ରହିବା ଚେକ ରିପବ୍ଲିକରେ ଫ୍ରିଡମ ଏଣ୍ଡ ଡାଇରେକ୍ଟ ଡେମୋକ୍ରାଟିକ ପାର୍ଟି ମଧ୍ୟ ନିର୍ବାଚନରେ ଦ୍ୱିତୀୟ ସ୍ଥାନରେ ରହିଛି । ଦଳର ନେତା ଟୋମିଓ ଓକାମୁରା ରୁଷିଆ ଉପରେ କଟକଣାକୁ ବିରୋଧକରି ୭୦ହଜାର ଲୋକଙ୍କ ସରକାର ବିରୋଧୀ ବିକ୍ଷୋଭର ନେତୃତ୍ୱ ନିକଟରେ ନେଇଥିଲେ । ଇଟାଲୀର ମେଲୋନୀଙ୍କ ଦଳ ପୋଲାଣ୍ଡର ରାଷ୍ଟ୍ରବାଦୀ ଲ ଏଣ୍ଡ୍ ଜଷ୍ଟିସ ପାର୍ଟି ସ୍ୱିଡେନର ଇମିଗ୍ରେସନ ବିରୋଧୀ ସ୍ୱିଡେନ ଡେମୋକ୍ରାଟ୍ସ ଏବଂ ସ୍ପେନର ରାଷ୍ଟ୍ରବାଦୀ ଭକ୍ସ ପାର୍ଟି ସହ ଭଲ ସଂପର୍କ ରହିଛି । ଏକଥା ସତ ଯେ ୟୁରୋପରେ ଏବେ ରାଷ୍ଟ୍ରବାଦୀ ବିଗ୍ରର ଶକ୍ତିଶାଳୀ ହେଉଛି । ଡେନମାର୍କବାସୀ ଜନ୍ ଖ୍ରୀଷ୍ଟିଆନସେନ୍ ଲେଖିଛନ୍ତି, “ଆମେ ଦକ୍ଷିଣପନ୍ଥୀ ନୋହୁଁ । ଆମେ ଉର୍ସୁଲା ଏବଂ ୟୁରୋପୀୟ ୟୁନିଅନ୍ ବିରୋଧୀ । ଆମର ଦେଶକୁ ଫେରିପାଇବାକୁ ଗ୍ହୁଁ ।” ସ୍ୱିଡେନର ରିକ୍ ଅଣ୍ଡରସନ ସ୍ୱିଡେନର ଡେମୋକ୍ରାଟେରିକା ଦଳକୁ ଭୋଟ ଦେବା ସଂପର୍କରେ ଲେଖିଛନ୍ତି “ମୁଁ ଏହି ଦଳ (ଏସ୍‌ଡି)କୁ ଭୋଟ ଦେଇଛି, ଯାହାକୁ ସମାଜବାଦୀମାନେ ଘୃଣା କରନ୍ତି । ସେମାନେ କୁହନ୍ତି ଯେ ଆମେ କାଳେ ବର୍ଣ୍ଣ ବୈଷମ୍ୟବାଦୀ, ଫାସୀବାଦୀ ଏବଂ ନାଜୀ ସମର୍ଥକ, ଏମିତି କେତେ କଣ, କିନ୍ତୁ ଆମେ ଆମ ଦେଶକୁ ଭଲପାଉ ।” ୟୁରୋପରେ ରାଷ୍ଟ୍ରବାଦ ଏବଂ ସମାଜବାଦର ସଂଘର୍ଷ, ରୁଷିଆକୁ ସମର୍ଥନ କରିବା ଏବଂ ନକରିବା ନେଇ ମହାଦେଶ ଦୁଇଫାଳ ହୋଇଛି । ୟୁରୋପର ଲୋକେ ଆମେରିକା ରୁଷିଆର ଯୁଦ୍ଧର ଭୟ କିମ୍ବା ଇସଲାମିକ ଆତଙ୍କରେ ନୁହେଁ ସ୍ୱାଭିମାନର ସହ ବଞ୍ଚିବାକୁ ଗ୍ହୁଁଛନ୍ତି । ଲୋକଙ୍କ ମନର କଥା କହିବା, ଦମ୍ଭର ସହ ଉପସ୍ଥାପନକୁ କେତେକ ଦକ୍ଷିଣପନ୍ଥୀ, ନାଜୀବାଦୀ କହିବାକୁ ଲୋକେ ନାପସନ୍ଦ କରୁଛନ୍ତି । ବହୁଦେଶରେ ରାଷ୍ଟ୍ରବାଦୀ ଦଳଗୁଡିକୁ ଜନ ସମର୍ଥନ ମିଳିବା ଏହାର ସ୍ପଷ୍ଟ ଉଦାହରଣ । ଏହାକୁ କେନ୍ଦ୍ର କରି ମତବାଦର ଫରକରେ ୟୁରୋପ କୁଆଡେ ଯିବ ତାହା ଏବେ ପ୍ରଶ୍ନବାଚୀ ।

ଭାରତୀୟ ସମ୍ବାଦ ସେବା (ଭାସ)
ଭୁବନେଶ୍ୱର-୭୫୧୦୦୩

## ବାଲିଆପାଳରେ ବିଭିନ୍ନ ସ୍ଥାନରେ ଗଜଲକ୍ଷ୍ମୀପୂଜା ପାଳିତ

ବାଲିଆପାଳ, ୧୦/୧୦(ନି.ପ୍ର): ବାଲିଆପାଳରେ ବିଭିନ୍ନସ୍ଥାନରେ ଗଜଲକ୍ଷ୍ମୀ ପୂଜ ମହାସମରୋହରେ ପାଳିତ ହୋଇଯାଇଛି । ବାଲିଆପାଳ ବ୍ଲକ ଛକଠାରେ ଶ୍ରଦ୍ଧାକ୍ଷେତ୍ରଖାଦ୍ୟ ବ୍ୟବସାୟୀ ସଂଘ ପକ୍ଷରୁ ଅନୁଷ୍ଠିତ ପୂଜାରେ ଅକର୍ଷଣୀୟ ତୋରଣ, ଆଲୋକ ସାଜସଜ୍ଜା ସାଙ୍ଗକୁ ଚିତାକର୍ଷକ ମୂର୍ତି ଅକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି । ରବିବାର ମାଙ୍କର ଯଥାରିତୀ ପୂଜା ଅର୍ଚ୍ଚନା ଅନୁଷ୍ଠିତ ହୋଇଥିଲା । ସନ୍ଧ୍ୟାରେ ପୂଜା ମଣ୍ଡପ ପ୍ରାଙ୍ଗଣରେ ସାଂସ୍କୃତିକ କାର୍ଯ୍ୟକ୍ରମ ସାଙ୍ଗକୁ ମୂର୍ତ୍ତୀ ଦର୍ଶନ ପାଇଁ ଲୋକଙ୍କ ପ୍ରବଳ ଗହଳି ପରିଲକ୍ଷିତ ହୋଛି । କାର୍ଯ୍ୟକ୍ରମକୁ ପୂଜା କମିଟିର ସଭାପତି ଶ୍ରିହରି ପ୍ରଧାନ, ଦୀକ ଗିରି, ବିଭୁରଞ୍ଜନ ରାଉତ, ହରେକୃଷ୍ଣ ଗଙ୍ଗାଇ, ନରେଶ କୁମାର ସାହୁ, ହରବନ୍ଧୁ ଜେନା ସମେତ କମିଟି ସଦସ୍ୟମାନେ ପରିଚାଳନା କରୁଛନ୍ତି । ସେହିପରି ସିମୁଳୀଆ ସବରେଜେଷ୍ଟ୍ରୀ ଅଫିସ ପ୍ରାଙ୍ଗଣ, ଜାମଳା, କାଳିପଦା ଲଙ୍ଗଳେଶ୍ୱର ପ୍ରଭୃତି ବିଭିନ୍ନ ସ୍ଥାନରେ ମାଙ୍କର ଯଥାବିଧି ପୂଜା ଅନୁଷ୍ଠିତ ହେଉଅଛି ।

## ଡିସିଡବ୍ଲ୍ୟୁ ସାଜିଦ ଖାନ୍‌ଙ୍କୁ ବିଗ୍ ବସ୍‌ରୁ ହଟାଇବାର ଦାବି

ନୂଆଦିଲ୍ଲୀ, ୧୦/୧୦ : ଦିଲ୍ଲୀ ମହିଳା ଆୟୋଗ(ଡିସିଡବ୍ଲ୍ୟୁ)ର ଅଧକ୍ଷ ସ୍ୱାତୀ ମାଲୀବାଲ କେନ୍ଦ୍ର ସୂଚନା ଏବଂ ପ୍ରସାରଣ ମନ୍ତ୍ରୀ ଅନୁରାଗ ଠାକୁରଙ୍କୁ ପତ୍ର ଲେଖି ଫିଲ୍ମ ନିର୍ମାତା ଏବଂ ନିର୍ଦ୍ଦେଶକ ସାଜିଦ ଖାନଙ୍କୁ ରିୟାଲିଟୀ ଶୋ ବିଗ୍ ବସ୍‌ରୁ ହଟାଇବାର ଦାବି କରିଛନ୍ତି । ଡିସିଡବ୍ଲ୍ୟୁ ଏହି ତଥ୍ୟର ସଂଜ୍ଞାନ ନେଇଛି ଯେ ସାଜିଦ ଖାନ୍, ଯାହାଙ୍କ ଉପରେ ଦଶରୁ ଅଧିକ ମହିଳାଙ୍କ ଦ୍ୱାରା ଯୌନ ଉତ୍ପୀଡ଼ନ ଏବଂ ଅଶ୍ଳୀଳ ବ୍ୟବହାରର ଅଭିଯୋଗ ଲଗାଯାଇଛି ତାଙ୍କୁ ଏକ ଲୋକପ୍ରିୟ ରିୟାଲିଟି ଶୋ-ବିଗ୍ ବସ୍‌ରେ ଭାଗନେବାକୁ ଅନୁମତି ଦିଆଯାଇଛି, ଯାହାକୁ ଦେଶର ଲକ୍ଷ ଲକ୍ଷ ଲୋକ ଦେଖନ୍ତି । ହ୍ୟାସ୍‌ଟେଗ ମି ଟୁ ମୁଭମେଂଟ ସମୟରେ କେତେକ ମହଳା ସାମ୍ବାଦିକ ଏବଂ ଅଭିନେତ୍ରୀମାନେ ସାଜିଦ ଖାନ ଦ୍ୱାରା କଥିତ ଯୌନ ଉତ୍ପୀଡ଼ନ ବିରୋଧରେ ଆବାଜ ଉଠାଇଛନ୍ତି । ଅଧିକାଂଶ ଅଭିଯୋଗ ସମାନ ପ୍ରକୃତିର ଥିଲା ଯାହା ସାଜିଦ ଖାନ୍‌ଙ୍କ ବୀମାର ମାନସିକତାକୁ ସ୍ପଷ୍ଟ କରୁଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ରବୀନ୍ଦ୍ର ସାହୁ ନୟାଗଡ଼ ଜିଲ୍ଲାପାଳ....

ଅତିରିକ୍ତ ଭାବେ ଓଡ଼ିଶା ଔଷଧ ନିଗମର ପରିଚାଳନା ନିର୍ଦ୍ଦେଶକ ଦାୟିତ୍ୱରେ ଅଛନ୍ତି । ଏହି ଦାୟିତ୍ୱ ପୋମା ନେବା ପରେ ବୃନ୍ଦା କେବଳ ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକା ଓ ଖାଦ୍ୟ ନିରାପତ୍ତା କମିଶନର ଭାବେ କାର୍ଯ୍ୟ କରିବେ । ସେହିପରି ୨୦୧୯ ଓ ୨୦୨୦ ବ୍ୟାଚ୍ ଆଇଏଏସ ଅଫିସରଙ୍କୁ ମଧ୍ୟ ନୂଆ ଦାୟିତ୍ୱ ମିଳିଛି । ୨୦୧୯ ବ୍ୟାଚ୍ ଆଇଏଏସ ଅଫିସରମାନେ ଏବେ ପ୍ରଶିକ୍ଷଣରେ ଥିବାବେଳେ ସରକାର ସେମାନଙ୍କୁ ନୂଆ ଦାୟିତ୍ୱ ନ୍ୟସ୍ତ କରିଛନ୍ତି । ୨୦୧୯ ବ୍ୟାଚ୍ ଆଇଏଏସ୍ ତଥା କୁଚିଣ୍ଡା ଉପଜିଲ୍ଲାପାଳ ଆଦିତ୍ୟ ଗୋଏଲଙ୍କୁ ବରଗଡ଼ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଭାବେ ବଦଳି କରାଯାଇଛି । ସେ ମଧ କୁଚିଣ୍ଡା ଏନଏସିର କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଉଥିଲେ । ସେହିପରି ଦ୍ୱିତୀୟ ପର୍ଯ୍ୟାୟ ପ୍ରଶିକ୍ଷଣ ଶେଷ ହେବାପରେ ୨୦୨୦ ବ୍ୟାଚ୍ ଆଇଏଏସ୍ ବିଭୂତି ଭୂଷଣ ନାୟକଙ୍କୁ କୁଚିଣ୍ଡା ଉପଜିଲ୍ଲାପାଳ ସହ କୁଚିଣ୍ଡା ଏନଏସିର କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ଅତିରିକ୍ତ ଦାୟିତ୍ୱ ନ୍ୟସ୍ତ ହୋଇଛି । ସେହିପରି ୨୦୨୦ ବ୍ୟାଚ୍ ଆଇଏଏସ୍ ଆଶୁତୋଷ କୁଲକର୍ଣ୍ଣୀଙ୍କୁ ବ୍ରହ୍ମପୁର ଉପଜିଲ୍ଲାପାଳ ଭାବେ ନିଯୁକ୍ତିମ ମିଳିଛି । ସେ ବ୍ରହ୍ମପୁର ସବଡିଭିଜନ୍ ମାଜିଷ୍ଟ୍ରେଟ୍ ଭାବେ କାର୍ଯ୍ୟ ଓ ଦାୟିତ୍ୱ ତୁଲାଇବେ । ୨୦୨୦ ବ୍ୟାଚ୍ ଆଇଏଏସ୍ ମଧୁମିତାଙ୍କୁ ବାଲିଗୁଡ଼ା ଉପଜିଲ୍ଲାପାଳ ଭାବେ ନିଯୁକ୍ତି ମିଳିଛି । ସେ ବାଲିଗୁଡ଼ା ଏନଏସିର କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ । ସେ ନିଜର ଦ୍ୱିତୀୟ ପର୍ଯ୍ୟାୟ ପ୍ରଶିକ୍ଷଣ ସମାପ୍ତ କରିବା ପରେ ଏହି ନୂଆ ନିଯୁକ୍ତି ପାଇଛନ୍ତି । ପ୍ରଶିକ୍ଷଣ ସମାପ୍ତ ପରେ ୨୦୨୦ ବ୍ୟାଚ୍ ଆଇଏଏସ୍ ବେଦଭୂଷଣଙ୍କୁ ଧର୍ମଗଡ଼ ଉପଜିଲ୍ଲାପାଳ ଭାବେ ନିଯୁକ୍ତି ମିଳିଛି ଓ ସେ ଧର୍ମଗଡ଼ ଏଏନସିର କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ । ସେହିପରି ୨୦୨୦ ବ୍ୟାଚ୍ ଆଇଏଏସ୍ ଚଓ୍ୱନ କୁନାଲ ମୋତିରାମଙ୍କୁ ବାଲେଶ୍ୱର ଉପଜିଲ୍ଲାପାଳ ଭାବେ ନିଯୁକ୍ତି ମିଳିଛି । ସେ ବାଲେଶ୍ୱର ମ୍ୟୁନିସପାଲଟିର କାର୍ଯ୍ୟନିବାହୀ ଅଧିକାରୀ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ ବୋଲି ଜଣାପଡ଼ିଛି ।

### ଅର୍ଚ୍ଚନାଙ୍କ ଲିଙ୍କ ଥିବା....

ଜାମିନ ପାଇବେ ନା ପୁଲିସ ତାକୁ ରିମାଣ୍ଡରେ ନେଇ ହନିଟ୍ରାପ୍ ହାଇପ୍ରୋଫାଇଲ୍ ଲିଙ୍କ୍ କାଢ଼ିବ ତାହାକୁ ନେଇ ଉତ୍କଣ୍ଠା ବଢ଼ିଛି । ହେଲେ ଅର୍ଚ୍ଚନାର ଚକ୍ରବ୍ୟୁହରେ ଛନ୍ଦି ହୋଇ ବ୍ଲାକମେଲ୍‌ର ଶୀକାର ହୋଇଥିବା ଅନ୍ୟ ପ୍ରଭାବଶାଳୀ ନେତା, ଠିକାଦାର, ସରକାରୀ ବାବୁ ଗଲେ କୁଆଡ଼େ ? ଅର୍ଚ୍ଚନା ବିରୋଧରେ ଏମାନେ କାହିଁକି ମୁହଁ ଖୋଲୁନାହାଁନ୍ତି ? ଘାରୁଛି କି ଲୋକଲଜ୍ଜାର ଭୟ ? ଅର୍ଚ୍ଚନା ବିରୋଧରେ ଯଦି କେହି ମୁହଁ ନଖୋଲନ୍ତି ତେବେ ମାମଲା ଦୁର୍ବଳ ହୋଇଯିବନି ତ ? ଉଭୟ ଅର୍ଚ୍ଚନା ଓ ତାଙ୍କ ସ୍ୱାମୀ ଜଗବନ୍ଧୁ ନିଜ ପ୍ରୋଫାଇଲ୍‌ରେ ବିଜେଡି ସହ ସଂପୃକ୍ତି ନେଇ ଉଲ୍ଲେଖ କରିଥିବାବେଳେ ଦଳ କାହିଁକି ଏ ନେଇ ସ୍ପଷ୍ଟୀକରଣ ଦେଇନି ତାହାକୁ ନେଇବି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ସୂଚନା ଥାଉକି, ଲେଡି ବ୍ଲାକମେଲର୍ ଅର୍ଚ୍ଚନାଙ୍କ କଳା ସାମ୍ରାଜ୍ୟର ଗୁମର ଯେତେ ଖୋଲିଲେ ସେତିକି ଅଧିକ ବାହାରୁଛି । କଳାଟଙ୍କାରେ କେବଳ ସେ ଯେ ରାଜପ୍ରସାଦ ଭଳି ଘରେ ରହି କିମ୍ବା ନାମୀଦାମୀ ଗାଡ଼ି ଚଢ଼ି, ମାଳ ମାଳ ସୁନା ଅଳଙ୍କାର ପିନ୍ଧି ସଉକ୍ ମେଣ୍ଟାଉଥିଲେ ତାନୁହେଁ, ଏଥିସହ ବ୍ଲାକମେଲ ଟଙ୍କାରେ ହୋଟେଲ୍, ରେଷ୍ଟୁରାଣ୍ଟର ବିଜନେସ୍ ନିଶା ବି ଘାରିଥିଲା ତାଙ୍କୁ । ଗତ ଜୁନ୍ ୨୯ରେ ଗୋଲ୍ଡନ୍ ଏକ୍ସପ୍ରେସ ପ୍ରାଇଭେଟ୍ ଲିମିଟେଡ୍, ୨୦୨୧ ଜାନୁୟାରୀ ୯ରେ ଆଦିତ୍ୟ ପ୍ରେଷ୍ଟିଜ୍ ପ୍ରାଇଭେଟ୍ ଲିମିଟେଡ୍ ସହ ଏକ ପ୍ରଡ଼କ୍ସନ ହାଉସ୍ ତିଆରି କରିଥିଲେ ନାଗ-ଚାନ୍ଦ ଦମ୍ପତ୍ତି । ତେବେ ଏଭଳି କଳାଧନ୍ଦାର ସାମ୍ରାଜ୍ୟ ପଛରେ କାହାର ରହିଛି ଅଭୟ ବର ? କଳାହାଣ୍ଡିରୁ ଆସି ଭୁବନେଶ୍ୱରରେ କାହା ବଳରେ ବଳିୟାନ୍ ସାଜିଥିଲେ ଅର୍ଚ୍ଚନା ? ଏସବୁର ତଥ୍ୟ ପଦାକୁ ଆଣିବ ତ ପୁଲିସ ? ଯାହାକୁ ନେଇ ଏଭଳି ପ୍ରଶ୍ନ ଛିଡ଼ା ହୋଇଛି ।

### ଉତ୍ତର ପ୍ରଦେଶରେ ବନ୍ୟା ପରିସ୍ଥିତି....

ବିଭାଗ ସତର୍କ ସୂଚନା ଜାରି କରିବା ପରେ ସାରା ରାଜ୍ୟରେ ଥିବା ଡାକ୍ତରଖାନାଗୁଡ଼ିକୁ ମଧ ଆଲର୍ଟ କରାଯାଇଛି । ଶିକ୍ଷା ଓ ସ୍ୱାସ୍ଥ୍ୟ ମନ୍ତ୍ରୀ ବ୍ରଜେଶ ପଠକ ବିଳମ୍ବିତ ରାତିରେ ଟ୍ୱିଟ୍ କରି ସତର୍କତାକୁ ଦୃଷ୍ଟିରେ ରଖି ଡାକ୍ତରୀ ଶିକ୍ଷା ତଥା ସ୍ୱାସ୍ଥ୍ୟ ସେବା, ମେଡିକାଲ କଲେଜ, ଅନୁଷ୍ଠାନ, ଡାକ୍ତରଖାନା, ସିଏମଓ, ଡାକ୍ତର ଏବଂ ସମସ୍ତ ସମ୍ପୃକ୍ତ କର୍ମଚାରୀଙ୍କୁ ଜରୁରୀକାଳୀନ ସେବା ପାଇଁ ପ୍ରସ୍ତୁତ ରହିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ବନ୍ୟା ପ୍ରଭାବିତ ଅଞ୍ଚଳରେ ବ୍ୟକ୍ତିଗତ ଭାବେ କ୍ଷେତ୍ର ପରିଦର୍ଶନ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଜନ ପ୍ରତିନିଧୀମାନେ ବନ୍ୟା ପ୍ରଭାବିତ ଲୋକଙ୍କୁ ରିଲିଫ ସାମଗ୍ରୀ ବଣ୍ଟନ କରିବାକୁ କହିଛନ୍ତି । ଏହା ସହ ଜୀବନ ହାନି ଘଟଣାରେ ସରକାରଙ୍କ ଅନୁଦାନପ୍ରାପ୍ତ ରିଲିଫ ରାଶି ଶୀଘ୍ର ପୀଡିତଙ୍କ ପରିବାରକୁ ଦେବାକୁ କହିଛନ୍ତି ।

## ଭୁବନେଶ୍ୱର କୋର୍ଟରେ ଜାମିନ୍ ଆବେଦନ କଲେ ଅର୍ଚ୍ଚନା

ଭୁବନେଶ୍ୱର, ୧୦/୧୦(ନି.ପ୍ର): ବ୍ଲାକ୍‌ମେଲ୍ କରି ପଇସା ଲୁଟୁଥିବା ଲେଡି ବ୍ଲାକମେଲର ଅର୍ଚ୍ଚନା ନାଗ୍ ଭୁବନେଶ୍ୱର ଏସଡିଜେଏମ୍ କୋର୍ଟରେ ଜାମିନ୍ ପାଇଁ ଆବେଦନ କରିଛନ୍ତି । ଆସନ୍ତାକାଲି କୋର୍ଟରେ ହାଜର ହୋଇପାରନ୍ତି ଅର୍ଚ୍ଚନା ନାଗ । ଅର୍ଚ୍ଚନାଙ୍କ ବିରୋଧରେ ଭୁବନେଶ୍ୱର ଖଣ୍ଡଗିରି ଓ ନୟାପଲ୍ଲୀ ଥାନାରେ ଦୁଇଟି ଏତଲା ହୋଇଥିଲା । ଖଣ୍ଡଗିରି ଥାନାରେ ଅଭିଯୋଗ ପରେ ଗିରଫ ହୋଇଥିଲେ ଅର୍ଚ୍ଚନା । ସମାନ ବ୍ଲାକମେଲିଂ ଅଭିଯୋଗ ଆଣି ଏହା ପୂର୍ବରୁ ନୟାପଲ୍ଲୀ ଥାନାରେ ଏତଲା ଦେଇଥିଲେ ସିନେମା ପ୍ରଯୋଜକ ଅକ୍ଷୟ ପରିଜା । ତଦନ୍ତ ବେଳେ ବହୁ ରାଜନେତା ଓ ପ୍ରତିପତିଶାଳୀ ବ୍ୟକ୍ତି ଅର୍ଚ୍ଚନାଙ୍କ ବ୍ଲାକ୍ ମେଲର ଶୀକାର ହୋଇଥିବା ଜଣାପଡିଥିଲେ ହେଁ ଲୋକଲଜ୍ଜା ଭୟରେ ଅଭିଯୋଗ କରୁନାହାନ୍ତି ।

## ପ୍ରୟାଗରାଜରେ ହେବ ସଂଘର ଅଖିଳ ଭାରତୀୟ କାର୍ଯ୍ୟକାରୀ ମଣ୍ଡଳର ବୈଠକ

ଲକ୍ଷ୍ନୌ, ୧୦/୧୦: ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ପ୍ରତିବର୍ଷ ହେବାକୁଥିବା ଅଖିଳ ଭାରତୀୟ କାର୍ଯ୍ୟକାରୀ ମଣ୍ଡଳର ବୈଠକ ଏହି ବର୍ଷ ଉତର ପ୍ରଦେଶର ପ୍ରୟାଗରାଜରେ ଦିନାଂକ ୧୬ରୁ ୧୯ ଅକ୍ଟୋବର ଦିନ ସମ୍ପନ୍ନ ହେବ । ଏହି ସୂଚନା ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଅଖିଳ ଭାରତୀୟ ପ୍ରଚାର ପ୍ରମୁଖ ସୁନିଲ ଆମ୍ବେକର ପ୍ରେସବିଜ୍ଞପ୍ତି ମାଧ୍ୟମରେ ଦେଇଛନ୍ତି । ଅଖିଳ ଭାରତୀୟ କାର୍ଯ୍ୟକାରୀ ମଣ୍ଡଳରେ ସଂଘ ରଚନାର ସମସ୍ତ ୪୫ ପ୍ରାନ୍ତର ପ୍ରାନ୍ତ ସଂଘଚାଳକ, କାର୍ଯ୍ୟବାହ ତଥା ପ୍ରାଚାରକ ଏବଂ ସହ ଉପେକ୍ଷିତ ରହନ୍ତି । ଏହି ବୈଠକରେ ସଂଘର ସରସଂଘଚାଳକ ଡା. ମୋହନ ରାଓ ଭାଗବତ, ସରକାର୍ଯ୍ୟବାହ ଦତାତ୍ରେୟ ହୋସବାଲେ ତଥା ସମସ୍ତ ସହ ସରକାର୍ଯ୍ୟବାହ ଏବଂ ଅନ୍ୟ ଅଖିଳ ଭାରତୀୟ ଅଧିକାରୀମାନଙ୍କ ସହିତ କାର୍ଯ୍ୟକାରିଣୀ ସଦସ୍ୟ ମଧ୍ୟ ଉପସ୍ଥିତ ରହିବେ ।

## ଧାମନଗର ଉପନିର୍ବାଚନ : ରାଜ୍ୟସ୍ତରୀୟ ଦ୍ୱି-ଦିବସୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ



ଭଦ୍ରକ, ୧୦/୧୦(ନି.ପ୍ର): ଉପନିର୍ବାଚନ କାର୍ଯ୍ୟ ପରିଚ୍ଳନା ନେଇ ଜିଲ୍ଲା ସ୍ତରୀୟ ମାଷ୍ଟର ଟ୍ରେନର ଦାୟିତ୍ୱ ପାଇଁ ନିଯୁକ୍ତ ଜିଲ୍ଲା ସ୍ତରୀୟ ଅଧିକାରୀମାନଙ୍କ ପ୍ରଶିକ୍ଷଣ ପାଇଁ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ରାଜ୍ୟସ୍ତରୀୟ ଦୁଇଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜାତୀୟ ସ୍ତରର ପ୍ରଶିକ୍ଷକ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଶତୃଘ୍ନ କର ଏବଂ ଯୁଗ୍ମ ମୁଖ୍ୟ ନିର୍ବାଚନ ଅଧିକାରୀ ପ୍ରମୋଦ କୁମାର ସାହୁ ନିର୍ବାଚନ କାର୍ଯ୍ୟ ପରିଚ୍ଳନା ନେଇ ନିର୍ଦ୍ଧାରିତ ବିଷୟ ଅନୁଯାୟୀ ପୁଙ୍ଖାନୁପୁଙ୍ଖ ଆଲୋଚନା ଓ ପ୍ରଶ୍ନଉତ୍ତର ଜରିଆରେ ତାଲିମ ପ୍ରଦାନ କରିଥିଲେ । ଦୁଇ ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ କୁମାର ମହାନ୍ତି ଏବଂ ରାମଦାସ ଟୁଡୁ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରତାପ ପ୍ରୀତିମୟ, ଉପଜିଲ୍ଲାପାଳ ମନୋଜ ପାତ୍ର, ନିର୍ବାଚନ ଅଧିକାରୀ ତଥା ଅତିରିକ୍ତ ଉପଜିଲ୍ଲାପାଳ ଡ. ଲକ୍ଷ୍ମୀ ପ୍ରସାଦ ସାହୁ ପ୍ରମୁଖ ଏହି କାର୍ଯ୍ୟ କ୍ରମରେ ଯୋଗ ଦେଇଥିଲେ । ଜିଲ୍ଲାର ସମସ୍ତ ବି.ଡ଼ି.ଓ., ତହସିଲଦାର, ଅତିରିକ୍ତ ତହସିଲଦାର, ପୌର ଓ ଏନ୍.ଏ.ସି.ର କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା କାର୍ଯ୍ୟାଳୟର ଅନ୍ୟ ଓ.ଏ.ଏସ୍ ଅଧିକାରୀ, ସଂପୃକ୍ତ ଜିଲ୍ଲାସ୍ତରୀୟ ବିଭାଗୀୟ ଅଧିକାରୀ, ନିର୍ବାଚନ କାର୍ଯ୍ୟ ନେଇ ଦାୟିତ୍ୱରେ ଥିବା ବିଭିନ୍ନ ନୋଡ଼ାଲ ଅଧିକାରୀ ମାନେ ଏଥିରେ ଉପସ୍ଥିତ ରହି ତାଲିମ ଗ୍ରହଣ କରିଥିଲେ । ପୂର୍ବାହ୍ନ ଅଧିବେଶନରେ ଇ.ଭି.ଏମ୍. ଓ ଭିଭିପାଟ୍ ର ବ୍ୟବହାର ନେଇ ପ୍ରାଥମିକ ତଦନ୍ତ କାର୍ଯ୍ୟଠାରୁ କମିଶନିଂ, ଷ୍ଟ୍ରଙ୍ଗରୁମ୍‌ରେ ଗଚ୍ଛିତ ରଖିବା, ବିତରଣ କେନ୍ଦ୍ରରେ ପୋଲିଂ ଦଳଙ୍କୁ ପ୍ରଦାନ କରାଯିବା ଏବଂ ମତଦାନ କେନ୍ଦ୍ରରେ ମକ୍‌ପୋଲ ଓ ପ୍ରକୃତ ମତଦାନ ପ୍ରକ୍ରିୟା ସମ୍ବନ୍ଧରେ ତାଲିମ ପ୍ରଦାନ କରାଯାଇଥିଲା । ପୋଲିଂ ଦଳ ମତଦାନ କାର୍ଯ୍ୟ ପରିଚ୍ଳନା ଏବଂ ପ୍ରଥମ କରି ୮୦ ବର୍ଷ ବୟସରୁ ଉର୍ଦ୍ଧ୍ୱ ନାଗରିକ ଓ ଦିବ୍ୟାଙ୍ଗ ମାନଙ୍କ ପାଇଁ ପ୍ରଚଳିତ ହୋଇଥିବା ଡାକଭୋଟ ଗ୍ରହଣ ପ୍ରକ୍ରିୟା ସମ୍ବନ୍ଧରେ ମଧ ବିସ୍ତୃତ ଭାବେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା । ଅପରାହ୍ନ ଅଧିବେସନରେ ଭୋଟ ଗଣନା, ଫଳାଫଳ ଘୋଷଣା, ପ୍ରକ୍ରିୟା ସହିତ ଇଭିଏମ୍, ଭିଭିପାଟ ର ବ୍ୟବହାର କୌଶଳ ପ୍ରଦାନ କରାଯାଇଥିଲା । ଏହି ରାଜ୍ୟସ୍ତରୀୟ ତାଲିମ୍ ପ୍ରଦାନ କାର୍ଯ୍ୟକ୍ରମ ଦୁଇଦିନ ପାଇଁ ପୂର୍ବାହ୍ଣ ଘ. ୯.୩୦ ମିରୁ ଅପରାହ୍ନ ଘ. ୫.୩୦ ମି ପର୍ଯ୍ୟନ୍ତ ଦିନ ତମାମ୍ କାର୍ଯ୍ୟସୂଚୀ ରହିଛି । ଧାମନଗର ଉପନିର୍ବାଚନ ପାଇଁ ଥିବା ସମୁଦାୟ ୨୫୨ ଟି ବୁଥରୁ ୧୩୪ ଟି ବୁଥର ନାମ ପରିବର୍ତ୍ତନ ନେଇ ଆଜି ରାଜନୈତିକ ଦଳ ମାନଙ୍କୁ ନେଇ ଏକ ପ୍ରଶାସନିକ ବୈଠକ ଅନୁଷ୍ଠିତ ହୋଇଥିଲା ।

## ଗଜଲକ୍ଷ୍ମୀ ପୂଜାରେ ଧାନନ୍ଦାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଉଦ୍‌ଯାପିତ



ବାଲିଆପାଳ, ୧୦/୧୦(ନି.ପ୍ର): ବାଲିଆପାଳ ବ୍ଲକ୍ ଶ୍ରୀରାମପୁର ଗ୍ରା.ପ. ପଞ୍ଚାୟତ ଅଧିନସ୍ଥ ଧାନନ୍ଦା ଗ୍ରାମରେ ମା ଗଜଲକ୍ଷ୍ମୀ ପୂଜା ଅନୁଷ୍ଠିତ ହୋଇଯାଇଛି । ମା’ ଙ୍କ ପୂଜା ଉପଲକ୍ଷେ ଧାନନ୍ଦା ଗଜଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ନୃତ୍ୟ ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏଥିରେ ବିଭିନ୍ନ ଅଂଚଳରୁ କୁନି କୁନି ପୁଅ ଝିଅ ମାନେ ଅଂଶଗ୍ରହଣ କରିଥିଲେ । ସାଂସ୍କୃତିକ କାର୍ଯ୍ୟକ୍ରମକୁ ସାମ୍ବାଦିକ ଗୋପନାରାୟଣ ଜେନା ପରିଚାଳନା କରିଥିଲେ ।ପୁରସ୍କାର ବିତରଣ ଉତ୍ସବରେମୁଖ୍ୟ ଅତିଥି ଭାବେ ବିଜୁ ମହିଳା ଜନତା ଦଳର ରାଜ୍ୟ କାର୍ଯ୍ୟକାରୀ ସଭାପତି ସୁବାସିନୀ ଜେନା ଯୋଗଦାନ କରିଥିଲେ । ତାଙ୍କ ବକ୍ତବ୍ୟରେ କହିଥିଲେ ମୁଁ ଏ ମାଟିର ଝିଅ ଏହି ମାଟି ପାଇଁ ସଦାସର୍ବଦା ସମର୍ପିତ ବୋଲି ଶ୍ରୀମତୀ ଜେନା କହିଥିଲେ । ମୁଖ୍ୟ ଅତିଥି ଶ୍ରୀମତୀ ଜେନା ବିଭିନ୍ନ ପ୍ରତିଯୋଗିତାରେ କୃତୀତ୍ୱ ହାସଲ କରିଥିବା କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ୨୨ନଂ ଜୋନ୍ ଜିଲ୍ଲା ପରିଷଦ ସଦସ୍ୟ ନିଶାକର ସେଠୀ,ବିଚାରକ ରୂପାଳି ବାରିକ ପ୍ରମୁଖ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ଧାନନ୍ଦା ଲକ୍ଷ୍ମୀପୂଜା କମିଟିର ସଭାପତି ସୁଧାଂଶୁ ଦଳାଇଙ୍କ ସମେତ ଶିତାଂଶୁ ଦଳାଇ, ପଞ୍ଚାନନ ଦଳାଇ, ଦେବେନ୍ଦ୍ର ଦଳାଇ, ଅଚ୍ୟୁତାନନ୍ଦ ଦେହୁରୀ, ଅଶୋକ ଦେହୁରୀ, ଅନିଲ କୁମାର ଜେନା, ଅଞ୍ଜନ କୁମାର ଜେନା ପ୍ରମୁଖପୂଜା କମିଟିର ସମସ୍ତ ସଦସ୍ୟ ଓ ଧାନନ୍ଦା ଗ୍ରାମବାସୀ ସହଯୋଗ କରିଥିଲେ ।

## ଶତାୟୁ ସ୍ୱାଧୀନତା ସଂଗ୍ରାମୀଙ୍କୁ ସମ୍ବର୍ଦ୍ଧିତ କଲେ ଢେଙ୍କାନାଳ ଜିଲ୍ଲାପାଳ

ନୀଳଗିରି, ୧୦/୧୦(ନି.ପ୍ର):ନୀଳଗିରିରୁ ଶତାୟୁ ସ୍ୱାଧୀନତା ସଂଗ୍ରାମୀ ସୁନାରାମ ସିଂ (୧୦୨) ଙ୍କୁ ଢେଙ୍କାନାଳ ଜିଲ୍ଲାପାଳ ତଥା ନୀଳଗିରି ତେନ୍ତୁଳିଆ ଅଂଚଳର ସରୋଜ କୁମାର ସେଠୀ ତାଙ୍କ ବାସଭବନରେ ପହଂଚି ସମ୍ବର୍ଦ୍ଧିତ କରିଛନ୍ତି । ନୀଳଗିରି ବ୍ଲକର ଜାମୁଡ଼ିହା ପଂଚାୟତର ଗୋଡ଼ିଶୁଳ ଗ୍ରାମର ସ୍ୱାଧୀନତା ସଂଗ୍ରାମୀ ସୁନାରାମ ସିଂ ସ୍ୱାଧୀନ ଭାରତ ପାଇଁ ବହୁବାର ଜେଲ ଜୀବନ କଟାଇଥିବା ବେଳେ ଆଜୀବନ ବନ୍ଦୀ ଭାବେ ଜୀବନ କାଟୁଥିଲେ । ୧୯୪୨ ମସିହା ଭାରତ ଛାଡ଼ ଆନ୍ଦୋଳନ ସମୟରେ ଜେଲ ଜୀବନରୁ ସୁନାରାମ ସିଂ ଙ୍କୁ ମୁକ୍ତ କରାଯାଇଥିଲା । ସେ ଜଣେ ଭଲ ଶିକ୍ଷକ ଭାବେ ନିଜର ଜୀବନ ଆରମ୍ଭ କରିଥିଲେ । ପରେ ଏ.ଡି.ଡବ୍ଲୁ.ଓ. କୁ ପଦୋନ୍ନତି ପାଇଥିଲେ । ଜଡ଼ିଦା ଗ୍ରା.ପ.ର ସରପଂଚ ଭାବେ ମଧ ନିର୍ବାଚିତ ହୋଇ ବେଶ ଲୋକପ୍ରିୟ ହୋଇ ପାରିଥିଲେ । ଜଣେ ଏତାଦୃଶ ବ୍ୟକ୍ତିଙ୍କ ବାସଭବନକୁ ଯାଇ ଢେଙ୍କାନାଳ ଜିଲ୍ଲାପାଳ ସରୋଜ କୁମାର ସେଠୀ ତାଙ୍କୁ ସମ୍ବର୍ଦ୍ଧିତ କରିବା ସହ ସ୍ୱାଧୀନ ଭାରତର ତାଙ୍କର ଭୂମିକା ଉପରେ ଆଲୋଚନା କରିଥିଲେ ।

## ସମ୍ବଲପୁର ଓ ଖୋର୍ଦ୍ଧା ରୋଡ୍ ରେଳ ମଣ୍ଡଳରେ ୪ ଟ୍ରେନ୍ ବାତିଲ

ଭୁବନେଶ୍ୱର, ୧୦/୧୦(ନି.ପ୍ର): ସମ୍ବଲପୁର ରେଳ ମଣ୍ଡଳ ଅନ୍ତର୍ଗତ ଟିଟିଲାଗଡ-ସିଙ୍ଗାପୁର ରୋଡ଼ ରେଳ ସେକ୍ସନ ମଧ୍ୟରେ ରୁପ୍ରା ରୋଡ୍-ନର୍ଲା ରୋଡ୍-ଲାଞ୍ଜିଗଡ଼ ରୋଡ୍ ଷ୍ଟେସନ୍ ମଧ୍ୟରେ ତୃତୀୟ ଲାଇନ କାର୍ଯ୍ୟ ଏବଂ ଖୋର୍ଦ୍ଧା ରୋଡ୍ ରେଳ ମଣ୍ଡଳ ଅନ୍ତର୍ଗତ କଟକ-ଜଖପୁରା ରୋଡ୍ ରେଳ ସେକ୍ସନ ମଧ୍ୟରେ କପିଳାସ ରୋଡ୍ ଏବଂ ନିର୍ଗୁଣ୍ଡି ଷ୍ଟେସନ୍ ମଧ୍ୟରେ ତୃତୀୟ ଲାଇନ କାର୍ଯ୍ୟ ପାଇଁ ଟ୍ରେନ୍ ସେବା ପ୍ରଭାବିତ ହେବ । ଏଥିଯୋଗୁଁ ୪ ଯୋଡା ଟ୍ରେନ୍ ବାତିଲ ହେବାକୁ ଥିବା ବେଳେ ୩ ଯୋଡା ଟ୍ରେନ୍ ଆଂଶିକ ବାତିଲ ରହିବ । ପୂର୍ବତଟ ରେଳବାଇର ସୂଚନା ଅନୁଯାୟୀ ୦୮୩୧୭/୦୮୩୧୮ ସମ୍ବଲପୁର-ଜୁନାଗଡ଼ ରୋଡ୍-ସମ୍ବଲପୁର ପାସେଞ୍ଜର ସମ୍ବଲପୁର ଠାରୁ ୧୪ ରୁ ୨୦ ଅକ୍ଟୋବରଏବଂ ଜୁନାଗଡ଼ ରୋଡରୁ ୧୫ ରୁ ୨୧ ଅକ୍ଟୋବର ପର୍ଯ୍ୟନ୍ତ ବାତିଲ୍ ରହିବ । ୦୮୫୨୭/୦୮୫୨୮ ରାୟପୁର-ବିଶାଖାପାଟନମ୍-ରାୟପୁର ପାସେଞ୍ଜର ରାୟପୁର ଠାରୁ ୧୫ରୁ ୨୧ ଅକ୍ଟୋବର ପର୍ଯ୍ୟନ୍ତ ଏବଂ ବିଶାଖାପାଟନମ୍ ଠାରୁ ୧୪ ରୁ ୨୦ ଅକ୍ଟୋବର ପର୍ଯ୍ୟନ୍ତ ବାତିଲ୍ ରହିବ । ୦୮୨୭୫/୦୮୨୭୬ ରାୟପୁର-ଜୁନାଗଡ଼ ରୋଡ-ରାୟପୁର ପାସେଞ୍ଜର ରାୟପୁର ଠାରୁ ୧୫ ରୁ ୨୦ ଅକ୍ଟୋବର ଏବଂ ଜୁନାଗଡ଼ ରୋଡରୁ ୧୬ ରୁ ୨୧ ଅକ୍ଟୋବର ପର୍ଯ୍ୟନ୍ତ ବାତିଲ୍ ରହିବ । ଏହାସହ ୦୮୪୩୮/୦୮୪୩୭ କଟକ-ଭଦ୍ରକ-କଟକ ପାସେଞ୍ଜର ୧୪ ରୁ ୧୭ ଅକ୍ଟୋବର ପର୍ଯ୍ୟନ୍ତ ଉଭୟ ଦିଗରୁ ବାତିଲ୍ ରହିବ । ଏହା ବ୍ୟତୀତ ୧୮୦୦୫/୧୮୦୦୬ ହାଓଡ଼ା-ଜଗଦଳପୁର-ହାଓଡ଼ା ସମଲେଶ୍ୱରୀ ଏକ୍ସପ୍ରେସ ହାଓଡ଼ା ଠାରୁ ୧୬ ଅକ୍ଟୋବରରେ ଏବଂ ଜଗଦଳପୁର ଠାରୁ ୧୭ ଅକ୍ଟୋବରରେ ହାଓଡ଼ା ଓ ଟିଟିଲାଗଡ ମଧ୍ୟରେ ଚଳାଚଳ କରିବ ଏବଂ ଉଭୟ ଦିଗରୁ ଟିଟିଲାଗଡ ଓ ଜଗଦଳପୁର ମଧ୍ୟରେ ବାତିଲ ରହିବ । ୧୮୦୦୧/୧୮୦୦୨ ସମ୍ବଲପୁର-ରାୟଗଡା-ସମ୍ବଲପୁର ଏକ୍ସପ୍ରେସ ୧୬ ରୁ ୨୦ ଅକ୍ଟୋବର ପର୍ଯ୍ୟନ୍ତ ଉଭୟ ଦିଗରୁ ସମ୍ବଲପୁର ଏବଂ ଟିଟିଲାଗଡ ମଧ୍ୟରେ ଚଳାଚଳ କରିବ ଏବଂ ଟିଟିଲାଗଡ ଓ ରାୟଗଡା ମଧ୍ୟରେ ଉଭୟ ଦିଗରୁ ବାତିଲ ରହିବ । ୨୦୮୩୭/୨୦୮୩୮ ଭୁବନେଶ୍ୱର-ଜୁନାଗଡ଼ ରୋଡ-ଭୁବନେଶ୍ୱର ଏକ୍ସପ୍ରେସ ଭୁବନେଶ୍ୱର ଠାରୁ ୧୬ ରୁ ୧୯ ଅକ୍ଟୋବର ପର୍ଯ୍ୟନ୍ତ ଏବଂ ଜୁନାଗଡ଼ ରୋଡରୁ ୧୭ ରୁ ୨୦ ଅକ୍ଟୋବର ପର୍ଯ୍ୟନ୍ତ ଭୁବନେଶ୍ୱର ଓ ରାୟଗଡା ମଧ୍ୟରେ ଚଳାଚଳ କରିବ ଏବଂ ଉଭୟ ଦିଗରୁ ରାୟଗଡା ଏବଂ ଜୁନାଗଡ଼ ରୋଡ ମଧ୍ୟରେ ବାତିଲ ରହିବ । ସେହିପରି ହାଓଡ଼ା ଠାରୁ ୧୨୮୬୭ ହାଓଡ଼ା-ପୁଡୁଚେରୀ ସୁପର ଫାଷ୍ଟ, ବେଙ୍ଗାଲୁରୁରୁ ୧୨୨୪୬ ବେଙ୍ଗାଲୁରୁ-ହାଓଡ଼ା ଦୁରନ୍ତ ଏକ୍ସପ୍ରେସ ଏବଂ ହାଓଡ଼ା ଠାରୁ ୧୨୨୪୫ ହାଓଡ଼ା-ବେଙ୍ଗାଲୁରୁ ଦୁରନ୍ତ ଏକ୍ସପ୍ରେସ ଉତ୍ପତି ଷ୍ଟେସନ ମାନଙ୍କ ଠାରୁ ୧୬ ଅକ୍ଟୋବର ଦିନ କଟକ ରେଳ ଷ୍ଟେସନ ପରିବର୍ତେ କପିଳାସ ରୋଡ-ନରାଜ ମାର୍ଥାପୁର-ଭୁବନେଶ୍ୱର ମାର୍ଗ ଦେଇ ଚଳାଚଳ କରିବ ।

## ବିବେକାନନ୍ଦ ଶିକ୍ଷା କେନ୍ଦ୍ରରେ ବିଜ୍ଞାନ ମେଳା




ହଳଦୀପଦା, ୧୦/୧୦ (ନି.ପ୍ର): ସ୍ଥାନୀୟ ବିବେକାନନ୍ଦ ଶିକ୍ଷା କେନ୍ଦ୍ର ରେ ବାର୍ଷିକ ବିଜ୍ଞାନ ମେଳା ମହା ସମାରୋହରେ ଅନୁଷ୍ଠିତ ହୋଇ ଯାଇଛି । ଅନୁଷ୍ଠାନ ର ସଭାପତି ଶିତିକଣ୍ଠ ସାହୁଙ୍କ ସଭାପତିତ୍ୱରେ ଏହି ଉଦଘାଟନ ସଭା ରେ ମୁଖ୍ୟଅତିଥି ଭାବେ ଉତ୍କଳ ଶିକ୍ଷା ପରିଷଦ, ଓଡିଶାର ସମ୍ପାଦକ ଯୋଗେନ୍ଦ୍ର ଦାଶ ଯୋଗ ଦେଇ ପିଲାମାନଙ୍କର ଶିକ୍ଷାରେ ବିଜ୍ଞାନକୁ ଗୁରୁତ୍ୱ ଦେଇ ବୈଜ୍ଞାନିକ ପ୍ରତିଭାକୁ ବିକଶିତ କରିବାର ଆବଶ୍ୟକତା ରହିଛି ବୋଲି କହିଥିଲେ । ଅନୁଷ୍ଠାନର ପ୍ରଧାନ ଆଚାର୍ଯ୍ୟ ରତିକାନ୍ତ ଚୋଧୁରୀ ସ୍ୱାଗତ ଅଭିଭାଷଣ ସହ ଅତିଥି ପରିଚୟ କରିଥିଲେ, ସମ୍ମାନିତ ଅତିଥି ଭାବେ, ଅନୁଷ୍ଠାନ ର ସମ୍ପାଦକ କ୍ଷିତୀଶ କୁମାର ଜେନା, ଦୈତାରୀ ଉଚ୍ଚ ବିଦ୍ୟାଳୟ ର ବିଜ୍ଞାନ ଶିକ୍ଷକ ରତ୍ନାକର ଗୋଛାୟତ, ବିଜ୍ଞାନ ଶିକ୍ଷକ ଉତ୍ତମ ଦାସ, ପରିଷଦ କର୍ମକର୍ତ୍ତା ସୁରଜ ବାରିକ ପ୍ରମୁଖ ଯୋଗ ଦେଇ ବହୁମୂଲ୍ୟ ବକ୍ତବ୍ୟ ପ୍ରଦାନ କରିଥିଲେ । ଗୁରୁମା ଜ୍ୟୋତ୍ସ୍ନାରାଣୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ମେଳା ରେ ସର୍ବମୋଟ ୭୬ ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ପିଲାମାନଙ୍କ ଭିତରେ ବିଜ୍ଞାନ କୁଇଜ ଓ ବିଜ୍ଞାନ ଭିତିକ ଚିତ୍ରାଙ୍କନ ମଧ୍ୟ ପ୍ରତିଯୋଗିତା ହୋଇଥିଲା । ଏହି କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସମସ୍ତ ଗୁରୁଜୀ ଓ ଗୁରୁମା ଏହି ମେଳା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

ମଙ୍ଗଳବାର, ଅକ୍ଟୋବର ୧୧, ୨୦୨୨

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ‘ଇନ୍ଦ୍ରଧନୁ’ ପକ୍ଷରୁ କୁମାର ଉତ୍ସବ

ବାଲେଶ୍ୱର, ୧୦/୧୦(ନି.ପ୍ର): ବାଲେଶ୍ୱରର ଅନ୍ୟତମ ସାଂସ୍କୃତିକ ଅନୁଷ୍ଠାନ ‘ଇନ୍ଦ୍ରଧନୁ’ ଓ ସ୍ଥାନୀୟ ନୃତ୍ୟ ସଙ୍ଗୀତ କଳା ମନ୍ଦିର ପୁରାତନ ଛାତ୍ର ସଂସଦର ମିଳିତ ସହଯୋଗରେ ୬୪ତମ କୁମାର ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। କରୋନା କଟକଣା ପାଇଁ ଦୁଇବର୍ଷ ଧରି ଫିକା ପଡ଼ିଥିବା ଏହି ଉତ୍ସବ ଚଳିତବର୍ଷ ବେଶ ଆକର୍ଷଣୀୟ କରିବା ପାଇଁ ଉଭୟ ଅନୁଷ୍ଠାନ ପକ୍ଷରୁ ଉଦ୍ୟମ ହୋଇଛି। ନୃତ୍ୟ ସଙ୍ଗୀତ କଳା ମନ୍ଦିର ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ବାଲେଶ୍ୱର ପୌରପାଳ ସବିତା ସାହୁ ଓ ସମାଜସେବୀ ସୁବାସିନୀ ଜେନା ବରେଣ୍ୟ ଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦଘାଟନ କରିଥିଲେ। ଉତ୍କଳୀୟ ସଂସ୍କୃତିରେ କୁମାର ଉତ୍ସବର ମହତ୍ୱ ସମ୍ପର୍କରେ ଅତିଥିମାନେ ବିସ୍ତୃତ ଆଲୋଚନା କରିଥିଲେ। ଦୀର୍ଘ ୬୪ବର୍ଷ ଧରି ପରମ୍ପରା ଓ ସଂସ୍କୃତିକୁ ଉଜ୍ଜୀବିତ ରଖିବାରେ ଅନୁଷ୍ଠାନର ଉଦ୍ୟମ ବେଶ ପ୍ରଶଂସନୀୟ ବୋଲି ସେମାନେ କହିଥିଲେ। ଉତ୍ସବ କମିଟି ସଭାପତି ଶରତ ଚନ୍ଦ୍ର ଦାଶ ଏଥିରେ ପୌରୋହିତ୍ୟ କରିବା ସହ କୁମାର ଉତ୍ସବର ଇତିହାସ ଓ ପୌରାଣିକ ତଥ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ସଂପାଦକ ବ୍ରହ୍ମନାଥ ରଥ ପ୍ରକସୂଚନା ପ୍ରଦାନ ସହ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ। ନୃତ୍ୟ ସଙ୍ଗୀତ କଳାମନ୍ଦିର ପୁରାତନ ଛାତ୍ର ସାଂସଦର ଉପ-ସଭାପତି କଲ୍ୟାଣ ଚାନ୍ଦ ଏଥିରେ ଯୋଗଦେଇ ଆସନ୍ତା ବର୍ଷଠାରୁ ଏହି ଉତ୍ସବକୁ ବ୍ୟାପକ ଆକାରରେ ଆୟୋଜନ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ପୁରାତନ ଛାତ୍ର ସଂସଦର ଯୁଗ୍ମ ସଂପାଦକ ମଣିଭଦ୍ର ଦାସ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାରମ୍ଭରେ ନୃତ୍ୟ ସଙ୍ଗୀତ କଳାମନ୍ଦିରର ୪୫ଜଣ ଛାତ୍ରଛାତ୍ରୀ ଗୁରୁ ଭାସ୍କର ଚନ୍ଦ୍ର ଖିଲାରଙ୍କ ନିର୍ଦ୍ଦେଶନାରେ କୁମାର ପୂର୍ଣ୍ଣିମା ସଙ୍ଗୀତ ଗାନ କରିଥିଲେ। ସଭାପରେ ସ୍କୁଲର ୯୦ଜଣ ଛାତ୍ରୀ କୁଆଁର ପୁନେଇ ଗୀତରେ ନୃତ୍ୟ ପରିବେଷଣ କରିଥିଲେ। ନୃତ୍ୟ ଗୁରୁ ଉର୍ମିଳା ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ନୃତ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# କୁମାର ପୂର୍ଣ୍ଣମୀରେ ଆଖଡ଼ା ପ୍ରତିଯୋଗିତା ଓ ପୁରସ୍କାର ବିତରଣ ଉତ୍ସବ



ବାଲେଶ୍ୱର, ୧୦/୧୦(ନି.ପ୍ର): କୁମାର ପୂର୍ଣ୍ଣିମା ଅବସରରେ ମହାବୀର ଆଖଡ଼ା ସଂଘ ଓ ରାଜ୍ୟ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ମିଳିତ ଆନୁକୂଲ୍ୟରେ ଆଖଡ଼ା ପ୍ରତିଯୋଗିତା ଏବଂ ଦଶହରା ଆଖଡ଼ା ପୁରସ୍କାର ବିତରଣ ଉତ୍ସବ ରବିବାର ସଂଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ସହରର ମାକଲପୁରସ୍ଥିତ ମହାବୀର ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ଉତ୍ସବରେ ସଦର ବିଧାୟକ ସ୍ୱରୂପ କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହାବୀର ଆଖଡ଼ା ସଂଘ ସମେତ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଅନ୍ୟାନ୍ୟ ଆଖଡ଼ା ଦଳର କର୍ମକର୍ତ୍ତା ତଥା ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଲୁପ୍ତପ୍ରାୟ ପୁରାତନ ଉତ୍କଳୀୟ ସମରକଳା ଉଜ୍ଜୀବିତ ରଖିବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ବେଶ ସ୍ୱାଗତ ଯୋଗ୍ୟ ବୋଲି ସେ କହିଥିଲେ। ଏନେଇ ସେ ପୂର୍ବରୁ ରାଜ୍ୟ ସଂସ୍କୃତି ମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ। ଆଖଡ଼ା ଖେଳ ପାଇଁ ସରକାର ପ୍ରୋତ୍ସାହନ ଯୋଗାଇ ଦେଉଥିବା ବେଳେ ଆଗାମୀ ଦିନରେ ବାଲେଶ୍ୱର ଜିଲାର ଅଧିକରୁ ଅଧିକ ଆଖଡ଼ା ଦଳ ଖେଳ ପ୍ରଦର୍ଶନ ନିମନ୍ତେ ଉଚିତ ପଦକ୍ଷେପ ନେବା ପାଇଁ ବିଧାୟକ ଶ୍ରୀ ଦାସ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ଜିଲାପାଳ ଦତାତ୍ରୟ ଭାଉସାହେବ ଶିନ୍ଦେ ଏଥିରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ମହାନ ଉତ୍କଳୀୟ ସଂସ୍କୃତିରେ ଆଖଡ଼ା ଖେଳ ତଥା ପ୍ରାଚୀନ ସମର କଳା ପ୍ରଦର୍ଶନ ଏକ ନିଆରା ପରମ୍ପରା ବୋଲି କହିଥିଲେ। ଏହି ପରମ୍ପରାର ପୁନରୁଦ୍ଧାର ପାଇଁ ରାଜ୍ୟ ସଂସ୍କୃତି ବିଭାଗ ପକ୍ଷରୁ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ସେ ସୂଚନା ଦେଇଥିଲେ। ପୌରାଧ୍ୟକ୍ଷା ସବିତା ସାହୁ, ରେବତୀ ପତ୍ରିକାର ସମ୍ପାଦିକା ସମାଜସେବୀ ସୁବାସିନୀ ଜେନା, ଜିଲା ସଂସ୍କୃତି ଅଧିକାରୀ ଆଶିଷ କୁମାର ସାହୁ, ପୂର୍ବତନ ପୌରପାଳ ଆଲୋକ କୁମାର ସାହୁ ପ୍ରମୁଖ ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଏହି ପରମ୍ପରାକୁ ବଞ୍ଚାଇ ରଖିବାରେ ମହାବୀର ଆଖଡ଼ା ସଂଘର ଉଦ୍ୟମକୁ ଅତିଥିମାନେ ଭୂୟସୀ ପ୍ରଶଂସା କରିଥିଲେ।ଏବେ ରାଜ୍ୟ ସରକାର ପ୍ରୋତ୍ସାହନ ଯୋଗାଇ ଦେଉଥିବା ବେଳେ ଆଗାମୀ ଦିନରେ ଏହାକୁ ବ୍ୟାପକ ଆକାରରେ ଆୟୋଜନ ପାଇଁ ସେମାନେ ସଂଘର କର୍ମକର୍ତ୍ତାଙ୍କୁ ସେମାନେ ପରାମର୍ଶ ଦେଇଥିଲେ। ମହାବୀର ଆଖଡ଼ା ସଂଘର ସଭାପତି ଗୋପୀନାଥ ଶତପଥୀ ଏହି ଉତ୍ସବରେ ସଭାପତିତ୍ୱ କରିଥିବା ବେଳେ ସାଧାରଣ ସମ୍ପାଦକ ମନୋଜ କୁମାର ଦାସ ବିବରଣୀ ଉପସ୍ଥାପନ କରିଥିଲେ।

# ଉଦଳାରେ ଉତ୍କଳମଣି ଗୋପବନ୍ଧୁଙ୍କ ୧୪୫ ତମ ଜୟନ୍ତୀ ପାଳିତ



ଉଦଳା, ୧୦/୧୦(ନି.ପ୍ର): ପ୍ରତିବର୍ଷ ପରି ଚଳିତ ବର୍ଷ ଗୋପବନ୍ଧୁ ମେମୋରିଆଲ ସେବା ଟ୍ରଷ୍ଟ ଓ ଅଟୋ ମାଲିକ ସଂଘ ଉଦଳାର ମିଳିତ ଉଦ୍ୟମରେ ଉତ୍କଳମଣି ଗୋପବନ୍ଧୁଙ୍କ ୧୪୫ ତମ ଜୟନ୍ତୀ ପାଳିତ ହୋଇ ଯାଇଛି । ଏହି ଅବସରରେ ଆଲୋଚନାଚକ୍ର, କବିତାପାଠୋତ୍ସବ ଓ ସମ୍ବର୍ଦ୍ଧନା ପ୍ରଦାନର ପର୍ବ ଅନୁଷ୍ଠିତ ହୋଇଥିଲା । ପ୍ରଭାତରେ ସେବାଟ୍ରଷ୍ଟର ସଦସ୍ୟ ମାନେ ବିଜ୍ଞାପିତ ଅଞ୍ଚଳ ପରିଷଦ ତରଫରୁ ସହର ମଧ୍ୟରେ ପ୍ରତିଷ୍ଠା କରାଯାଇଥିବା ଉତ୍କଳମଣିଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ, ଧୂପ ଅର୍ପଣ ପୂର୍ବକ ପୂଜାର୍ଚ୍ଚନା କରିଥିଲେ । ଏହାପରେ ସମସ୍ତେ ଏକସ୍ୱରରେ ‘ବନ୍ଦେ ଉତ୍କଳ ଜନନୀ...’ ଗାନ କରିଥିଲେ । ଏହାପରେ ସ୍ଥାନୀୟ ଓକିଲ ସଂଘ ବୈଠକ ଗୃହ ପରିସରରେ ଅନୁଷ୍ଠିତ ଆଲୋଚନା ଚକ୍ରରେ ବିଧାୟକ ଭାସ୍କର ମଢ଼େଇ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ସେବା ଟ୍ରଷ୍ଟର କାର୍ଯ୍ୟକଳାପକୁ ଭୂୟସୀ ପ୍ରଶଂସା କରିଥିଲେ । ସେବା ଟ୍ରଷ୍ଟର ସଂପାଦକ ଆଇନଜୀବି ବସନ୍ତ କୁମାର ପରିଡ଼ା କାର୍ଯ୍ୟକ୍ରମରେ ଅଧକ୍ଷତା କରି ମୟୂରଭଞ୍ଜରେ ଗୋପବନ୍ଧୁଙ୍କ କାର୍ଯ୍ୟକଳାପ କିପରି ଥିଲା ବିସ୍ତୃତ ବର୍ଣ୍ଣନା କରିଥିଲେ । ଟ୍ରଷ୍ଟର ସଭାପତି ତଥା ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା ସେବା ଟ୍ରଷ୍ଟର ଜନ୍ମ ଓ ଏହାର କାର୍ଯ୍ୟକଳାପ ସଂପର୍କରେ ସମସ୍ତଙ୍କୁ ଅବଗତ କରାଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଗାଳ୍ପିକ ବସନ୍ତ କୁମାର ରାଉଳ, ଶିକ୍ଷାବିତ ରବିକାନ୍ତ ମହାପାତ୍ର ଯଥାକ୍ରମେ ମୁଖ୍ୟ ବକ୍ତା ଓ ସମ୍ମାନିତ ଅତିଥି ରୂପେ ଯୋଗ ଦେଇ ଗୋପବନ୍ଧୁଙ୍କ ସାହିତ୍ୟ କୃତି ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ । ଆଲୋଚନାରେ ନରେନ୍ଦ୍ର ରାଉତ, ରାମଚନ୍ଦ୍ର ସାହୁ, ଲକ୍ଷ୍ମୀଧର ପୁଥାଳ, ପ୍ରଫୁଲ୍ଲ କୁମାର ଖିଲାର, ସତ୍ୟବ୍ରତ ମିଶ୍ର, ଅଧାପକ ରଞ୍ଜନ ମହାପାତ୍ର ଓ ସୌମେନ୍ଦ୍ର ଦାସ ପ୍ରମୁଖ ଅଂଶ ଗ୍ରହଣ କରି ଗୋପବନ୍ଧୁଙ୍କ ତ୍ୟାଗମୟୀ ଜୀବନ କିପରି ମହାତ୍ମାଗାନ୍ଧୀଙ୍କୁ ପ୍ରଭାବିତ କରିଥିଲା ବ୍ୟକ୍ତ କରିଥିଲେ । ଏହା ପରେ ନମିତା ରାଉତ, ରୁକ୍ମଣୀ ସାହୁ ଓ ଅନିତା ବିଶ୍ୱାଳଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ ସନ୍ତୋଷ କୁମାର ସାହୁ, ଗୋଲକ ମହାରଣା, ଗୋପିନାଥ ସା, ଆଶିଷ ମଲ୍ଲିକ, ସର୍ବେଶ୍ୱର ବାରିକ, ମନୋମହନ ମିଶ୍ର, ତାପସ ଖଣ୍ଡା, ନାରାୟଣ ବେହେରା ସ୍ୱରଚିତ କବିତା ପାଠ କରିଥିଲୋ । ଏହି ଅବସରରେ ସାହିତ୍ୟ ଓ ସେବା ପାଇଁ ବସନ୍ତ କୁମାର ରାଉଳ, ଇନ୍ଦ୍ରଣୀ ବିନ୍ଧାଣୀ, ପ୍ରମିଳା ଜେନା ଓ ଶ୍ରୀକାନ୍ତ ପ୍ରସାଦ ବେହେରାଙ୍କୁ ମୁଖ୍ୟ ଅତିଥି ମାନପତ୍ର, ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ । ପ୍ରାରମ୍ଭରେ ମନୋରଂଜନ ମଲ୍ଲିକ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସୁବ୍ରତ କୁମାର ମାହାନ୍ତି କାର୍ଯ୍ୟକ୍ରମର ଶେଷ ସ୍ପର୍ଶ ଦେଇଥିଲେ ।

# ଓଡ଼ିଶା ଲଳିତ କଳା ଏକାଡେମୀର ଉପସଭାପତିଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି



ବାଲେଶ୍ୱର, ୧୦/୧୦(ନି.ପ୍ର): ବାଲେଶ୍ୱରରେ ଜନ୍ମିତ ଓଡ଼ିଶାର ବିଶିଷ୍ଟ ଓ ଗରିଷ୍ଠ ମୁଦ୍ରଣ ଚିତ୍ରଶିଳ୍ପୀ ତଥା ସରକାରୀ ଚାରୁ ଓ କାରୁକଳା ମହାବିଦ୍ୟାଳୟ, ଖଲ୍ଲିକୋଟ ର ପ୍ରାକ୍ତନ ଅଧ୍ୟାପକ ତଥା ଓଡ଼ିଶା ଲଳିତ କଳା ଏକାଡେମୀର ଉପସଭାପତି ଶ୍ରୀନିବାସ ପଢ଼ିଆରୀ ଗତ ତା୦୭.୧୦,୨୦୨୨ରିଖ ଶୁକ୍ରବାର ସକାଳ ସମୟରେ ଖଲ୍ଲିକୋଟ ସ୍ଥିତ ବାସଭବନରେ ଇହଧାମ ଛାଡ଼ିଯାଇଛନ୍ତି । ତାଙ୍କର ଅମର ଆତ୍ମାର ସଦଗତି ତଥା ସ୍ମୃତି ଚାରଣ ପାଇଁ ବାଲେଶ୍ୱରର ଚିତ୍ରଶିଳ୍ପୀ ପରିବାର ତରଫରୁ ଏକ ଶୋକ ସଭାର ଆୟୋଜନ କରାଯାଇଛି ଶାନ୍ତିକାନନ ପରିସରରେ । ଓଡ଼ିଶାରେ ବହୁ ମୁଦ୍ରଣ ଶିଳ୍ପୀ ଗଢ଼ିବା ସହ ମୁଦ୍ର କଳା ଆଧାରିତ ପୁସ୍ତକ ପ୍ରକାଶ କରିବା ସହ ମୁଦ୍ରଣ କଳାରେ ଓଡ଼ିଶା ଲଳିତ କଳା ଏକାଡେମୀ ପୁରସ୍କାର ସହ ବିଭିନ୍ନ ପୁରସ୍କାର ଓ ସମ୍ବର୍ଦ୍ଧନା ପାଇ ଓଡ଼ିଶାର ମୁଦ୍ରଣ କଳାକୁ ଆଗେଇ ନେଇଛନ୍ତି ବୋଲି ଉପସ୍ଥିତ ବାଲେଶ୍ୱରର ଚିତ୍ରଶିଳ୍ପୀମାନେ ସ୍ମୃତିଚାରଣ ବକ୍ତବ୍ୟ ରଖିଥିଲେ । ଆବାହକ ଶିଳ୍ପୀ ମରୁତ ରାଉତ ଶୋକସଭା ପରିଚାଳନା କରିଥିବା ବେଳେ ଶିଳ୍ପୀ ଶିରିଶ ଚାନ୍ଦ, ବ୍ରଜ ଷଡ଼ଙ୍ଗୀ, କେଶୁଦାସ, ପ୍ରତାପ ସିଂ, ତାପସ ପଣ୍ଡା, ବିଶ୍ୱଜିତ ପରମାଣିକ, ଅରୁଣ ଜେନା, ନିତ୍ୟାନନ୍ଦ ସାହୁ, ତୃପ୍ତିଲତା ସାହୁ, କ୍ରିଷ୍ଣା ଦେବଗୋସ୍ୱାମୀ ଯୋଗ ଦେଇ ଫୋଟଚିତ୍ରରେ ପୁଷ୍ପ ପ୍ରଦାନ ପୂର୍ବକ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇ ଥିଲା । ଶେଷରେ ଦେବାଶିଷ ପତି ଧନ୍ୟବାଦ ପ୍ରଦାନ କରିଥିଲେ ।

## ରାଜ୍ୟରେ ନୂଆ ୭୯ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୧୦/୧୦(ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୭୯ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ୍ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୩୩୪୯୫୫ କୁ ବୃଦ୍ଧି ପାଇଛି। ନୂଆ ଚିହ୍ନଟ ୭୯ ଆକ୍ରାନ୍ତଙ୍କ ମଧ୍ୟରୁ ୪୬ ଜଣ କ୍ୱାରେଂଟାଇନ (ସଙ୍ଗରୋଧ)ରୁ ଏବଂ ୩୩ ଜଣ ଲୋକାଲ୍ କଂଟାକ୍ଟ (ସ୍ଥାନୀୟ ସମ୍ପର୍କ)ରୁ ରହିଛନ୍ତି। ସେହିପରି ୦ ରୁ ୧୮ ବର୍ଷ ମଧ୍ୟରେ ୩ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଥିବା ନେଇ ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ୍ କରି ସୂଚନା ଦିଆଯାଇଛି । ଅନ୍ୟପକ୍ଷରେ ନୂଆ ୭୫ ଜଣ ସୁସ୍ଥ ହେବା ପରେ ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୩୨୫୧୧୧ ରେ ପହଂଚିଛି। ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୫୯୨ ରହିଛି । ରାଜ୍ୟରେ ଆଜି ଚିହ୍ନଟ ହୋଇଥିବା ୭୯ ସଂକ୍ରମିତଙ୍କ ମଧ୍ୟରୁ ଅନୁଗୁଳ ଜିଲ୍ଲାରେ ୧, ବାଲେଶ୍ୱର ଜିଲ୍ଲାରେ ୧୦, ବରଗଡ଼ ଜିଲ୍ଲାରେ ୨, କଟକ ଜିଲ୍ଲାରେ ୨, ଗଞ୍ଜାମ ଜିଲ୍ଲାରେ ୧, ଜଗତସିଂହପୁର ଜିଲ୍ଲାରେ ୩, ଯାଜପୁର ଜିଲ୍ଲାରେ ୨, ଝାରସୁଗୁଡ଼ା ଜିଲ୍ଲାରେ ୧, କେନ୍ଦୁଝର ଜିଲ୍ଲାରେ ୧ ଏବଂ ଖୋର୍ଦ୍ଧା ଜିଲ୍ଲାରେ ୧୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି।

## ବାରିପଦା ଷ୍ଟାଡିୟମରେ ଜିଲ୍ଲା ସ୍ତରୀୟ ଆନ୍ତଃବିଦ୍ୟାଳୟ ଫୁଟବଲ ଟୁର୍ଣ୍ଣାମେଣ୍ଟ

ବାରିପଦା, ୧୦/୧୦(ନି.ପ୍ର): ସ୍ଥାନୀୟ ବାରିପଦା ଷ୍ଟାଡିୟମ ପଡିଆରେ ମୟୁରଭଞ୍ଜ ଜିଲ୍ଲା ଶିକ୍ଷା ବିଭାଗ ଆନୁକୂଲ୍ୟରେ ତଥା ମୟୁରଭଞ୍ଜ ଏଥଲେଟିକ ଆସୋସିଏସନର ସହଯୋଗୀତାରେ ୧୭ ବର୍ଷରୁ କମ ଜିଲ୍ଲା ସ୍ତରୀୟ ଆନ୍ତଃ ବିଦ୍ୟାଳୟ ଉଭୟ ବାଳକ ଓ ବାଳିକା ବିଭାଗରେ ଫୁଟବଲ ଟୁର୍ଣ୍ଣାମେଣ୍ଟ ଚଳିତ ମାସ ୧୧ରୁ ୧୭ ତାରିଖ ମଧ୍ୟରେ ଅନୁଷ୍ଠିତ ହେବାକୁ ଯାଉଅଛି । ଏହି ଟୁର୍ଣ୍ଣାମେଣ୍ଟରେ ବାଳକ ବିଭାଗରେ ୨୬ ଟି ଦଳ ଓ ବାଳିକା ବିଭାଗରେ ୨୧ ଟି ଦଳ ଅଂଶ ଗ୍ରହଣ କରୁଛନ୍ତି । ପ୍ରତ୍ୟେକ ଦିନ ପୂର୍ବାହ୍ନରେ ବାଳକ ବିଭାଗର ୪ ଟି ମ୍ୟାଚ ଓ ଅପରାହ୍ନରେ ବାଳିକା ବିଭାଗର ୩ ଟି ମ୍ୟାଚ ଅନୁଷ୍ଠିତ ହେବ ବୋଲି ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଭାଗିରଥି ମଲ୍ଲିକ ଜଣାଇଛନ୍ତି । ପ୍ରକାଶ ଥାଉକି କଳିଙ୍ଗ ଷ୍ଟାଡିୟମଠାରେ ଫିଫା ଆନୁକୂଲ୍ୟରେ ୧୭ ବର୍ଷରୁ କମ ଅନ୍ତର୍ଜାତୀୟ ମହିଳା ଫୁଟବଲ ଟୁର୍ଣ୍ଣାମେଣ୍ଟ ମଧ ଏହି ୧୧ରୁ ୧୭ ତାରିଖ ମଧ୍ୟରେ ଅନୁଷ୍ଠିତ ହେବାକୁ ଯାଉଥିବା ବେଳେ ସାରା ଓଡିଶାରେ ଯୁବ ଖେଳାଳି ମାନଙ୍କୁ ଉତ୍ସାହିତ କରିବା ପାଇଁ ଟୁର୍ଣ୍ଣାମେଣ୍ଟ ହେଉଥିବା ବେଳେ ଆମ ଜିଲାରେ ମଧ ଏହି ଟୁର୍ଣ୍ଣାମେଣ୍ଟର ଆୟୋଜନ କରାଯାଉଛି ବୋଲି ଜିଲ୍ଲା ଶିକ୍ଷା ଅଧିକାରୀ ନବ କିଶୋର ଗିରିଙ୍କ ସୂତ୍ରରୁ ପ୍ରକାଶ ଓ ଆସନ୍ତା କାଲି ଅପରାହ୍ନ ୩ ଟା ୩୦ ମିନିଟରେ ଅନୁଷ୍ଠାନିକ ଭାବେ ଏହି ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହେବ । ବାରିପଦା ଷ୍ଟାଡିୟମରେ ଅନୁଷ୍ଠିତ ହେଉଥିବା ଏହି ଟୁର୍ଣ୍ଣାମେଣ୍ଟ ମାଧ୍ୟମରେ ଜିଲ୍ଲାର ପ୍ରତିଭାବାନ ଯୁବ ଫୁଟବଲ ଖେଳାଳି ମାନଙ୍କୁ ଚିହ୍ନଟ କରାଯାଇପାରିବ ବୋଲି ମୟୁରଭଞ୍ଜ ଏଥଲେଟିକ ଆସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ ଏବଂ ଫୁଟବଲ ସହ ସମ୍ପାଦକ ଅମର କୁମାର ସେଠି ଆଶା ପୋଷଣ କରିଛନ୍ତି ।

# ଓଏସ ପାଇଲେ ଆଦିବାସୀ ଝିଅ ରାଜେଶ୍ୱରୀ



ବାଲିଆପାଳ, ୧୦/୧୦(ନି.ପ୍ର): ଓଡିଶା ପ୍ରଶାସନିକ ସେବା ପରୀକ୍ଷାରେ ବାଲିଆପାଳ ବ୍ଲକବାସୁଦେବପୁରଗ୍ରାମର ଆଦିବାସୀ ଝିଅ ରାଜେଶ୍ୱରୀ ମାଝୀ ୩୫୬ ର୍ୟାଙ୍କ ରଖି ଜଣେ ଉଚ୍ଚପଦସ୍ଥ ପ୍ରଶାସନିକ ଅଧିକାର ହେବା ପାଇଁ ସଫଳତା ଅର୍ଜନ କରିଛନ୍ତି ।ରାଜେଶ୍ୱରୀ ଅବସରପ୍ରାପ୍ତ ଶିକ୍ଷକ ବମାଳି ମଝୀ ଏବଂ ମାତା ସ୍ୱର୍ଗତାଃ ଦ୍ରୋପଦୀ ମାଝୀ ଙ୍କ ସାନ ଝିଅ ।ରାଜେଶ୍ୱରୀ ଉଦୟନାରାୟଣ ଉଚ୍ଚ ବିଦ୍ୟାଳୟରୁ ୨୦୧୧ ମସିହାରେ ୮୦ପ୍ରତିଶତ ନମ୍ବର ରଖି ଉତିର୍ଣ୍ଣ ହୋଇଥିଲେ । ରେଭେନ୍ସା ଜୁନିୟର କଲେଜରେ ଯୁକ୍ତ ଦୁଇ, ଫକୀର ମୋହନ ଅଟୋନମାସ କଲେଜରେ ଯୁକ୍ତ ତିନି ଏବଂ ଉତ୍କଳ ୟୁନିଭରସିଟିରେ ଉଭିଦ ବିଜ୍ଞାନରେ ପୋଷ୍ଟ ଗ୍ରାଜୁଏଟ ପାଶ କରି ଓ ଏସ ପରୀକ୍ଷା ପାଇଁ ପ୍ରସ୍ତୁତି କରୁଥିଲେ । ଏବଂ ପ୍ରଥମ ପରୀକ୍ଷାରେ ସେ ଏହି ସଫଳତା ଅର୍ଜନ କରିଛନ୍ତି ।ଭବଷ୍ୟତରେ ଜଣେ ଆଇଏଏସ ହେବାର ଲକ୍ଷ୍ୟ ରଖିଛନ୍ତି ରାଜେଶ୍ୱରୀ ।ରାଜେଶ୍ୱରୀ ଙ୍କ ଏହି ସଫଳତା ପରେ ପରିବାରରେ ଖୁସିର ଲହରୀ ଖେଳିଯାଇଛି। ରାଜେଶ୍ୱରୀ ଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି ।

## ଗଣକବି ବୈଷ୍ଣବ ପାଣିଙ୍କ ଜୟନ୍ତୀରେ ଶ୍ରଦ୍ଧାଂଜଳି ଜଣାଇଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ

ଭୁବନେଶ୍ୱର, ୧୦/୧୦(ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଣକବି ବୈଷ୍ଣବ ପାଣିଙ୍କ ଜୟନ୍ତୀରେ ଶ୍ରଦ୍ଧାଂଜଳି ଜଣାଇଛନ୍ତି । ସେ ଟ୍ୱିଟ କରି କହିଛନ୍ତି ଯେ -ବିଶିଷ୍ଟ ସାହିତ୍ୟିକ ତଥା ସମାଜ ସଂସ୍କାରକ ଗଣକବି ବୈଷ୍ଣବ ପାଣିଙ୍କ ଜୟନ୍ତୀରେ ମୋର ଶ୍ରଦ୍ଧାଞ୍ଜଳି ଜଣାଉଛି। ଓଡ଼ିଆ ଐତିହ୍ୟ, ସଂସ୍କୃତି ଓ ପରମ୍ପରାର ପ୍ରସାର ସହ ଯାତ୍ରା ଏବଂ ଗୀତିନାଟ୍ୟରେ ଯୁଗାନ୍ତକାରୀ ପରିବର୍ତ୍ତନ ଆଣିବାରେ ତାଙ୍କର ବହୁମୂଲ୍ୟ ଅବଦାନ ସର୍ବଦା ସ୍ମରଣୀୟ।

# ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ପାଳିତ



ବାରିପଦା, ୧୦/୧୦(ନି.ପ୍ର): ଜିଲ୍ଲାର ଅଗ୍ରଣୀ ସାରସ୍ୱତ ଅନୁଷ୍ଠାନ ବାରିପଦାସ୍ଥିତ ଗୋପବନ୍ଧୁ ସାହିତ୍ୟ ସଂସଦ ତରଫରୁ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୧୪୫ତମ ଜୟନ୍ତୀ ପାଳିତ ହୋଇଯାଇଛି। ସଂସଦର ଉପଦେଷ୍ଟା ଆକ୍ଷୟ ଅଗ୍ରୱାଲଙ୍କ ବାହକତ୍ୱରେ ଅନୁଷ୍ଠିତ ଏହି ଜୟନ୍ତୀ ସମାରୋହରେ ବିଶିଷ୍ଟ ପ୍ରବଚକ ଜାତୀୟ ପୁରସ୍କାର ପ୍ରାପ୍ତ ଶିକ୍ଷକ ଭାଗବତ ପଣ୍ଡା, ମୟୂରଭଞ୍ଜ ସାହିତ୍ୟ ଏକାଡେମୀ ସଭାପତି ଡ. ସରୋଜ ନାୟକ, ପଣ୍ଡାପାଳ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅମିତାଭ ମିଶ୍ର, ସଂସଦର ସଦସ୍ୟ ଦୀପକ ରାମ, ଶିକ୍ଷକ ପ୍ରଦୀପ କୁମାର ଚୌଧୁରୀ, ଅବସରପ୍ରାପ୍ତ ଅଧକ୍ଷ ଗଙ୍ଗାଧର ବେହେରା, ଇଂ ସୂରଜ ତ୍ରିପାଠୀ ପ୍ରମୁଖ ଯୋଗଦେଇ ପୁଣ୍ୟାତ୍ମାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ତାଙ୍କ ଜୀବନାଦର୍ଶ ବିଶେଷ କରି ମୟୂରଭଞ୍ଜ ସହିତ ତାଙ୍କର ସ୍ମୃତି ସମ୍ପର୍କରେ ଆଲୋକପାତ କରିଥିଲେ। ସାହିତ୍ୟ ସଂସଦ ତରଫରୁ ଆଗାମୀ ଦିନରେ ବିଦ୍ୟାଳୟମାନଙ୍କରେ ପୁଣ୍ୟାତ୍ମାଙ୍କ ଲିଖିତ ସାହିତ୍ୟକୃତୀ ସମ୍ପର୍କର ଆଲୋଚନା ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। କାର୍ଯ୍ୟକ୍ରମରେ ସଂସଦର ସମସ୍ତ ସଦସ୍ୟ ସକ୍ରିୟ ଅଂଶଗ୍ରହଣ କରିଥିଲେ।

# ବାଲେଶ୍ୱରରେ ଶ୍ରଦ୍ଧାର ସହ ସମ୍ପନ୍ନ ଲକ୍ଷ୍ମୀପୂଜା

ବାଲେଶ୍ୱର, ୧୦/୧୦(ନି.ପ୍ର): ବାଲେଶ୍ୱର ସହର ସମେତ ସମଗ୍ର ଜିଲ୍ଲାରେ ଶ୍ରଦ୍ଧା ଓ ଭକ୍ତିର ସହ ଅନୁଷ୍ଠିତ ହୋଇଯାଇଛି ମା ଲକ୍ଷ୍ମୀଙ୍କ ପୂଜା। ଘରୋଇ ପୂଜା ଠାରୁ ଆରମ୍ଭ କରି ସାର୍ବଜନୀନ ମଣ୍ଡପ ଗୁଡିକରେ ବୈଦିକ ରୀତିନୀତି ଅନୁସାରେ ମା ଲକ୍ଷ୍ମୀଙ୍କୁ ଅର୍ଚ୍ଚନ କରାଯାଇଛି। ଶାରଦୀୟ ଦୂର୍ଗାପୂଜା ପରେ ଶୂନ୍ୟତା ବିରାଜମାନ କରୁଥିବା ବେଳେ ମା ଲକ୍ଷ୍ମୀଙ୍କ ପୂଜା ପାଇଁ ପୁଣି ଚଳ ଚଂଚଳ ହୋଇ ଉଠିଛି ବାଲେଶ୍ୱର ସହର। ମାଆ ଦୁର୍ଗାଙ୍କୁ ମେଲାଣି ଦେବା ପରେ ଅଧିକାଂଶ ସାର୍ବଜନନୀନ ମଣ୍ଡପରେ ମାଆ ଲକ୍ଷ୍ମୀଙ୍କର ପୂଜା କରାଯାଇଥିବା ଦେଖିବାକୁ ମିଳିଛି। ପୂଜା ମଣ୍ଡପମାନଙ୍କରେ ମାଆଙ୍କ ମୃଣ୍ମୟ ମୂର୍ତି ସାଙ୍ଗକୁ ତୋରଣ ଓ ଆଲୋକସଜ୍ଜା ବେଶ ଆକର୍ଷଣୀୟ ହୋଇଛି। ମା ଲକ୍ଷ୍ମୀଙ୍କ ପୂଜା ପାଇଁ ଆବାଳ ବୃଦ୍ଧ ବନୀତା ବେଶ୍ ତତ୍ପର ଥିବା ଦେଖିବାକୁ ମିଳିଛି। ଶାସ୍ତ୍ରୀୟ ବିଧି ଅନୁସାରେ ରବିବାର କୁମାର ପୂର୍ଣ୍ଣମୀ ରାତିରେ ମା ଲକ୍ଷ୍ମୀଙ୍କ ପୂଜା କରାଯାଇଥିଲା। ମା’ଙ୍କର ଷୋଡ଼ଶ ଉପଚାର ପୂଜାରେ ବେଦଜ୍ଞ ବ୍ରାହ୍ମଣଙ୍କ ମନ୍ତ୍ର ଧ୍ୱନିରେ ପୂଜା ମଣ୍ଡପରେ ଭକ୍ତମୟ ପରିବେଶ ସୃଷ୍ଟି ହୋଇଥିଲା। ଭକ୍ତମାନେ ଶ୍ରଦ୍ଧାର ସହ ସଂକଳ୍ପ କରି ନିଜ ପରିବାରର ଶୁଭ ମନାସୀ ମାଆଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ରାତି ପ୍ରାୟ ୧୦ଟା ପରେ ଘରୋଇ ଓ ସାର୍ଜନୀନ ମଣ୍ଡପଗୁଡ଼ିକ ପକ୍ଷରୁ ଧାର୍ଯ୍ୟ ସମୟ ନିର୍ଘଂଟ ଅନୁସାରେ ଘଟ ଉତ୍ତୋଳନ ପରେ ମାଆଙ୍କ ଶୋଡ଼ଷ ଉପଚାର ପୂଜା ଆରମ୍ଭ ହୋଇଥିଲା। ପୂଜା ସମୟରେ ଘଂଟଘଂଟା, ଶଂଖ ହୁଳହୁଳି ଓ ବିଭିନ୍ନ ପ୍ରକାର ବାଜାର ଧ୍ୱନିରେ ପୂଜାସ୍ଥଳ ଗୁଡ଼ିକରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥିଲା। ମାଆଙ୍କୁ ଡାଲା ଅର୍ପଣ ପାଇଁ ବିଳମ୍ବିତ ରାତ୍ରୀ ପର୍ଯ୍ୟନ୍ତ ବିଭିନ୍ନ ପୂଜା ମଣ୍ଡପରେ ବ୍ରତଧାରୀଙ୍କ ବେଶ୍ ଭିଡ଼ ଲାଗିଥିବା ପରିଲକ୍ଷିତ ହୋଇଥିଲା।

# ବରିଷ୍ଠ ନେତା ନରେନ୍ଦ୍ର ନାଥ ନାୟକଙ୍କ ବିୟୋଗରେ ରାଜ୍ୟ ବିଜେପିର ଶୋକ

ଭୁବନେଶ୍ୱର, ୧୦/୧୦(ନି.ପ୍ର): ବରିଷ୍ଠ ବିଜେପି ନେତା, ଅନୁସୂଚିତ ଜାତି ମୋର୍ଚ୍ଚା ପୂର୍ବତନ ରାଜ୍ୟ ସାଧାରଣ ସଂପାଦକ ତଥା ବିଧାୟକ ପ୍ରାର୍ଥୀ ନରେନ୍ଦ୍ର ନାଥ ନାୟକ(ନରି ଭାଇ)ଙ୍କ ବିୟୋଗରେ ରାଜ୍ୟ ବିଜେପି ତରଫରୁ ଗଭୀର ଶୋକ ବ୍ୟକ୍ତ କରାଯାଇଛି । ଜୟଦେବ ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀ ସ୍ୱର୍ଗତଃ ନରେନ୍ଦ୍ର ନାୟକ(ନରି ଭାଇ)ଙ୍କ ଅକାଳ ବିୟୋଗ ଅତ୍ୟନ୍ତ ଦୁଃଖଦାୟକ ଏବଂ ବିଜେପି ପରିବାର ପାଇଁ ଅପୂରଣୀୟ କ୍ଷତି । ପାର୍ଟିର ତୃଣମୂଳ ସ୍ତରରେ ସାଂଗଠନିକ କାର୍ଯ୍ୟକୁ ସୁଦୃଢ଼ କରିବାରେ ତାଙ୍କ ଅବଦାନ ଚିର ସ୍ମରଣୀୟ ହୋଇରହିବ। ସ୍ୱର୍ଗତଃ ନାୟକଙ୍କ ଅମର ଆତ୍ମାର ସଦଗତି କାମନା କରିବା ସହିତ ଏଭଳି ଦୁଃଖଦଃ ସମୟରେ ଶୋକସନ୍ତପ୍ତ ପରିବାରବର୍ଗ ଏବଂ ବନ୍ଧୁଜନଙ୍କୁ ଅସୀମ ଧର୍ଯ୍ୟ ପ୍ରଦାନ କରିବା ପାଇଁ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ରାଜ୍ୟ ସଭାପତି ସମୀର ମହାନ୍ତି ପ୍ରାର୍ଥନା କରିଛନ୍ତି । ସ୍ୱର୍ଗତଃ ନାୟକ ଭୁବନେଶ୍ୱରର କଳିଙ୍ଗ ହସ୍ପିଟାଲରେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। ମୃତ୍ୟୁବେଳକୁ ତାଙ୍କୁ ୬୩ବର୍ଷ ହୋଇଥିଲା। ରାଜ୍ୟ କାର୍ଯ୍ୟାଳୟରେ ସ୍ୱର୍ଗତଃ ନାୟକଙ୍କ ପାର୍ଥିବ ଶରୀରରେ ରାଜ୍ୟ ଉପ ସଭାପତି ଶ୍ରୀ ଭୃଗୁ ବକ୍ସିପାତ୍ର ଦଳୀୟ ପତାକା ପ୍ରଦାନ କରି ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ । ସ୍ୱର୍ଗତଃ ନାୟକଙ୍କ ଅକାଳ ବିୟୋଗରେ ରାଜ୍ୟ ସାଧାରଣ ସଂପାଦିକା ଡ. ଲେଖାଶ୍ରୀ ସାମନ୍ତସିଂହାର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶାରଦା ଶତପଥୀ, ସୁଦର୍ଶନ ନାୟକ, ସ୍ୱଚ୍ଛ ଭାରତ ରାଜ୍ୟ ସଂଯୋଜକ ମହେଶ୍ୱର ମହାନ୍ତି ସମେତ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ଶେଷଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ ।

# ଜିଲ୍ଲାସ୍ତରୀୟ କୁମ୍ଭାର ସମାଜ ସଭା ଅନୁଷ୍ଠିତ



ବାରିପଦା, ୧୦/୧୦(ନି.ପ୍ର): ମୟୂରଭଞ୍ଜ କୁମ୍ଭାର ଉନ୍ନୟନ ପରିଷଦର ସଭାପତି ଭୀମଚରଣ ରାମଙ୍କ ପୌରହିତରେ ବାରିପଦାସ୍ଥିତ ରୋଟାରୀ କ୍ଲବ୍ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ କୁମ୍ଭାର ସମାଜ ସଭା ଅନୁଷ୍ଠିତ ହୋଇଯାଇଛି। ଅତିଥିଭାବେ ରାଇରଙ୍ଗପୁର କୁମ୍ଭାର ସମାଜର ବରିଷ୍ଠ ସଦସ୍ୟ ବାସୁଦେବ ବେହେରା ଓ ଯୁବ ସଦସ୍ୟା ଦ୍ରୌପଦୀ ବେହେରା, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବିଭୂତି ଭୂଷଣ ବେହେରା, ମୋରଡା କୁମ୍ଭାର ସମାଜର ସଦସ୍ୟ ଶଶାଙ୍କ ଶେଖର ବେହେରା ଓ ଅଶୋକ ବେହେରା ପ୍ରମୁଖ ଯୋଗଦେଇ କୁମ୍ଭାର ସମାଜର ପରସ୍ପର ଭାଇଚାରା ଓ ଭାତୃଭାବ ସୃଷ୍ଟି କରି ପରସ୍ପର ମଧ୍ୟରେ ସହଯୋଗ ମନୋଭାବ ସୃଷ୍ଟି କରିବା ଆବଶ୍ୟକ ବୋଲି ସମସ୍ତେ ମତପୋଷଣ କରିଥିଲେ। ଚଳିତ ମାସ ଅକ୍ଟୋବର ୧୬ ତାରିଖରେ ଯାଜପୁର ଜିଲ୍ଲାରେ ହେବାକୁ ଥିବା ରାଜ୍ୟସ୍ତରରେ ସଭାରେ ଯୋଗ ଦେବା ପାଇଁ ସମସ୍ତ ସଭ୍ୟମାନଙ୍କୁ କହିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସଞ୍ଜୟ ରାମ, ଜଗତ ଜୀବନ ରାମ, ଗଣେଶ ରାମ, ବିନୋଦ ରାମ, ପରେଶ ଚନ୍ଦ୍ର ପାତ୍ର, ସୁରେଶ ଚନ୍ଦ୍ର ପାତ୍ର ପ୍ରମୂଖ ସହଯୋଗ କରିଥିଲେ। ଅତିଥି ପରିଚୟ ଓ ଧନ୍ୟବାଦ ଅର୍ପଣ ଦୀପକ ରାମ କରିଥିଲେ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo